

ଆଇସିସି ର୍ୟାଙ୍କିଙ୍ଗ: ଟପ୍ ୧୦କୁ ଫେରିଲେ ପନ୍ତ

ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 187 | ଭାଗ ୩୨ | ସଂଖ୍ୟା ୧୮୭
Bhubaneswar | Thursday 26 September 2024 | Page 8 ₹ 4.00
ଭୁବନେଶ୍ୱର | ଗୁରୁବାର ୨୬ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଶ୍ରୀମନ୍ଦିରରେ ନିଯୁକ୍ତ ହେବେ ଫୁଡ୍ ଅଫିସର

**ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ସଂସ୍କାର ପ୍ରକ୍ରିୟା ଜାରି ରଖିଛନ୍ତି ରାଜ୍ୟ ସରକାର। ଚାରି ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଅନୁଧ୍ୟାନ ଆଦି ପରେ ଭୋଗର ମାନ ଯାଞ୍ଚ ପାଇଁ ପଦକ୍ଷେପ ନେବାକୁ ଯାଉଛନ୍ତି ସରକାର। ମହାପ୍ରସାଦର ଓ ଶୁଖିଲି ଭୋଗର ମାନ ଯାଞ୍ଚ ସହ ଶ୍ରୀମନ୍ଦିର ଭିତରେ ବ୍ୟବହାର କରାଯାଉଥିବା ଭୋଗ ସଂପର୍କୀତ ସାମଗ୍ରୀ ଏବଂ ଘିଅର ମଧ୍ୟ ଶୁଦ୍ଧତା ତଦାରଖ କରାଯିବ। ଏଥିପାଇଁ ଫୁଡ ଅଫିସର ନିଯୁକ୍ତ ହେବେ। ଏନେଇ ଖୁବଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ବିଶେଷ କରି ଭୋଗର ମାନ ଏବଂ ଏଥିରେ ବ୍ୟବହୃତ ସମଗ୍ର ସାମଗ୍ରୀ ବାବଦରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ରହିବ।

# ଜାପାନକୁ ପଛରେ ପକାଇଲା ଭାରତ



ଏସିଆର ଶକ୍ତିଶାଳୀ ଦେଶ ତାଲିକାରେ ତୃତୀୟ

**ନୂଆଦିଲ୍ଲୀ, ୨୫।୯:** ବିକାଶ ଦିଗରେ ଦ୍ରୁତ ଗତିରେ ଭାରତ ଆଗେଇ ଚାଲିଛି। ଦୁନିଆର ୫ମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିବା ଆମ ଦେଶ ଏସିଆରେ ନିଜର ପ୍ରଭାବ ବିସ୍ତାର କରିଚାଲିଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଏସିଆ ପାୱାର ଇଣ୍ଡେକ୍ସରେ ଜାପାନକୁ ପଛରେ ପକାଇ ଭାରତ ତୃତୀୟ ବୃହତ୍ତମ ଶକ୍ତିରେ ପରିଣତ ହୋଇଛି। ଦେଶର ଗତିଶୀଳ ଅଭିବୃଦ୍ଧି, ଯୁବ ଜନସଂଖ୍ୟା ଏବଂ ବିସ୍ତାରିତ ଅର୍ଥବ୍ୟବସ୍ଥା ଦ୍ୱାରା ଏହି ସଫଳତା ମିଳିଛି ଏବଂ ଏହି କ୍ଷେତ୍ରରେ ଏକ ଅଗ୍ରଣୀ ଶକ୍ତି ଭାବରେ ଭାରତ ନିଜର ସ୍ଥିତି ସୁଦୃଢ଼ କରିଛି। ୨୦୨୪ ଏସିଆ ପାୱାର ଇଣ୍ଡେକ୍ସରେ ମିଳିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ଆଞ୍ଚଳିକ ଶକ୍ତି ମାନ୍ୟତାରେ ଭାରତର କ୍ରମାଗତ ଉନ୍ନତି। ଭାରତ ଏହାର ସମ୍ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବା ସହ ଏହି ଅଞ୍ଚଳରେ ନିଜର ପ୍ରଭାବ ପ୍ରୟୋଗ କରିବାକୁ ଚାହୁଁଛି। ଭାରତର ଅଭିବୃଦ୍ଧି ପଛରେ ପ୍ରମୁଖ କାରଣ ହେଉଛି ମହାମାରୀ ପରବର୍ତ୍ତୀ ଆର୍ଥିକ ପୁନରୁଦ୍ଧାରରେ ଭାରତ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି, ଯାହା ଏହାର ଆର୍ଥିକ କ୍ଷମତାରେ ୪.୨ ପଏଣ୍ଟ ବୃଦ୍ଧିରେ ଯୋଗଦାନ କରିଛି। ଭାରତର ବିଶାଳ ଜନସଂଖ୍ୟା ଏବଂ ଦୃଢ଼ ଜିଡିପି ଅଭିବୃଦ୍ଧି ପିପିପି ଦୃଷ୍ଟିରୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଭାରତର ଭବିଷ୍ୟତ ସମ୍ବଳ ସ୍କୋର ୮.୨ ପଏଣ୍ଟ ବୃଦ୍ଧି ପାଇଛି, ଯାହା ଏକ ସମ୍ଭାବ୍ୟ ଜନସଂଖ୍ୟାଗତ ଲାଭର ସଙ୍କେତ ଦେଉଛି। ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ ବିଶେଷକରି ଚୀନ୍ ଏବଂ ଜାପାନ ଭଳି ଭାରତ ଏକ ଯୁବ ଜନସଂଖ୍ୟାରୁ ଲାଭବାନ ହୋଇଛି ଯାହା ଆଗାମୀ ଦଶନ୍ଧିରେ ଆର୍ଥିକ ଅଭିବୃଦ୍ଧି ଏବଂ ଶ୍ରମ ଶକ୍ତି ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିଛି। ଭାରତର ଗୋଷ୍ଠୀ ନିରପେକ୍ଷ ରଣନୀତିକ ଆଭିମୁଖ୍ୟ ନୂଆଦିଲ୍ଲୀକୁ ଜଟିଳ ଅନ୍ତର୍ଜାତୀୟ ଜଳସୀମାରେ ପ୍ରଭାବଶାଳୀ ଢଙ୍ଗରେ ଯାତାୟାତ କରିବାକୁ ଅନୁମତି ଦେଇଛି। ୨୦୨୩ରେ କୂଟନୀତିକ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଭାରତ ଷଷ୍ଠ ସ୍ଥାନରେ ରହିଛି, ଯାହା ବହୁପକ୍ଷୀୟ ମଞ୍ଚରେ ସକ୍ରିୟ ଯୋଗଦାନକୁ ପ୍ରତିଫଳିତ କରୁଛି।

ଏହାବ୍ୟତୀତ ଭାରତର ବିଶାଳ ଜନସଂଖ୍ୟା ଏବଂ ଆର୍ଥିକ ସାମର୍ଥ୍ୟ ମଧ୍ୟ ଏଥିପାଇଁ ଯଥେଷ୍ଟ ସମ୍ଭାବନା ସୃଷ୍ଟି କରିଛି। ସାଂସ୍କୃତିକ ପ୍ରଭାବ ଦୃଷ୍ଟିରୁ ଭାରତର ସ୍କୋର ମଧ୍ୟ ଅପେକ୍ଷାକୃତ ସୁଦୃଢ଼ ରହିଛି, ଯାହା ଏହାର ବୈଶ୍ୱିକ ପ୍ରବାସୀ ➪ ପୃଷ୍ଠା-୬

### ଆଉ ୨୫ ଲକ୍ଷଙ୍କୁ ସୁଭଦ୍ରା ଟଙ୍କା
## ସପ୍ତାହକରେ ୧କୋଟି ଛୁଇଁବ ଆବେଦନ



**ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ):** ରାଜ୍ୟର ୨୫ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ମିଳିଛି। କିଛି ଦିନ ଭିତରେ ଆଉ ୨୫ ଲକ୍ଷ ମହିଳାଙ୍କୁ ମିଳିବ ପ୍ରଥମ କିସ୍ତି ସହାୟତା। ପର୍ଯ୍ୟାୟକ୍ରମେ ମୋଟ କୋଟିଏ ମହିଳାଙ୍କୁ ଦିଆଯିବ ସୁଭଦ୍ରା ସହାୟତା। ବୁଧବାର ଭୁବନେଶ୍ୱରରେ ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏ କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। 'ସୁଭଦ୍ରା' ପ୍ରସଙ୍ଗରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି, ଏଯାଏଁ ୯୨ ଲକ୍ଷ ମହିଳା ଆବେଦନ କରିସାରିଲେଣି। ଆଉ ସପ୍ତାହେ ଭିତରେ ଏକ କୋଟି ଆବେଦନ ଆସିଯିବ। ୧ କୋଟି ମହିଳାଙ୍କୁ ନିଶ୍ଚିତ ଟଙ୍କା ମିଳିବ। କିଏ ଆଗ ଓ କିଏ ପରେ ପାଉଛି। କିନ୍ତୁ ସମସ୍ତେ ନିଶ୍ଚିତ ପାଇବେ। ଧୈର୍ଯ୍ୟ ରଖିବାକୁ ହେବ। ଇ-କେୱାଇସି ପାଇଁ ଟିକେ ସମୟ ଲାଗୁଛି। ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଇ ସାରିଛୁ। ମାର୍ଚ୍ଚ ୮ ପୂର୍ବରୁ ସମସ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯିବ। କିନ୍ତୁ ଦ୍ୱିତୀୟ କିସ୍ତି ଟଙ୍କା ଏକକାଳୀନ ସମସ୍ତ ୧ କୋଟି ହିତାଧିକାରୀଙ୍କୁ ଦିଆଯିବ। ମାର୍ଚ୍ଚ ୮ରେ ମହିଳା ➪ ପୃଷ୍ଠା-୬

### ଜମ୍ମୁ-କଶ୍ମୀର ନିର୍ବାଚନ
## ଦ୍ୱିତୀୟ ପର୍ଯ୍ୟାୟରେ ୫୬% ମତଦାନ

**ଶ୍ରୀନଗର, ୨୫।୯:** ଜମ୍ମୁ-କାଶ୍ମୀର ବିଧାନସଭା ପାଇଁ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ପ୍ରାୟ ୫୬.୦୫% ପ୍ରତିଶତ ରହିଥିବା ମୁଖ୍ୟମ ନିର୍ବାଚନ ଅଧିକାରୀ ପିକେ ପୋଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ସକାଳୁ ଭୋଟ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ➪ ପୃଷ୍ଠା-୬

# ୨୭ରେ ନବୀନ ନେବେ ବଡ଼ ନିଷ୍ପତ୍ତି

### ଗଠନ ହେଲା ତିନି ନୂଆ କମିଟି

### ବବି, ମାନସଙ୍କୁ ନ ନେଇ ଆଗକୁ ବଢ଼ିବା କଷ୍ଟକର



**ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୨୭ ତାରିଖରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏଥିରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗ ଦେବେ । ଆଗକୁ ହେବାକୁ ଥିବା ପଦଯାତ୍ରା, ନୂଆ କମିଟି ଓ ଅନ୍ୟ ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା ହେବ । ନିର୍ବାଚନ ପୋଷ୍ଟମର୍ଟମର କାରଣ ଖୋଜା କମିଟି ଚୟନ ବି ଫୋକସରେ ରହିବ। ତେବେ ଏହା ପୂର୍ବରୁ ଦଳର ସମନ୍ୱୟ କମିଟିକୁ ସହଯୋଗ କରିବାକୁ ତିନୋଟି ଭିନ୍ନ ଭିନ୍ନ କମିଟି ଗଠନ କରିଛନ୍ତି ସୁପ୍ରିମୋ। ସବୁଠୁ ଉଦବେଗର କଥା ହେଉଛି ବିଜେଡିର ସମନ୍ୱୟ କମିଟି ହେଉ କି ନୂଆ ଗଠନ କରାଯାଇଥିବା ତିନୋଟି କମିଟିରେ ନାହାଁନ୍ତି ପ୍ରଣବ ପ୍ରକାଶ ଦାସ ଓ ମାନସ ମଙ୍ଗରାଜ।

ସମନ୍ୱୟ କମିଟିକୁ ସହଯୋଗ କରିବାକୁ ପ୍ରସନ୍ନ ଆଚାର୍ଯ୍ୟ ଆବାହକତ୍ୱରେ ଉପଦେଷ୍ଟା କମିଟି, ଅତନୁ ସବ୍ୟସାଚୀ ନାୟକଙ୍କ ଆବାହକତ୍ୱରେ ସଦସ୍ୟତା ସଂଗ୍ରହ କମିଟି ଓ ସଂଜୟ ଦାସବର୍ମାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କମିଟି। ଉପଦେଷ୍ଟା କମିଟିରେ ବିଧାୟକ ଓ ପୂର୍ବତନ ବିଦାୟକଙ୍କୁ ନେଇ ୧୭ଜଣ ସଦସ୍ୟ ଅଛନ୍ତି। ସେହିଭଳି ସଦସ୍ୟସତା ଅଭିଯାନ କମିଟିରେ ୨୨ ଜଣ ଓ ଯୋଜନା କମିଟିରେ ୨୧ ଜଣ ସଦସ୍ୟ ଅଛନ୍ତି।

ତେବେ ଏସବୁ କମିଟିରୁ ପ୍ରଣବ ପ୍ରକାଶ ଦାସ ଓ ମାନସ ମଙ୍ଗରାଜଙ୍କୁ ବାଦ ଦିଆଯିବା ନେଇ ଦଳୀୟ ମହଲରେ ହଲଚଲ ସୃଷ୍ଟି କରିଛି। କାରଣ ଦୀର୍ଘ ବର୍ଷ ଧରି ➪ ପୃଷ୍ଠା-୬

## ଆଜି ପହଞ୍ଚିବେ ନଡ୍ଡା
### ସଦସ୍ୟତା ଅଭିଯାନରେ ଯୋଗଦେବେ

**ଭୁବନେଶ୍ୱର୨୪।୯ (ସଂଚାର ବ୍ୟୁରୋ):** ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସଦସ୍ୟତା ଅଭିଯାନ ନେଇ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେ ଯୋଗଦେବେ । ରାଜ୍ୟ ପଦାଧିକାରୀ, ସାଂସଦ, ବିଧାୟକଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି। ଦିନ ୧୧ ଟାରେ ଶ୍ରୀ ନଡ୍ଡା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ବାହାରି ଏଜି ଛକରେ ବି ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ।

ଏ ସବୁ ପରେ ସଦସ୍ୟତା ଅଭିଯାନରେ ସାମିଲ ହେବେ ନଡ୍ଡା। ଏହାକୁ ନେଇ ହୋଟେଲ ନିୟୁ ମାରିଆନରେ ସଦସ୍ୟ ପାଇଁ ବିଶେଷ କାର୍ଯ୍ୟକ୍ରମ ରହିଛି। ପ୍ରତିଷ୍ଠିତ ବ୍ୟକ୍ତି, ଯୁବ ବର୍ଗଙ୍କୁ ➪ ପୃଷ୍ଠା-୬

## ଓଏଏସ୍ ସ୍ତରରେ ଅଦଳ ବଦଳ
### ଅନାମ ପାତ୍ର ସିଏମ୍‌ସି କମିଶନର

**ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବୁଧବାର ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। ୩୬ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ଅନାମ ଚରଣ ପାତ୍ରଙ୍କୁ କଟକ ମହାନଗର ନିଗମର କମିଶନର କରାଯାଇଛି। ଏବେ ସେ କଟକ ମହାନଗର ନିଗମର ଅତିରିକ୍ତ କମିଶନର ଅଛନ୍ତି। ଅଗଷ୍ଟରେ କଟକ ମହାନଗର ନିଗମ (ସିଏମ୍‌ସି)କମିଶନର ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି ପରଠୁ ଏହି ପଦ ଖାଲି ପଡ଼ିଥିଲା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ମଧୁମିତା ରଥ ନିଜ ଦାୟିତ୍ୱ ସହ 'ଉତ୍କଳିକା' ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ।

କଳ୍ପତରୁ ବେହେରାଙ୍କୁ କଟକ ମହାନଗର ନିଗମ ଅତିରିକ୍ତ କମିଶନର କରାଯାଇଛି। ପ୍ରଦୀପ କୁମାର ➪ ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ପାରାସିଟାମଲ, କ୍ୟାଲସିୟମ, ଭିଟାମିନ ଡି୩ ସପ୍ଲିମେଣ୍ଟ, ମଧୁମେହ, ଉଚ୍ଚ ରକ୍ତଚାପ ପାଇଁ ବ୍ୟବହୃତ ୫୩ ଔଷଧ ଗୁଣବତ୍ତା ମାନ ଯାଞ୍ଚ ବେଳେ ଫେଲ୍।
- ବୋନସ ଦାବିରେ ୩ ଦିନ ହେଲା ଆନ୍ଦୋଳନ ଚଳାଇଥିବା କ୍ୟାପିଟାଲ ହସ୍ପିଟାଲର ସଫେଇ କର୍ମଚାରୀ ଧାରଣାରୁ ଓହରିଲେ।
- ନର୍ସିଂ କର୍ମଚାରୀ ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା ବିଫଳ। ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଘୋଷଣା। ଆନ୍ଦୋଳନ ଯୋଗୁ ସ୍ୱାସ୍ଥ୍ୟସେବା ପ୍ରଭାବିତ।
- ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ। ଭୋଟ୍ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରାଯାଇଥିଲା। ନିକଟରେ ଡେମୋକ୍ରାଟ୍ ପ୍ରାର୍ଥୀ କମଳା ହାରିସଙ୍କ ନିର୍ବାଚନ ଅଫିସ ଉପରେ ଗୁଳିମାଡ଼।
- ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଓ ଦୁନିଆର ଏକ ନମ୍ବର ଧନୀ ଏଲନ ମସ୍କ ପରସ୍ପରକୁ ଡେଟ୍ କରୁଥିବା ନେଇ ସୋସାଲ ମିଡିଆରେ ଚର୍ଚ୍ଚା।
- ୨୦୨୩-୨୪ରେ ଭାରତର ପ୍ରତିରକ୍ଷା ଉତ୍ପାଦନ ୧.୨୭ ଲକ୍ଷ କୋଟିରେ ପହଞ୍ଚି ରେକର୍ଡ କଲା। ୯୦ରୁ ଅଧିକ ଦେଶକୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଜେଡ୍ କାଟାଗୋରି ସୁରକ୍ଷା।
- ଇସ୍ରାଏଲ୍ ଏୟାର ଷ୍ଟ୍ରାଇକ୍ ଯୋଗୁ ଲେବାନନ୍‌ର ପ୍ରାୟ ୯୦ ହଜାର ନାଗରିକଙ୍କୁ ସ୍ଥାନାନ୍ତର କରାଯାଇଥିବା ୟୁଏନ୍‌ର ସୂଚନା।
- ବିଜେପିରେ ମିଶିଲେ ଦିଲ୍ଲୀର ବରିଷ୍ଠ ଆପ୍ ନେତା ପ୍ରବୀଣ କୁମାର।

### 'ନୂଆ ଓ'ର କୁପରିଣାମ
# ଯୁକ୍ତ ୨ରେ ପାଠ୍ୟକ୍ରମ ହ୍ରାସ




**ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ):** ଗତବର୍ଷ ନଭେମ୍ବରରେ ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାରରେ ସର୍ବେସର୍ବା ହୋଇଥିବା ପାଣ୍ଡିଆନ ରାଜ୍ୟରେ ନୂଆ 'ଓ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାର ପ୍ରଚାର ପାଇଁ ପାଣ୍ଡିଆନ ରାଜ୍ୟସାରା ବୁଲି କଲେଜ ପିଲାଙ୍କୁ ସଭାସମିତିରେ ଯୋଗଦେବା ପାଇଁ ଫତୁଆ ଜାରୀ କରିଥିଲେ। ଯାହାଫଳରେ ପାଠପଢ଼ାକୁ ପଛରେ ପକାଇ କଲେଜଗୁଡ଼ିକର ପ୍ରିନ୍ସପାଲମାନେ ଛାତ୍ରଛାତ୍ରମାନଙ୍କୁ ସାଙ୍ଗରେ ନେଇ ପାଣ୍ଡିଆନଙ୍କ ସଭାସମିତିରେ ଯୋଗଦେଉଥିଲେ। ପିଲମାନେ ପାଠପଢ଼ା ଛାଡ଼ି ପାଣ୍ଡିଆନଙ୍କ ସଭାରେ ଯୋଗଦେଇ ରିଲ୍ସ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ଛାଡୁଥିଲେ। ଏହାର କୁପରିଣାମ ଏବେ ସେହି ପିଲାମାନେ ଭୋଗିବାକୁ ଯାଉଛନ୍ତି। ପାଠପଢ଼ା ସରୁନଥିବାରୁ ରାଜ୍ୟ ସରକାର ଯୁକ୍ତ ଦୁଇ ସ୍ତରରେ ପାଠ୍ୟକ୍ରମ ହ୍ରାସ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାନୁଯାୟୀ, ପାଠ୍ୟକ୍ରମ ଠିକ୍ ସମୟରେ ଶେଷ ହେବା ଏବଂ କର୍ତ୍ତୃପକ୍ଷଙ୍କଦ୍ୱାରା ଶିକ୍ଷାଗତ ଅଗ୍ରଗତିର ପ୍ରଭାବଶାଳୀ ତଦାରଖ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାଇଁ ସ୍ପ୍ଲିଟ୍ ଅପ୍ ସିଲାବସ୍ ବା ପାଠ୍ୟକ୍ରମ ହ୍ରାସ ବ୍ୟବସ୍ଥା ଆରମ୍ଭ କରିଛନ୍ତି।

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ କହିଛନ୍ତି ଯେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପାଇଁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଏହି ବ୍ୟବସ୍ଥା ଆରମ୍ଭ ହୋଇସାରିଛି। ଖୁବ୍‌ଶୀଘ୍ର କଳା ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ଏହାକୁ କାର୍ଯ୍ୟକାରୀ କରାଯିବ।

ଡିଏଚଏସଇ ନିର୍ଦ୍ଦେଶକ ରଘୁରାମ ଆୟର କହିଛନ୍ତି, ପୂର୍ବରୁ ପାଠ୍ୟକ୍ରମରେ ପାଠ୍ୟକ୍ରମ ଶେଷ କରିବା ପାଇଁ ସ୍କୁଲଗୁଡ଼ିକ ନିଜେ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ବ୍ୟବସ୍ଥା ଯୋଗୁଁ ପରୀକ୍ଷା ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପାଠ୍ୟକ୍ରମ ଏବଂ ବିଭିନ୍ନ ବିଷୟରେ ହୋଇଥିବା ଶିକ୍ଷାଗତ ଅଗ୍ରଗତି ଉପରେ ନଜର ରଖିବା ପ୍ରଧାନଶିକ୍ଷକ ଓ ତଦାରଖ କର୍ତ୍ତୃପକ୍ଷଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ଏହି ସମସ୍ୟାର ସମାଧାନ ପାଇଁ ପ୍ରଥମେ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ନୂଆ ସ୍ପ୍ଲିଟ୍ ଅପ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା ଏବଂ ଏବେ ଉଚ୍ଚ ମାଧ୍ୟମିକ ସ୍ତରରେ ଲାଗୁ କରାଯାଇଛି।

ନୂଆ ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଦେଶାଳୟ ଏବେ ପାଠ୍ୟକ୍ରମରୁ ପାଠ୍ୟକ୍ରମକୁ ପ୍ରତି ମାସରେ ବିଷୟଭିତ୍ତିକଭାବେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦିଷ୍ଟ କରିଛି। ଯେହେତୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଧିକ ବିଷୟ ଶିକ୍ଷକ ଅଛନ୍ତି, ତେଣୁ ପାଠ୍ୟକ୍ରମ ଶୀଘ୍ର ଶେଷ କରିବା ପାଇଁ ପାଠ୍ୟକ୍ରମର ଅଧ୍ୟାୟଗୁଡ଼ିକୁ ସେମାନଙ୍କ ମଧ୍ୟରେ ବିଭକ୍ତ କରାଯିବ। ବାଲାନ୍ସ ଅବଧିକୁ ସଂଶୋଧନ, ସନ୍ଦେହ ଦୂର କରିବା ଏବଂ ପୂର୍ବ ବର୍ଷର ପ୍ରଶ୍ନ ଉପରେ ଆଲୋଚନା ପାଇଁ ବ୍ୟବହାର କରାଯିବ।

ଏହାଦ୍ୱାରା ଶିକ୍ଷକମାନେ ପାଠ୍ୟକ୍ରମ ସମାପ୍ତି ଏବଂ ସଂଶୋଧନ ପାଇଁ ଏକ ଶୃଙ୍ଖଳିତ ଏବଂ ସମୟବଦ୍ଧ ଆଭିମୁଖ୍ୟ ଗ୍ରହଣ କରିବାରେ ସକ୍ଷମ ହେବେ ଏବଂ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଧ୍ୟୟନରେ ଅଗ୍ରଗତି ➪ ପୃଷ୍ଠା-୬

## ଗୋପାଳ ଖଟରେ ଶୋଇବେ ଦୀନକୃଷ୍ଣ



### ଗୁଜୁରାଟ ଯାଇ ଦେବେ ମିଛଧରା ଟେଷ୍ଟ

**ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ):** ନବ ଦାସ ହତ୍ୟା ଅଭିଯୁକ୍ତ ଗୋପାଳ ଦାସଙ୍କ ଭଳି ପଲିଗ୍ରାଫ ଟେଷ୍ଟ ପାଇଁ ଗୁଜରାଟ ଯିବେ ଦୀନକୃଷ୍ଣ ମିଶ୍ର। ଗାନ୍ଧିନଗରରେ ହେବ ତତ୍କାଳୀନ ଆଇଆଇସିଙ୍କ ମିଛ ଧରା ପରୀକ୍ଷା । କ୍ରାଇମସ୍ପଟରେ ସିନ ରିକ୍ରିଏସନ କଲା କ୍ରାଇମବ୍ରାଞ୍ଚ ଟିମ । ସେପଟେ ଥାନା ଭିତରେ ଡେମୋ ଦେଖାଇଲେ ନିଲମ୍ବିତ ପୋଲିସ। ଥାନା ହାଜତ ଭିତରେ ଯୌନ ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ ପରେ ଦୀନକୃଷ୍ଣଙ୍କ ହେବ ପଲିଗ୍ରାଫ ଟେଷ୍ଟ। ଗାନ୍ଧୀନଗରରେ ପଲିଗ୍ରାଫ ସହ ଆବଶ୍ୟକ ସ୍ଥଳେ ଅନ୍ୟ ୨ଟି ଟେଷ୍ଟ ପାଇଁ ଅନୁମତି ଦେଇଛନ୍ତି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ । କ୍ରାଇମବ୍ରାଞ୍ଚର ଆବେଦନ କ୍ରମେ ସକାଳ ପ୍ରାୟ ୧୧ ଟାରେ କୋର୍ଟରେ ହାଜର ହୋଇ ପଲିଗ୍ରାଫ, ନାର୍କୋ ଆନାଲିସିସ୍ ଓ ବ୍ରେନ ଫିଙ୍ଗର ପ୍ରିଣ୍ଟିଂ ପାଇଁ ସହମତି ପ୍ରକାଶ କରିଥିଲେ ଦୀନକୃଷ୍ଣ। ଯେକୌଣସି ଟେଷ୍ଟର ସମ୍ମୁଖୀନ ହେବାକୁ ପ୍ରସ୍ତୁତଥିବା କହିଥିଲେ। ନବ ଦାସ ହତ୍ୟାକାଣ୍ଡରେ ମଧ୍ୟ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଗୋପାଳର ଗାନ୍ଧିନଗରରେ ହୋଇଥିଲା ପଲିଗ୍ରାଫ ଟେଷ୍ଟ । ଏଣୁ ଗୋପାଳ ଭଳି ମିଛ ଧରା ପରୀକ୍ଷାର ସାମ୍ନା କରିବେ ଦୀନକୃଷ୍ଣ।

ଏହାସହିତ ସକାଳ ୮ ଟାରେ ଭୁବନେଶ୍ୱର ଭରତପୁର ଥାନାରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ଟିମ୍। ସକାଳ ୯ ରେ ପହଞ୍ଚିଥିଲେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ। କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ମୁତାବକ ବଡ଼ି ଭୋରରୁ ଥାନାରେ ଉପସ୍ଥିତ ଥିଲେ ତତ୍କାଳୀନ ଥାନାଧିକାରୀ ଦୀନକୃଷ୍ଣ ମିଶ୍ର ଓ ଅନ୍ୟ ୪ ନିଲମ୍ବିତ ପୋଲିସ କର୍ମଚାରୀ। ଦୁଇ ପକ୍ଷକୁ ସମ୍ନାସାମ୍ନି ବସାଇ ସତ ବାହାର କରିଥିଲା ଟିମ୍। ଫାରୋ କ୍ୟାମେରା ସାହାଯ୍ୟରେ ହୋଇଥିଲା ୩୬୦ ଡିଗ୍ରୀ ତଦନ୍ତ। ନାଟକୀୟ ଢଙ୍ଗରେ ସେଦିନ ଘଟିଥିବା ଟିକିନିକ୍ ଘଟଣା କହିଥିଲେ ପୀଡିତା। ରିସେପ୍ସନରେ ପହଁଚିବା ଠାରୁ ଲକଅପ ଭିତରେ ଯୌନ ନିର୍ଯାତନା ପାଇବା ର୍ଯ୍ୟନ୍ତ, ଲୋମହର୍ଷଣ କାରୀ ଘଟଣା ସମ୍ପର୍କରେ ପୀଡିତା ଦେଇଥିଲେ ଛାତିଥରା ବୟାନ। ପରେ ସେନା ଅଧିକାରୀଙ୍କ ଉପସ୍ଥିତିରେ ଟିମ ➪ ପୃଷ୍ଠା-୬

# ବିଜେଡି-ବିଜେପିକୁ ଘାରିଲାଣି ସଂଗଠନ ଚିନ୍ତା

### କିଏ ଭାଙ୍ଗିବ କାହା ଘର ?

**ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ହେବାର ଶହେ ଦିନ ପରେ ରାଜ୍ୟ ରାଜନୀତିରେ ଆରମ୍ଭ ହୋଇଛି ହଲଚଲ । ବିଜେପି ଓ ବିଜେଡି ନେତାଙ୍କ ବୟାନବାଜି ରାଜ୍ୟ ରାଜନୀତିକୁ ସରଗରମ କରିଥିବାବେଳେ ପ୍ରଥମଥର ପାଇଁ ବିଜେଡିର କୌଣସି ଆଗଧାଡିର ନେତା ବିଜେପି ଶିବିରକୁ ଭାଙ୍ଗିବାପାଇଁ କହିଛନ୍ତି । କିଛିଦିନ ଧରି ବିଜେଡି ନେତାମାନେ କଂଗ୍ରେସର ନିକଟତର ହେବା ନେଇ ସଙ୍କେତ ଆସୁଥିବାବେଳେ ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବିଜେଡିର ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ବକ୍ତବ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଛନ୍ତି ଆଗକୁ ବିଜେଡିରେ ବଡ଼ ବଡ଼ ବିସ୍ଫୋରଣ ହେବ । ବିଜେଡିର ବହୁତ ବଡ଼ ବଡ଼ ନେତା ବିଜେପିରେ ସାମିଲ ହେବେ । ଖାଲି ରାଜ୍ୟସଭା ନୁହେଁ ବିଜେଡିର ବହୁ ପଦାଧିକାରୀ ବିଜେପି ସହ ସମ୍ପର୍କରେ ଅଛନ୍ତି । ବିଧାୟକ, ପୂର୍ବତନ ବିଧାୟକ ବି ଯୋଗାଯୋଗରେ ଅଛନ୍ତି । ମାସେ ଦେଢ଼ ମାସ ଭିତରେ ସେମାନେ ଇସ୍ତଫା ଦେଇ ବିଜେପିର ସଦସ୍ୟତା ନେବେ ବୋଲି କହିଛନ୍ତି ସୁକାନ୍ତ। ତେବେ ଯେଉଁମାନଙ୍କ ଦେହେରେ କଳାଦାଗ ନାହିଁ ସେମାନଙ୍କୁ ହିଁ ବିଜେପିରେ ସାମିଲ କରାଯିବ । ଓଡ଼ିଶାରେ ଲୋକାଭିମୁଖୀ ସରକାର ଚାଲିଛି। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି । ତେଣୁ ବିକାଶ ଧାରାରେ ସାମିଲ ହେବାକୁ ସମସ୍ତେ ଆସିବେ ବୋଲି କହିଛନ୍ତି ବିଜେପି ସାଂସଦ ଶ୍ରୀ ପାଣିଗ୍ରାହୀ।

ଅନ୍ୟପଟେ ସୁକାନ୍ତଙ୍କୁ କଡ଼ା ଜବବେ ଦେଇଛନ୍ତି ବରିଷ୍ଠ ବିଜେଡି ନେତା ଦେବୀ ମିଶ୍ର । ସେ କହିଛନ୍ତି ଆମ ସହ ବି ଅନେକ ବିଜେପି ନେତା ଯୋଗାଯୋଗରେ ଅଛନ୍ତି । ଆମେ ବିରୋଧୀ ଦଳରେ ଥିଲେ ବି ରାଜ୍ୟର ବିକାଶ ନେଇ କାମ କରୁଛୁ । ତେଣୁ ବିକାଶକୁ ନେଇ ଆଗକୁ ବଡ଼ ହଲଚଲ ହେବ ବୋଲି କହିଛନ୍ତି ଦେବୀ ମିଶ୍ର। ଉଲ୍ଲଖନୀୟ ଯେ ବିଜେପି ରାଜ୍ୟରେ ସରକାର ଗଠନ କରିଥିଲେ ମଧ୍ୟ ବିଜେଡିର ୫୧ଜଣ ସଦସ୍ୟ ବିଧାନସଭାରେ ରହିଛନ୍ତି । ସରକାର ଗଠନ ପାଇଁ ୭୪ ବିଧାୟକଙ୍କର ଆବଶ୍ୟକ ଥିବାବେଳେ ➪ ପୃଷ୍ଠା-୬

## ନିଜ ଚକ୍ରାନ୍ତରେ ଫସିଲା ବିଜେଡି



ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି,ଓଡ଼ିଆ କଷ୍ଟ ପାଇଲେ ସରକାର ବଦଳାଇବେ। ଭୋଟ ପାଇଁ ହୀନ ଚକ୍ରାନ୍ତରେ ନବୀନ ନିଜେ ଫସିଗଲେ। ନବୀନଙ୍କ ୨୪ ବର୍ଷର ଶାସନ ରାଜ୍ୟକୁ ବିକାଶ ବଦଳରେ ଧ୍ୱଂସ କରିଦେଲା।

ନିର୍ବାଚନ ଫଳାଫଳ ଆସିବାର ଇତିମଧ୍ୟରେ ୩ ମାସ ବିତିଗଲାଣି। ୨୪ ବର୍ଷର ବିଜେଡି ଗାଦିକୁ ହଟାଇ ଭାଜପା ପ୍ରଥମଥର ପାଇଁ ରାଜ୍ୟରେ ସରକାର ଗଢ଼ିଛି। ଏବେ ବି ବିଜେଡି ପରାଜୟର କାରଣ ଖୋଜୁଛି। ନିର୍ବାଚନ ହାରିବା ପରେ ବିଜେଡିରେ ବିଦ୍ରୋହ ମୁଣ୍ଡ ଟେକୁଛି । ବିଜେଡି ନେତା ଖୋଲାଖୋଲି ଦଳର ଭିତିରି କଥା ପଦାକୁ ଆଣିଛନ୍ତି। ନିକଟରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଦଳର ପରାଜୟ ଉପରେ ଖୋଲାଖୋଲି ନିଜ ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି, ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନ ବୁଲିବା କାରଣରୁ ବିଜେଡିର ପରାଜୟବରଣ କରିଛି। ବିଜେଡିର ସବୁ ସ୍ଥାନରେ ଭୋଟ ଅଛି, କିନ୍ତୁ ନବୀନ ବୁଲିଲେନି। ନବୀନ ସମୟ ଦେଇ ନ ପାରିବାରୁ କିଛି ସ୍ଥାନରେ ସଂଗଠନ କ୍ଷତିଗ୍ରସ୍ତ ହେଲା। ସେ ଆଉଥରେ ବୁଲିଲେ ସଂଗଠନ ଫେରିଆସିବ ବୋଲି ଆଶା ରହିଛି। ➪ ପୃଷ୍ଠା-୬

**ଅସ୍ତିତ୍ୱ ହରାଉଛି ଗୋବରୀ**

# ଜଳ ପାଲଟିଛି ଜହର

**କେନ୍ଦ୍ରାପଡ଼ା, ୨୫।୯ (ସଂଚାର ବ୍ୟୁରୋ):** ପୁରାଣ ପ୍ରସିଦ୍ଧ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବାହିତ ଗୋବରୀ ନଦୀ ଏବେ ଜଳଧାରଣ କ୍ଷମତା ହରାଇଛି। ଜଳ ଏବେ ମଧ୍ୟ ଜହର ପାଲଟିଛି। ଉନ୍ନତିକରଣ ଯୋଜନା ଏଠାରେ ଦିଗହରା ହେଉଥିବାରୁ ଏହି ନଦୀ ଏବେ ନିଜର ଅସ୍ତିତ୍ୱ ହରାଉଛି। ଗତ ୨୦୨୨ ମସିହାରେ ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ଜଳ ପରୀକ୍ଷଣରେ ବିଷାକ୍ତ ପଦାର୍ଥ ଅତ୍ୟଧିକ ଥିବା ରିପୋର୍ଟ ଅନୁଯାୟୀ ଏହି ନଦୀ ଏବେ ଆଉ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ । ଏଥିରେ ଭାରିମାତ୍ରାରେ କାଡମିୟମ, କ୍ରୋମିୟମ ଓ ପଟାସିୟମ୍ ରହିଥିବା ପରୀକ୍ଷଣରୁ ଜଣାପଡିଛି । ଏହି ଜଳକୁ ବ୍ୟବହାର ଦ୍ୱାରା ଚର୍ମ ରୋଗ ସହିତ ଜଳବାହିତ ରୋଗ ଦେଖାଦେଉଛି।



ଜଳସମ୍ପଜଦ ବିଭାଗ ଆକଳନ ଅନୁଯାୟୀ, କେନ୍ଦ୍ରାପଡା ଜିଲ୍ଲାର ୮୦ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ଏହି ଗୋବରୀ ନଦୀର ପାଣିକୁ ଉପଯୋଗ କରିଥାନ୍ତି। ସେହିପରି ଏହି ଉତ୍ସକୁ ୩୦ ହଜାର ହେକ୍ଟର ଜମିକୁ ଚାଷ ପାଇଁ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ବିନିଯୋଗ କରାଯାଏ ବୋଲି ବିଭାଗୀୟ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି । ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ ତଥା ବର୍ଜ୍ୟ ବସ୍ତୁ ପରିଚାଳନା ଆଇନକୁ ଗୁରୁତ୍ୱ ଦେବାକୁ ନ୍ୟାସନାଲ ଗ୍ରୀନ ଟ୍ରିବୁନାଲ (ଏନଜିଟି) ନିର୍ଦ୍ଦେଶ ଦେବା ସହିତ ବ୍ୟତିକ୍ରମରେ କେନ୍ଦ୍ରାପଡା ପୌର ପ୍ରଶାସନକୁ ୨୪ଲକ୍ଷ ଟଙ୍କା ଜରିମାନା ଦେବାକୁ ନୋଟିସ ହୋଇସାରିଛି । ଏହାସତ୍ତ୍ୱେ ଗୋବରୀ ନଦୀ ଏବେ ବର୍ଜ୍ୟବସ୍ତୁରେ ଭର୍ତ୍ତି ହୋଇ ଜଳପଥ ପୋତି ହେଉଛି । ଜଣେ ଲୋକ ଦିନକୁ ହାରାହାରି ୫୦୦ଗ୍ରାମର ଜୈବିକ ଓ ଅଜୈବିକ (ପ୍ଲାଷ୍ଟିକ ଆଦି) ବର୍ଜ୍ୟବସ୍ତୁ ନିଷ୍କାସନ କରୁଥିବା ବେଳେ ମାସକୁ ସହରରେ ୭୫ମେଟ୍ରିକ ଟନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି । ବର୍ଜ୍ୟବସ୍ତୁ ପରିଚାଳନା ଆଇନ କାର୍ଯ୍ୟକାରୀ ହେଉନଥିବାରୁ ବହୁ ପାଇଖାନାର ପାଇପ ମୁହଁ ଗୋବରୀ ନଦୀକୁ ରହିଛି । ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ ସୃଷ୍ଟି କରିଛି । କିଛି ବୁଲା ଗାଈଗୋରୁ ଓ କୁକୁର ଖାଦ୍ୟ ସାମଗ୍ରୀ ସହିତ ପ୍ଲାଷ୍ଟିକକୁ ଗିଳି ମୃତ୍ୟୁର ଶିକାର ହେଉଛନ୍ତି । ସେହିପରି ପ୍ଲାଷ୍ଟିକ ମାଟିରେ ମିଶିପାରୁ ନଥିବାରୁ ବର୍ଷା ଜଳ ଭୂଗର୍ଭକୁ ଯାଇପାରୁନାହିଁ । ଫଳରେ ଭୂତଳ ଜଳସ୍ତର କମିବାରେ ଲାଗିଛି । ଯାହାକି ଆଗାମୀ ଦିନରେ ଏହା ସହରବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବ।

ତେବେ ଆଗାମୀ ଦିନରେ କେନ୍ଦ୍ରାପଡା ସହରରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ ଏବଂ ବର୍ଜ୍ୟ ବସ୍ତୁ ପରିଚାଳନା ଆଇନକୁ ଗୁରୁତ୍ୱ ଦେଲେ, ଗୋବରୀକୁ ବଂଚେଇ ପାରିବା ବୋଲି ସହରବାସୀ ମତବ୍ୟକ୍ତ କରିଛନ୍ତି।

# ପୋସ୍କୋ ଆଇନ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୨୫।୯ (ସଂଚାର ବ୍ୟୁରୋ):** ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଗୋବରୀ ନୋଡାଲ ହାଇସ୍କୁଲ, ଆୟବା, ଗଣ୍ଡାଖିଆଠାରେ ଏକ ସଚେତନତା କାର୍ଯ୍ୟକ୍ରମ ପୋସ୍କୋ ଆଇନ ଉପରେ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଅତି ନିବିଡ ଭାବେ ମିଶିବା ସହିତ ପିଲାମାନଙ୍କୁ ପୋସ୍କୋ ଆଇନ ସମ୍ବଳିତ ସମସ୍ତ ନିୟମ ଓ ଆଇନ ବିଷୟରେ ବହୁ ଉପାଦେୟ ଉଦାହରଣ ଗଳ୍ପ ଓ ଉପଦେଶ ମାଧ୍ୟମରେ ବୁଝାଇଥିଲେ। ଏପରି କଳଙ୍କମୟ କାର୍ଯ୍ୟରୁ କିପରି ସେମାନେ ନିଜକୁ ରକ୍ଷା କରିବା ସହିତ କିପରି ଏଥିରୁ ନିବୃତ୍ତ ରହିବେ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତତ୍‌ସହିତ ଯୌନ ଶୋଷଣ ହୋଇଥିବା ୧୮ବର୍ଷରୁ କମ୍ ନାବାଳକ ଓ ନାବାଳିକାମାନେ କିପରି ନ୍ୟାୟ ପାଇବେ, କୋର୍ଟ ପରିସରରେ ସେମାନଙ୍କ ପାଇଁ କିପରି ସୁସ୍ଥ ବାତାବରଣମାନ ପ୍ରସ୍ତୁତ କରାଯାଇଛି ଯେପରିକି ସେମାନଙ୍କ ମାନ ସମ୍ମାନ କ୍ଷୁଣ୍ଣ ନହୁଏ ଓ ପୀଡିତାମାନଙ୍କ ପାଇଁ ପୀଡିତା କ୍ଷତିପୂରଣ ରାଶି(ସରକାରଙ୍କ ନିୟମ ପ୍ରଦତ୍ତ), ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରଦାନ ଇତ୍ୟାଦି ଅତି ସରଳ ଓ ସୁନ୍ଦର ଭାବେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହିତ ଏପରି ଯୌନ ଶୋଷଣ ପୀଡିତା ଛାତ୍ରଛାତ୍ରୀମାନେ ସେମାନେ ଏତାଦୃଶ୍ୟ କାର୍ଯ୍ୟକଳାପ ନିଜ ଭିତରେ ଲୁକାୟିତ ନରଖି ଏହି ଘଟଣା ନିଜ ସାଙ୍ଗସାଥି, ଶିକ୍ଷକ, ଶିକ୍ଷିକା ଓ ବାପାମାଆଙ୍କୁ ନିଃସଙ୍କୋଚରେ ଜଣାଇବା ପାଇଁ ବୁଝାଇଥିଲେ। ଏପରି କାର୍ଯ୍ୟକଳାପ



କରୁଥିବା ଅପରାଧୀ ଅତି ସହଜରେ ଆଇନ ଅନୁଯାୟୀ ଦଣ୍ଡିତ ହୋଇପାରିବ ଓ ଏହା ପାଇଁ ବିଭିନ୍ନ ପ୍ରକାର ଆଇନମାନ ପ୍ରଯୁର୍ଯ୍ୟ ଅଛି ସେ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଚିକିତ୍ସା ଅଧିକାରୀ ଡା. ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପ୍ରଶାସନିକ କ୍ଷେତ୍ରରେ କିପରି ପୋସ୍କୋ ଆଇନ ସୂଚାରୁ ରୂପେ ରୂପାୟନ ହୋଇପାରିବ ତତ୍‌ସହିତ ଛାତ୍ରଛାତ୍ରୀମାନଙ୍କ ପାଖରେ ସଚେତନତା ବାର୍ତ୍ତା କିପରି ପହଞ୍ଚି ପାରିବ ସେ ଉପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଡା. ଶ୍ରୀକାନ୍ତ କୁମାର ସ୍ୱାଇଁ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ପାଢପଢା ଦିଗ ଉପରେ ଧ୍ୟାନ ନିବେଶ କରିବା ପାଇଁ ବହୁ ମୂଲ୍ୟବାନ୍ ଉପଦେଶ ଦେବା ସହିତ ଜୀବନରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗୋବରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ର, ଶିକ୍ଷକ ଚିତ୍ତରଞ୍ଜନ ମିଶ୍ର, ରାଜେନ୍ଦ୍ରନାଥ ମିଶ୍ର, ସୁଧାଂଶୁ ସାର ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ ।

## ଦୀନଦୟାଲଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର, ୨୫।୯ (ସଂଚାର ବ୍ୟୁରୋ):** ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ ତମ ଜୟନ୍ତୀ ବ୍ରହ୍ମପୁରରେ ପାଳିତ ହୋଇଯାଇଛି । ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ପାଳିତ ହୋଇଛି। ବିଧାୟକ କେ ଅନିଲ କୁମାରଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସେହିଭଳି ଶିଳ୍ପାଞ୍ଚଳ ରାମ ମନ୍ଦିରରେ ଜୟନ୍ତୀ ପାଳିତ ହୋଇଯାଇଛି । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସୁନିଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ବ୍ରହ୍ମପୁର ବିଧାନସଭା ଅନ୍ତର୍ଗତ ସାତୋଟି ମଣ୍ଡଳରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ବହୁ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପାଳନ ହୋଇଯାଇଛି ।

# ବଦଳିଲା ସରକାର, ବଦଳୁନାହାନ୍ତି ସରକାରୀ ବାବୁ

**କେନ୍ଦ୍ରାପଡ଼ା, ୨୫।୯ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ଧରି ଓଡ଼ିଶାର ଶାସନ ଭାର ସମ୍ଭାଳିଥିବା ପୂର୍ବତନ ସରକାର ନୀତି ନିୟମ ବ୍ୟବସ୍ଥା ଓ ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କ ଆଚରଣ ସହ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ନଦେବା, ସଠିକ୍ ସମୟରେ କାର୍ଯ୍ୟରେ ଯୋଗନଦେବା ଆଦି ଘଟଣାରେ ସାଧାରଣ ଲୋକ ଅତିଷ୍ଠ ହୋଇପଡ଼ିଥିଲେ। ଯାହା ଫଳରେ ବିଭିନ୍ନ ସମୟରେ ଗଣମାଧ୍ୟମ ସାମ୍ନାରେ ଅଭିଯୋଗ କରୁଥିଲେ। ଏହାର ପ୍ରତିଫଳରେ ଅତିଷ୍ଠ ହୋଇଥିବା ଜନତା ଶେଷରେ ସରକାରୀ କଳକୁ ପରିବର୍ତ୍ତନ କରି ନିର୍ବାଚନରେ ନୂତନ ସରକାର ଆଣିଲେ । ହେଲେ ବଦଳିଲା ସରକାର କିନ୍ତୁ ଏପର୍ଯ୍ୟନ୍ତ ବଦଳି ନାହାନ୍ତି ସରକାରୀ ବାବୁ ।

ସରକାର ବଦଳିବା ପରେ ନୂତନ ସରକାରକୁ ୧୦୦ ଦିନ ପୁରୀ ସାରିଛି ଯାହା ଫଳରେ ବର୍ତ୍ତମାନ ୧୦୦ ଦିନ ପୂର୍ତ୍ତି ଅବସରରେ ପ୍ରତ୍ୟେକ ଜିଲ୍ଲାରେ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହେଲେ ବିକାଶକୁ ତ୍ୱରାନ୍ୱିତ ବା ଅଗ୍ରଗତି କରିବା ଦିଗରେ ନିୟୋଜିତ ହୋଇଥିବା ସରକାରୀ ବାବୁ ବାବୁଆଣିମାନେ ଏପର୍ଯ୍ୟନ୍ତ ପୁରୁଣା ଢାଞ୍ଚା ବଦଳାଉ ନାହାନ୍ତି । ପୂର୍ବ ସରକାର ସମୟରେ ଯେଉଁଭଳି ସରକାରୀ କର୍ମଚାରୀ ମାନେ ମନମୁଖୀ କାର୍ଯ୍ୟ କରୁଥିଲେ ସେହି ଅନୁରୂପ ଘଟଣା ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଖିବାକୁ ମିଳୁଛି ।

ଜିଲ୍ଲାର ଥିବା ମୁଖ୍ୟକାର୍ଯ୍ୟାଳୟ ସହ ପ୍ରତ୍ୟେକ ତହସିଲ, ବ୍ଲକ, ସ୍କୁଲ, ମେଡ଼ିକାଲ ଆଦି ଭିନ୍ନ ଭିନ୍ନ ବିଭାଗର କର୍ମଚାରୀ ସେମାନଙ୍କ ନିର୍ଦ୍ଧିଷ୍ଟ ସମୟ ଭିତରେ କାର୍ଯ୍ୟାଳୟରେ ଯୋଗଦେଉନାହାନ୍ତି । କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସି ରହୁଛନ୍ତି । ଏହା ସହ ଅଧିକାଂଶ କର୍ମଚାରୀ ବିଭିନ୍ନ ବାହାନା ଦେଖାଇ ନିଜ ଅଫିସ୍ ନରହି ବରଂ ବ୍ୟକ୍ତିଗତ କାର୍ଯ୍ୟରେ ନିଜକୁ ସାମିଲ୍ କରୁଥିବା ଦେଖିବାକୁ ମିଳୁଛି। ପୂର୍ବ ସରକାରଙ୍କ ସରକାରୀ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟରେ ପରିବର୍ତ୍ତନ ବା ସୁଧାର ଆଣିବାର ବ୍ୟବସ୍ଥାକୁ ଆଶା ରଖିଥିବା ଜନସାଧାରଣ ଏପର୍ଯ୍ୟନ୍ତ ତାହା ଦେଖିବାକୁ ପାଉନାହାନ୍ତି । ଖାଲିଯେ ନିୟମିତ ସମୟ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ତାହା ନୁହେଁ ଯେଉଁ କର୍ମଚାରୀଙ୍କ ବଦଳି ଆଦେଶ ଦିଆଯାଉଛି ସେମାନଙ୍କ ଆଦେଶ ପତ୍ରର ମାସ ମାସ ଧରି ବିତିଯାଉଥିଲେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ବଦଳି ଆଦେଶକୁ ପାଳନ କରୁନଥିବା ଘଟଣା ଏବେବି ଦେଖିବାକୁ ମିଳୁଛି । ନୂତନ ସ୍ଥାନରେ ଯୋଗ ଦେବା ପରିବର୍ତ୍ତେ ପୂର୍ବ କାର୍ଯ୍ୟାଳୟରେ ଡିୟୁଟି କରୁଛନ୍ତି । ଯାହାର ଉଦାହରଣ ରାଜନଗର ସିଡିପିଓ କାର୍ଯ୍ୟାଳୟର ଦୁଇ କର୍ମଚାରୀ ସାଜିଛନ୍ତି ।

ଉକ୍ତ ବିଭାଗର ସୁପରଭାଇଜର ଭାବେ ନିଯୁକ୍ତ ଥିବା ଶଶିରେଖା ତରାଇ ଏବଂ ପ୍ରତିଭା ମହାନ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଗତ ତିନି ତାରିଖରେ କେନ୍ଦ୍ରାପଡ଼ା ବ୍ଲକକୁ ଅନ୍ୟତ୍ର ବଦଳି ଆଦେଶ ଦିଆଯାଇଛି ହେଲେ ଘଟଣାକୁ ୨୧ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇନଥିବା ଦେଖିବାକୁ ମିଳିଛି ।ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ଏହି ସମସ୍ୟାକୁ ଗୁରୁତ୍ୱ ନଦେବା କିମ୍ବା କର୍ମଚାରୀଙ୍କ ଉପରେ ନଜର ନରଖିବା ଯୋଗୁଁ ପୂର୍ବ ସରକାର ସମୟର ସ୍ଥିତି ପୁନରାବୃତ୍ତି ଦେଖାଦେଉଛି। ନୂତନ ସରକାର ଯଦି ଏହି ଘଟଣା ଉପରେ ନଜର ଦେଇ ବେପରୱା କର୍ମଚାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତେ ତେବେ ସରକାରୀ ବାବୁମାନେ ନିଜ କାର୍ଯ୍ୟରେ ସୁଧାର ଆଣିବାକୁ ବାଧ୍ୟ ହୁଅନ୍ତେ ।

## କାଳି କହି ଘରୁ ବାହାର କରିଦେଲେ ସ୍ୱାମୀ

**କେନ୍ଦ୍ରାପଡ଼ା, ୨୫।୯ (ସଂଚାର ବ୍ୟୁରୋ):** ଆଜିର ଆଧୁନିକ ଯୁଗର ସଭ୍ୟ ସମାଜରେ ସାମାଜିକ ଅସ୍ପୃଶ୍ୟତା ଓ ବର୍ଣ୍ଣଗତ ଭେଦଭାବ ଦେଖାଯାଉଛି। ଏହିଭଳି ଏକ ସ୍ପର୍ଶକାତର ଘଟଣା ପାଟକୁରା ଅଞ୍ଚଳର କୁଦାନଗରୀ ଥାନା ଅଧୀନରେ ଦେଖିବାକୁ ମିଳିଛି। ଜଣେ ନବ ବିବାହିତା ବଧୂକୁ କାଳୀ କହି ଓ ଯୌତୁକ ଦାବି କରି ଘରୁ ମାଡ଼ ମାରି ତଡି ଦେଇଛନ୍ତି ସ୍ୱାମୀ। ମହିଳାଙ୍କ ଅଭିଯୋଗ ମୁତାବକ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ଥାନା ଅଞ୍ଚଳର ମାନସୀ ପାତ୍ରଙ୍କ ସହ ଗରଦପୁର ବ୍ଲକ ଅନ୍ତର୍ଗତ କୁଦାନଗରୀ



ଥାନା ଅଧୀନ ଚାଞ୍ଚଳ ଗାଁର ବ୍ରଜ କିଶୋର ଦଳାଇଙ୍କ ପୁଅ ସାଗର କିଶୋର ଦଳାଇଙ୍କ ସହ ବିବାହ ହୋଇଥିଲା। ଦୁଇ ପରିବାରର ସହମତିରେ ବାହାଘର ହୋଇଥିଲା। ବିବାହର ଚତୁର୍ଥୀ ରାତି ପରେ ପରେ ସ୍ୱାମୀ ସାଗର ଦଳାଇ ସ୍ତ୍ରୀ ମାନସୀ ପାତ୍ରଙ୍କୁ ଘୃଣା କରିବା ଆରମ୍ଭ କରିଥିଲେ। ମାନସୀ କାଳୀ ହୋଇଥିବାରୁ ସ୍ୱାମୀ ସାଗର ଆଉ ପସନ୍ଦ ଆସିଲା ନାହିଁ। ସ୍ତ୍ରୀ ମାନସୀଙ୍କୁ ଅସୁନ୍ଦର ଓ କାଳି କହି ମାନସିକ ନିର୍ଯାତନା ଦେଉଥିଲେ। ଶାଶୁଘର ପରିବାର ସଦସ୍ୟ ମଧ୍ୟ ମାନସୀଙ୍କୁ ମାଡ଼ ମାରିବା ସହ ସବୁ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶେଷରେ ଶାଶୁଘର ଲୋକ ମାଡ଼ ମାରି ମୋତେ ଘରୁ ବାହାର କରିଦେଇଥିବା ନେଇ ମାନସୀ କୁଦାନଗରୀ ଥାନାରେ ଏନେଇ ଅଭିଯୋଗ କରିଛନ୍ତି।

# ଜେଲ୍ ଗଲା ପତ୍ନୀହନ୍ତା

**ବାଲିଅନ୍ତା, ୨୫।୯ (ସଂଚାର ବ୍ୟୁରୋ):** ଯୌତୁକ ମାମଲାରେ ବାଲିଅନ୍ତା ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲିଅନ୍ତା ଥାନା ଅଧିକାରୀଙ୍କ ସୂଚନା ମୁତାବକ ପ୍ରମୋଦ କୁମାର ଦାସଙ୍କ ଝିଅ ତଥା ପୀଡ଼ିତା ଅଭିଯୁକ୍ତ ଦିଲୀପଙ୍କ ସହିତ ବିବାହ କରିଥିଲେ। ଉଭୟଙ୍କର ଏକ ୬ ବର୍ଷର ଶିଶୁ ସନ୍ତାନ ରହିଛି । ଗତ ଏକ ବର୍ଷ ହେବ ଦିଲୀପଙ୍କର ଅନ୍ୟ ନାରୀମାନଙ୍କ ସହିତ ଥିବା ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ଝଗଡା ହେଉଥିବା ବେଳେ ଅଭିଯୁକ୍ତ ତାଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଅଭିଯୁକ୍ତ ନୂତନ ବ୍ୟବସାୟ କରିବା ନିମନ୍ତେ ପୀଡ଼ିତାଙ୍କୁ ବାପାଙ୍କ ଠାରୁ ୫,୦୦,୦୦୦ ଟଙ୍କା ଯୌତୁକ ଆଣିବାକୁ କହିଥିଲେ । ତାଙ୍କ ବାପାଙ୍କୁ ଯୌତୁକ ମାଗିବାକୁ ମନା



କରିବାରୁ ଅଭିଯୁକ୍ତ ତାଙ୍କୁ ପୁନଶ୍ଚ ଖରାପ ଭାଷରେ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ପୀଡ଼ିତା ସେଠାରେ ଅଚେତ ଅବସ୍ଥାରେ ପଡ଼ିଯାଇଥିଲେ ସୁଦ୍ଧା ଶାଶୁଘରେ ଥିବା ପରିବାରର କୌଣସି ସଦସ୍ୟ ତାଙ୍କୁ ହସ୍ପିଟାଲକୁ ନେଇନଥିଲେ। ଘଟଣାର ପରଦିନ ପୀଡିତାଙ୍କ ଅବସ୍ଥା ଶୋଚନୀୟ ହେବାରୁ ଶାଶୁଘର ପରିବାରବର୍ଗ ତାଙ୍କୁ ବାଲକାଟି ପ୍ରାଥମିକ ହସ୍ପିଟାଲକୁ ନେଇଥିଲେ। ସେଠାରେ ଦୁଇଜଣ ବ୍ୟକ୍ତି ପୀଡିତାଙ୍କ ଅବସ୍ଥା ଶୋଚନୀୟ ଦେଖି ତାଙ୍କ ବାପାଙ୍କୁ ଜଣାଇବା ସହ ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ଓ ପରେ ଗତ ୧୨.୦୮.୨୦୨୪ ରିଖରେ ପୀଡ଼ିତା ସମ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଚିକିତ୍ସିତ ହୋଇ ସେ ଗତ ୫ ତାରିଖରେ ନିଜ ବାପାଙ୍କ ଘରକୁ ଫେରିଥିଲେ। ୨୧ ରିଖରେ ପୁନଶ୍ଚ ପୀଡିତାଙ୍କ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କ ବାପା ତାଙ୍କୁ ସମ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ୨୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ମୃତକ ମହିଳାଙ୍କ ବାପା ବାଲିଅନ୍ତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ, ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

**ଖାତିର କଲେନି ସରକାରଙ୍କ ଚେତାବନୀ**

# ଧାରଣାରେ ବସିଲେ ନର୍ସିଂ କର୍ମଚାରୀ

**ଯାଜପୁର, ୨୫।୯ (ସଂଚାର ବ୍ୟୁରୋ):** ଅଜିଠୁ ସାରା ରାଜ୍ୟରେ ୧୦ ଦଫା ଦାବି ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଜରୁରିକାଳୀନ ରୋଗୀ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦ ରଖିଛନ୍ତି । ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଯଯାତି କେଶରୀ ମେଡ଼ିକାଲ କଲେଜ ସମ୍ମୁଖରେ ନର୍ସିଂ କର୍ମଚାରୀ ଧାରଣା ଦେଇଥିଲେ । ତେବେ ୬ ବର୍ଷ ଚୁକ୍ତି ଭିତ୍ତିକ ନର୍ସିଂ ଅଫିସର ମାନଙ୍କୁ ରେଗୁଲାର କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ପୂର୍ବରୁ ଧାରଣା ରେ ବସିଥିବା ବେଳେ ମାସେ ଭିତରେ ସବୁ ସମସ୍ୟା ର ସମାଧାନ କରାଯିବ ବୋଲି କହିଥିବା ବେଳେ ମାସେ ବିତିଯାଇଥିଲେ ମଧ୍ୟ ଏ ଯାଏଁ କୌଣସି ଦାବି ପୂରଣ କରାଯାଇନାହିଁ । ଅନ୍ୟପକ୍ଷରେ ଅଗଷ୍ଟ ୭ ତାରିଖରୁ ରାଜ୍ୟରେ କାର୍ଯ୍ୟରତ ନର୍ସ, ପାରାମେଡିକ୍ସ, ଟେକ୍ନିସିଆନ୍ ଓ ଅନ୍ୟ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଏସ୍‌ମା ଲାଗୁ ହୋଇଛି । ଏହା ୬ ମାସ ଯାଏଁ ବଳବତ୍ତର ରହିବ । ତେଣୁ ଏସମା ଲାଗୁ ବେଳେ ଆନ୍ଦୋଳନକୁ ଓହ୍ଲାଇଲେ




କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସରକାର ଚେତାବନୀ ଦେଇଛନ୍ତି । ତଥାପି ଆଜି ପୁଣି ଆନ୍ଦୋଳନ କୁ ଓହ୍ଲାଇଛନ୍ତି ନର୍ସିଂ କର୍ମଚାରୀ । ଏବେ କେବଳ ଜରୁରୀକାଳୀନ ସେବା, ଆଇସିୟୁ ଓ ଓଟି ସେବାକୁ ଛାଡି ଅନ୍ୟ ବିଭାଗରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ବେଳେ ୨୭ ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନର୍ସିଂ ସଂଘ ପକ୍ଷରୁ ହେଇଛି।

## ମା’ କୁଞ୍ଜେଶ୍ୱରୀଙ୍କ ପୀଠରେ ୧୬ପୂଜା

**କଣାସ, ୨୫।୯ (ସଂଚାର ବ୍ୟୁରୋ):** କଣାସ ଅଞ୍ଚଳର ପ୍ରସିଦ୍ଧ ଠାକୁରାଣୀ ମା କୁଞ୍ଜେଶ୍ୱରୀଙ୍କ ପୀଠରେ ଗତକାଲି ଆଶ୍ୱିନମାସ ମୂଳା ଅଷ୍ଟମୀ ହୋଇଥିବାରୁ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ପୂଜା ୧୬ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମା କାଠି ଦିଅଁ ଭାବେ ୪ଦିନ ବ୍ୟାପି ଆଖପାଖ ୧୬ଖଣ୍ଡରେ ପରିକ୍ରମା କରି ଦୁଆରି ଭୋଗ ଖାଇବେ। ସେବାୟତ ମାନେ ନିଷ୍ଠାର ସହିତ ୧୬ପୂଜା ରେ କାର୍ଯ୍ୟକରିବେ। ସେହିପରି ତ୍ରିଲୋଚନପୁର ଗ୍ରାମର ଆରାଧ୍ୟ ଠାକୁର ମା ଦୁର୍ଗାଙ୍କ ପୀଠରେ ଗତକାଲି ଠାରୁ ରୀତିନୀତି ଅନୁଯାୟୀ ୧୬ପୂଜା ଆରମ୍ଭ ହୋଇଛି। କଣାସ ବ୍ଲକର ଅନେକ ପୀଠରେ ୧୬ପୂଜା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଥିଲା।

## ବଜ୍ରାଘାତରେ କୃଷକ ମୃତ

**ଗୋପ, ୨୫।୯ (ସଂଚାର ବ୍ୟୁରୋ):** ମୃତ୍ୟୁ ଦେଖେନାହିଁ ସ୍ଥାନ କାଳ ପାତ୍ର, ଗରିବ ଧନୀ, ଛୋଟ ନା ବଡ଼। କେତେବେଳେ ଆସିବ ତାହା କେହିଁ କହିପାରିବିନି । ଏମିତି ଏକ ଅଭାବନୀୟ ଘଟଣା ଘଟିଛି ଗୋପ ବ୍ଲକ ଅଧିନସ୍ତ ଅଣ୍ଡରା - ଇଛାପୁର ପଞ୍ଚାୟତର ବଡ଼ ମଠ ଗ୍ରାମର ଚିତ୍ରସେନ ରାଉତ (୪୦)ଙ୍କ କ୍ଷେତ୍ରରେ । ବୁଧୁବାର ସକାଳ ସମୟରେ ବିଲରୁ କାର୍ଯ୍ୟ ସାରି ଫେରୁଥିବା ସମୟରେ ହଠାତ ବଜ୍ରପାତ ହେଇଥିଲା ଆଉ ସେଠାରେ ସିଏ ଟଳି ପଡ଼ିଥିଲେ । ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତା ତାଙ୍କୁ ଗୋପ ହସ୍ପିଟାଲକୁ ଅଣାଯାଇଥିଲା। କିନ୍ତୁ ଡକ୍ଟର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୋପରୁ ଚାରିଛକ ହସ୍ପିଟାଲକୁ ଶବ ବ୍ୟବଛେଦ ପାଇଁ ପଠାଇଛି ଗୋପ ଥାନା । ଚିତ୍ରସେନଙ୍କ ପୁଅ ଗୋପ କଲେଜରେ ପାଠ ପଢୁଥିବା ବେଳେ ଝିଅ ସ୍କୁଲରେ ପଢ଼େ। ପରିବାରର ଏକମାତ୍ର ରୋଜଗାରକ୍ଷମ ହେଉଛନ୍ତି ଚିତ୍ରସେନ। ଏଣୁ ପଞ୍ଚାୟତ ପକ୍ଷରୁ ସରକାରଙ୍କ ନିକଟରେ ଚିତ୍ରସେନ ପରିବାର ଭରଣ ପୋଷଣ ଓ ପୁଅ ଝିଅର ପାଠପଢା ଆଦି ଖର୍ଚ୍ଚ ବହନ କରିବାକୁ ସାଧାରଣରେ ଦାବି ହେଉଛି।

# ସହାୟତା ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଭିନ୍ନକ୍ଷମ ମୁକୁନ୍ଦ

**ନୀଳଗିରି, ୨୫।୯ (ସଂଚାର ବ୍ୟୁରୋ):** ଛେଳି ଚରାଇବାକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇ ପଙ୍ଗୁ ପାଲଟି ଯାଇଥିବା ବରହମପୁର ଥାନା ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ ବେତକଟା ଗ୍ରାମର ମୁକୁନ୍ଦ ମାଝୀ ବୁଧବାର ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ ମୁକୁନ୍ଦ ୨୦୨୪ ଅଗଷ୍ଟ ମାସ ୧୮ତାରିଖରେ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଏକ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସେବେଠୁଁ ଏ ପର୍ଯ୍ୟନ୍ତ ବନବିଭାଗ ତରଫରୁ କୌଣସି ସହାୟତା ମିଳିନଥିବା ବେଳେ କେବଳ ବନବିଭାଗ ଗାଡ଼ିରେ ନୀଳଗିରି ହସ୍ପିଟାଲରେ ଛାଡି ଦେଇ, କର୍ତ୍ତବ୍ୟ ସାରିଦେଇଥିବା ମୁକୁନ୍ଦ ଅଭିଯୋଗ କରିଛନ୍ତି। ଜ୍ୟୋତି ହସ୍ପିଟାଲରେ ରହି ଚିକିତ୍ସାଧୀନ ସମୟରେ ଆନୁମାନିକ ଏକଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଥିବା ବେଳେ କୌଣସି ସୁଫଳ ମିଳିନାହିଁ। ବରଂ ବିକଳାଙ୍ଗ ହୋଇ ବସିରହିଥିବା ଅଭିଯୋଗ କରିଛନ୍ତି। ବନବିଭାଗ ତରଫରୁ କୌଣସି ଆର୍ଥିକ ସହାୟତା ମିଳିନଥିବା ବେଳେ ସରକାରୀ ସାହାଯ୍ୟ ପାଇଁ ଆଜି ଏକ ଟେମ୍ପୋ ଭଡାକରି ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି।





**ଛଅ ମାସର ଦରମା ନାହିଁ**

## କାମ ବନ୍ଦ କଲେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର

**ନୟାଗଡ଼, ୨୫।୯ (ସଂଚାର ବ୍ୟୁରୋ):** ନୟାଗଡ଼ ବ୍ଲକ ଲେବୁଲ ଜିପିଏଲଏଫ କର୍ମୀ ସଂଘ ତରଫରୁ ଆଜି ନୟାଗଡ଼ ବ୍ଲକ ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ତିନିଗୋଟି କମ୍ୟୁନିଟ ସପଟ ଷ୍ଟାଫଙ୍କର ଦୀର୍ଘ ଦିନ ଧରି ପାରିଶ୍ରମିକ ଆସୁନଥିବାରୁ ସେମାନେ ଆଜିଠାରୁ ତୃଣମୂଳ ସ୍ତରରୁ କାର୍ଯ୍ୟ ବନ୍ଦ କରିଛନ୍ତି । ସୁଚନାନୁସାରେ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ମାନେ ଦୁଇ ବର୍ଷ ଧରି ନୀରବଛିନ୍ନ ଭାବେ ସରକାରଙ୍କର ସମସ୍ତ ଯୋଜନା ତୃଣମୁଳ ସ୍ତରରେ ରୁପାୟତ କରି ଆସୁଛନ୍ତି । ଦୀର୍ଘ ଛଅ ମାସ ହେଲା ସେମାନଙ୍କୁ ଦରମା ମିଳିନାହିଁ ଉପରିସ୍ଥ ଅଧୀକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ବିଭାଗିୟ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ସମସ୍ୟା ସମ୍ବନ୍ଧରେ ଲିଖିତ ଅଭିଯୋଗ ପତ୍ର ଦେବା ସତ୍ତ୍ୱେ ଏ ବାବଦରେ ଅଦ୍ୟାବଧୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଯେଉଁଥି ପାଇଁ ସେମାନଙ୍କର ଜୀବନ ଜୀବିକା ଉପରେ ବାଧାପ୍ରାପ୍ତ ହେଉଅଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଆଜିଠାରୁ ସମସ୍ତେ କାର୍ଯ୍ୟ ବନ୍ଦ କରିଛନ୍ତି । ଆଜି ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁଙ୍କୁ ଏ ସମ୍ବନ୍ଧରେ ଲିଖିତ ଭାବେ ଜଣାଇଛନ୍ତି ।

**ଜଗତସିଂହପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଫେଲ**

# ବିଶେଷଜ୍ଞ ଅଭାବରୁ ରୋଗୀ କଟକ ରେଫର

**ଜଗତସିଂହପୁର, ୨୫।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସମସ୍ୟାର ଲମ୍ବା ତାଲିକା କେବଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ବୋଲି ନୁହଁ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଫେଲ ମାରିଛି । ଭିତ୍ତିଭୂମି ଗଦା ଗଦା ଥିଲେ ବି ଡାକ୍ତର ଅଭାବ ସବୁଠି। ରୋଗୀ ସାଧାରଣ ଚିକିତ୍ସାଟିଏ ପାଇଁ ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଦିଗରେ ଜିଲ୍ଲାସ୍ୱାସ୍ଥ୍ୟ ବିଭାଗ ଚୁପ ବସିଥିବା ବେଳେ ବର୍ତ୍ତମାନ ମୁହଁ ଖୋଲିଲେଣି ସାଧାରଣ ଜନତା ଓ ସହରର ବିଭିନ୍ନ ସାମାଜିକ ସଂଗଠନ କର୍ମକର୍ତ୍ତା। ସମସ୍ତଙ୍କ ମତ ପୂର୍ବସରକାର ଭିତ୍ତିଭୂମି ତ ଦେଲେ ନୂଆ ସରକାର ଡାକ୍ତର ଓ ନର୍ସ ଦିଅନ୍ତୁ ବୋଲି ସାଧାରଣ ଜନତା ପ୍ରଶ୍ନ ଉଠାଇଛନ୍ତି ।

ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମି ବିକାଶ ସତ୍ତ୍ୱେ ଜଟିଳ ରୋଗକୁ ନିଦାନ ନାହିଁ। ପରିସ୍ଥିତିରେ ପଡ଼ି ହେଉ ଅଥବା ଗୁରୁତ୍ୱର ଦୁର୍ଘଟଣାର ଶିକାର ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସିଲେ ରୋଗୀଙ୍କୁ ଉପଯୁକ୍ତ ସେବା ବଦଳରେ କଟକ ରେଫର କରି ଦିଆଯାଉଛି । ଫଳରେ ରୋଗ ଏବଂ ଆଘାତର ଜଟିଳତା ଦୃଷ୍ଟିରୁ ଅଧିକାଂଶ ସମୟରେ କଟକ ଯିବା




ପୂର୍ବସରକାର ଭିତ୍ତିଭୂମି ଦେଲେ, ନୂଆ ସରକାର ଡାକ୍ତର ଦିଅନ୍ତୁ: ସାଧାରଣ ଜନତାଙ୍କ ଦାବି

ବାଟରେ ରୋଗୀଙ୍କର ମୃତ୍ୟୁ ଘଟୁଛି । ପୂର୍ବତନ ସରକାର ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅତ୍ୟାଧୁନିକ ଯନ୍ତ୍ରପାତି ଠାରୁ ଆରମ୍ଭ କରି କୋଠାବାଡ଼ି, ଗାଡ଼ି, ଆମ୍ବୁଲାନ୍ସ, ଔଷଧପତ୍ର ଏବଂ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରୁଛନ୍ତି । ହେଲେ ଅସଲ ବେଳକୁ ସବୁ ଫେଲ ମାରୁଛି । ଥିଲାବାଲା ଲୋକ ଅସୁସ୍ଥ ରୋଗୀଙ୍କୁ କୌଣସି ମତେ କଟକ ନେଉଛନ୍ତି ହେଲେ ଗରିବ ଲୋକେ ଡାକ୍ତରଖାନାରେ ପଡ଼ି ପଡ଼ି ମୃତ୍ୟୁ ବରଣ କରୁଛନ୍ତି । ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ଗୁରୁତର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ବଦଳରେ ଅନେକ ସମୟରେ ରୋଗୀଙ୍କୁ ଦେଖୁ ଦେଖୁ କଟକ ପଠାଇ ଦିଆଯାଉଛି ବୋଲି ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି । ଏହାର ଦୁଇ ଗୋଟି ମୁଖ୍ୟ କାରଣ ହେଉଛି ପ୍ରଥମତଃ ରୋଗ ଏବଂ ଆଘାତର ଗମ୍ଭୀରତା ଏବଂ ଅନ୍ୟଟି ହେଲା ଚିକିତ୍ସା ଜନିତ ରିସ୍କ, ପ୍ରଥମ କ୍ଷେତ୍ରରେ ରୋଗୀଙ୍କୁ ରେଫର କରିବା ଯଥାର୍ଥ ମନେ କରାଯାଉଥିଲେ ମଧ୍ୟ ଦ୍ୱିତୀୟ କ୍ଷେତ୍ରରେ ପରିସ୍ଥିତିକୁ ମୁକାବିଲା କରିବାର ଭୟ ଯାହାକି ଏବେ ସରକାରୀ ଡାକ୍ତରଖାନା ଆସୁଥିବା ଲୋକଙ୍କୁ ଚିନ୍ତାରେ ପକାଇଛି । ପରିସ୍ଥିତି ଏପରି ହୋଇଛି ଯେ ଦାୟିତ୍ୱରେ ଥିବା ଡାକ୍ତରମାନେ ରୋଗୀଙ୍କୁ କଟକ ରେଫର କରିଦେଉଛନ୍ତି ।

ଏହି ଅଭିଯୋଗରୁ ପ୍ରମାଣିତ ହୋଇଛି ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଗୁରୁତର ରୋଗୀଙ୍କୁ ସେବା ବଦଳରେ ରେଫେରାଲ ସଂଖ୍ୟା ବୃଦ୍ଧି ପାଉଛି। ସେହିପରି ଆଉଟଡୋରରେ ରୋଗୀଙ୍କ ସଂଖ୍ୟା କଳ୍ପନାନୀତ ଭାବେ ବୃଦ୍ଧି ଘଟିଛି । ଏହା ସତ୍ତ୍ୱେ ମଧ୍ୟ ଜିଲ୍ଲାବାସୀଙ୍କ ମେଡ଼ିକାଲ କଲେଜ ଦାବୀଙ୍କୁ ସରକାର ଗ୍ରହଣ କରୁନାହାନ୍ତି । ଗତ ବର୍ଷ ଜିଲ୍ଲାବାସୀଙ୍କୁ ସନ୍ତୁଷ୍ଟ କରିବାକୁ ସରକାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାତୃଶିଶୁ ନିର୍ମାଣ ସହିତ ଶଯ୍ୟା ସଂଖ୍ୟା ଶହେକୁ ବୃଦ୍ଧି ଘୋଷଣା କରିଛନ୍ତି । ହେଲେ ୩ଶହ ରୋଗୀଙ୍କୁ ସେବା ଯୋଗାଇ ଦେବାକୁ ଜିଲ୍ଲା ହସ୍ପିଟାଲ ନିର୍ମାଣରେ ମାତୃ ଶିଶୁ କୋଠା ଚିକ୍କଣ ହୋଇଥିଲେ ମଧ୍ୟ ରୋଗୀଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି । ଫଳରେ ଜଟିଳ ରୋଗର ନିଦାନ ନେଇ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି । ଯଥାଶୀଘ୍ର ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ନିଯୁକ୍ତି ଦିଆଯିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଏମ୍ସରେ ତମାଖୁ ନିବାଣ କେନ୍ଦ୍ର ଉଦ୍ଘାଟିତ

**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ଗତକାଲି ଭୁବନେଶ୍ୱର ଏମ୍ସରେ ତମାଖୁ ନିବାରଣ କେନ୍ଦ୍ର (ଟିସିସି)କୁ ଭର୍ଚୁଆଲ ଭାବେ ଉଦ୍ ଘାଟନ କରିଛନ୍ତି। ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ ର ଶୁଭାରମ୍ଭ ସହିତ ମିଶି ତମାଖୁ ମୁକ୍ତ ସମାଜ ହାସଲ ଦିଗରେ ଭାରତର ପ୍ରୟାସରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ୬୦ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ସଚେତନତା ସୃଷ୍ଟି କରିବା ଏବଂ ଦେଶର ଯୁବବର୍ଗଙ୍କ ମଧ୍ୟରେ ତମାଖୁ ନିବାରଣ ଦିଗରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା । ଟିସିସି ସେବାର ଫଳପ୍ରଦତାକୁ ସୁଦୃଢ଼ କରିବା ପାଇଁ ରୋଗୀ ସଚେତନତା ଅଭିଯାନ ପାଇଁ ସେ ଆହ୍ୱାନ ଦେଇଥିଲେ। ଭାରତରେ ତମାଖୁର ବ୍ୟାପକ ବ୍ୟବହାର ଏବଂ ଅନେକ ଚିକିତ୍ସା ସମସ୍ୟା ସହିତ ଏହାର ସମ୍ପର୍କକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏମ୍ସରେ ଟିସିସି ଏକ ୱାନ୍ ଷ୍ଟପ୍ ସେଣ୍ଟର ଭାବରେ ପରିକଳ୍ପନା କରାଯାଇଛି




ଯାହା ତମାଖୁ ଛାଡିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ବହୁମୁଖୀ ଯତ୍ନ ଏବଂ ସହାୟତା ପ୍ରଦାନ କରେ । ଦିଲ୍ଲୀପ କୁମାର ପରିଡ଼ା, ମେଡିକାଲ ଅଧୀକ୍ଷକ ଡା. ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଉପନିର୍ଦ୍ଦେଶକ ଡ. ଏବଂ ପଲମୋନାରୀ ମେଡିସିନ, ସିଏମଏଫଏମ, ଟ୍ରମା ଏବଂ ଜରୁରୀକାଳୀନ, ଦନ୍ତ ଚିକିତ୍ସା, ମେଡିସିନ, ମେଡିକାଲ ଅଙ୍କୋଲୋଜି ବିଭାଗର ମୁଖ୍ୟ ଏବଂ ମାନସିକ ରୋଗ ବିଭାଗର ଅଧ୍ୟାପକ। ତମାଖୁ ସେବନ, ଉଭୟ ଧୂମପାନ ଏବଂ ଚବାଇବା ଆକାରରେ, ସମଗ୍ର ବିଶ୍ୱରେ ପ୍ରତିରୋଧଯୋଗ୍ୟ ରୋଗ ଏବଂ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇ ରହିଛି ।

# ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି ବୈଠକ

## ୪୯୫୪ କୋଟି ଟଙ୍କାର ୩୧ଟି ବୃହତ୍ ପ୍ରକଳ୍ପକୁ ଅନୁମୋଦନ




**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ୧୩୧ତମ ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି (ସିଙ୍ଗଲ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି) ବୈଠକ ଆଜି ଅପରାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୋଟ ୪, ୯୫୪.୨୬ କୋଟି ଟଙ୍କା ମୂଲ୍ୟର ୩୧ଟି ଅଭିନବ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହା ଫଳରେ ଓଡ଼ିଶା ରାଜ୍ୟ ସରକାର ନିଯୁକ୍ତି ଓ ଅଭିବୃଦ୍ଧି ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି। ଏହା ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶର ବ୍ୟାପକତା ସାଙ୍ଗକୁ ଓଡ଼ିଶାର ଅର୍ଥନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିବା ସହ ରାଜ୍ୟକୁ ଏକ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳର ମାନ୍ୟତାକୁ ସୁଦୃଢ଼ କରିବ। ଏସଏଲଏସଡବ୍ଲ୍ୟୁସିଏରେ ଆଜି ମେକାନିକାଲ ଏବଂ ଇଲେକ୍ଟ୍ରିକାଲ କ୍ୟାପିଟାଲ ଗୁଡ୍ସ, ଫୁଡ୍ ପ୍ରୋସେସିଂ, ପ୍ୟାକେଜିଂ, ପୋଷାକ ଏବଂ ଟେକ୍ସଟାଇଲ, ଜୈବ ଇନ୍ଧନ, ସବୁଜ ଶକ୍ତି ଉପକରଣ, ଇଏସଡିଏମ, ଇସ୍ପାତ (ଆନୁଷଙ୍ଗିକ), ଅଣ ଧାତବ ଖଣିଜ ଉତ୍ପାଦ (ରିଫ୍ରାକ୍ଟରୀ ପ୍ରଡକ୍ଟସ), ଇସ୍ପାତ (ଡାଉନଷ୍ଟ୍ରିମ), ପ୍ଲାଷ୍ଟିକ, ଖାଦ୍ୟ, ପାନୀୟ ଏବଂ ଆନୁଷଙ୍ଗିକ କ୍ଷେତ୍ର, କୃଷି ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଶକ୍ତି ଏବଂ ଅକ୍ଷୟ ଶକ୍ତି ଏବଂ ଫାର୍ମାସ୍ୟୁଟିକାଲ୍ ସମେତ ବିଭିନ୍ନ କ୍ଷେତ୍ରରେ ଅନେକ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଖୋର୍ଦ୍ଧା, ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୋଳ, ଯାଜପୁର, ଭଦ୍ରକ, କଟକ, ଜଗତସିଂହପୁର, ବାଲେଶ୍ୱର, ରାୟଗଡ଼ା, ଢେଙ୍କାନାଳ, ପୁରୀ, ପାରାଦୀପ, କୋରାପୁଟ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

# ଗୃହ ମନ୍ତ୍ରଣାଳୟ ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ପ୍ରତିଶ୍ରୁତିବଦ୍ଧ



**ନୂଆଦିଲ୍ଲୀ,୨୫।୯:** ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରି ଗୃହ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀମାନେ ନର୍ଥ ବ୍ଲକ ପାର୍କରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଗୃହ ମନ୍ତ୍ରଣାଳୟ ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ସ୍ୱଚ୍ଛତା ଏବଂ ଲୋକଙ୍କ ନିରନ୍ତର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନେକ ପ୍ରୟାସ କରାଯାଉଛି। ଏହି ପ୍ରୟାସର ଏକ ଅଂଶ ଭାବରେ ସୀମା ପରିଚାଳନା ସଚିବ ରାଜେନ୍ଦ୍ର କୁମାର ନର୍ଥ ବ୍ଲକରେ ଗୃହ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। ଗୃହ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀମାନେ ନର୍ଥ ବ୍ଲକ ପରିସରରେ ସ୍ୱଚ୍ଛତା ପାଇଁ ଶ୍ରମଦାନ କରିଥିଲେ। ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ସ୍ୱଚ୍ଛତା ଏବଂ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଦିଗରେ ଗୃହ ମନ୍ତ୍ରଣାଳୟ ଦ୍ୱାରା କରାଯାଉଥିବା ଅନେକ ପ୍ରୟାସ ମଧ୍ୟରୁ ଏହି କାର୍ଯ୍ୟକ୍ରମ ଅନ୍ୟତମ। ସ୍ୱଚ୍ଛତା ପ୍ରତିଶ୍ରୁତି ଆମ ଆଖପାଖକୁ ପରିଷ୍କାର ରଖିବା, ବର୍ଜ୍ୟବସ୍ତୁର ଦାୟିତ୍ୱପୂର୍ଣ୍ଣ ନିଷ୍କାସନକୁ ପ୍ରୋତ୍ସାହିତ କରିବା ଏବଂ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲା।

# ଭେଜାଲ୍ ଔଷଧ ପ୍ରତି ଫାର୍ମାସିଷ୍ଟମାନେ ବିଶେଷ ଧ୍ୟାନ ଦିଅନ୍ତୁ



**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସବୁ କ୍ଷେତ୍ରରେ ଅପମିଶ୍ରଣ ଅଥବା ଭେଜାଲ କାରବାର ପରିଲକ୍ଷିତ ହେଉଛି। କିନ୍ତୁ ଜୀବନ ରକ୍ଷାକାରୀ ଔଷଧରେ ଅପମିଶ୍ରଣ ହେଲେ ଏହା ମାନବ ଜାତି ପ୍ରତି ବିଶ୍ୱାସଘାତକତା ହେବ। ତେଣୁ ଫାର୍ମାସିଷ୍ଟମାନେ ଏଥି ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଫାର୍ମାସୀ ବିଭାଗ ପକ୍ଷରୁ ବୁଧବାର ଆୟୋଜିତ ବିଶ୍ୱ ଫାର୍ମାସିଷ୍ଟସ ଦିବସ 'ଏଲିକ୍ଜର -୨୦୨୪' ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦାସ କହିଥିଲେ ଯେ କରୋନା ପରି ମହାମାରୀ ହୁଏତ ଆଗାମୀ ଭବିଷ୍ୟତରେ ମଧ୍ୟ ବିଶ୍ୱ ସାମ୍ନା କରିପାରେ। ତେଣୁ ଏପରି ବିପତିରୁ ସମାଜକୁ ଉଦ୍ଧାର କରିବା ପାଇଁ ଫାର୍ମାସିଷ୍ଟମାନେ ସଂକଳ୍ପବଦ୍ଧ ହେବା ସହ ଏଭଳି ଔଷଧ ଆବିଷ୍କାର କରିବା ଦରକାର ଯାହାର ଗୁଣବତାରେ କୌଣସି ସନ୍ଦେହ ନଥିବ ଏବଂ ଏହାର କୌଣସି ପାର୍ଶ୍ୱପ୍ରତିକ୍ରିୟା ମଧ୍ୟ ରହିବ ନାହିଁ ବୋଲି ଦାସ ଫାର୍ମାସିଷ୍ଟମାନଙ୍କୁ ନିବେଦନ କରିଛନ୍ତି। ଏଥି ନିମନ୍ତେ ଫାର୍ମାସିଷ୍ଟମାନେ ସର୍ବଦା ଜିଜ୍ଞାସୁ ହେବା ଆବଶ୍ୟକ ଯାହା ଫଳରେ ଭେଷଜ ବିଜ୍ଞାନରେ ନୂତନ ଦିଗ ଉନ୍ମୋଚିତ ହୋଇପାରିବ। ଏହା ଦ୍ୱାରା ମାନବଜାତିର ମଙ୍ଗଳ ହେବ। ତେଣୁ ଏହି ଦିଗ ପ୍ରତି ଫାର୍ମାସିଷ୍ଟମାନେ ସଜାଗ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟ ବଳରେ ସମଗ୍ର ମାନବସମାଜ ଫାର୍ମାସିଷ୍ଟମାନଙ୍କ ପାଖରେ ସଦା କୃତଜ୍ଞ ହୋଇ ରହିବ ବୋଲି ସେ କହିଛନ୍ତି।

# ଅଚ୍ୟୁତଙ୍କୁ ୬୦ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆସାମ ଡାଉଟ୍ ଟାଉନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି। ବୁଧବାର ଗୁଆହାଟିସ୍ଥିତ ଆସାମ ଡାଉଟ୍ ଟାଉନ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ସମାରୋହ ଅବସରରେ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଆସାମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଓ ସମ୍ମାନୀୟ ଅତିଥି ଆସାମ ଜନସ୍ୱାସ୍ଥ୍ୟ, ନିଯୁକ୍ତି, ପର୍ଯ୍ୟଟନ ଓ ସ୍କିଲ୍ ବିଭାଗ ମନ୍ତ୍ରୀ ଜୟନ୍ତ ବରୁଆ ପ୍ରମୁଖଙ୍କ ଉପସ୍ଥିତିରେ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସାମନ୍ତଙ୍କୁ ସମ୍ମାନସୂଚକ ଡ଼କ୍ଟୋରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି। ୨୦୦୯ରେ ସାମନ୍ତ ପ୍ରଥମେ କାମ୍ବୋଡ଼ିଆ ନ୍ୟାସ୍ନାଲ୍ ୟୁନିଭରସିଟିରୁ ସମ୍ମାନସୂଚକ ଡକ୍ଟୋରେଟ୍ ପାଇଥିଲେ। ବର୍ତ୍ତମାନ ସୁଦ୍ଧା ସେ ଦେଶ ବିଦେଶର ବହୁ ବିଶ୍ୱବିଦ୍ୟାଳୟରୁ ୬୦ଟି ସମ୍ମାନସୂଚକ ଡକ୍ଟୋରେଟ୍ ପାଇ ସାରିଲେଣି।

# ଷ୍ଟାନଫୋର୍ଡ ର୍‌ୟାଙ୍କିଙ୍ଗ ବିଶ୍ୱର ୨% ବୈଜ୍ଞାନିକଙ୍କ ମଧ୍ୟରେ ଆଇଆଇଟି ଅଧ୍ୟାପକ

**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ଏକ ସଫଳତାରେ, ଉଚ୍ ଏକାଡେମିକ୍ ପ୍ରକାଶନ କମ୍ପାନୀ ଏଲ୍ସେଭିଅର ସହଯୋଗରେ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ସମ୍ମାନଜନକ ମାନ୍ୟତା ଅନୁଯାୟୀ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ୬ ଜଣ ଅଧ୍ୟାପକ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ମାନ୍ୟତା ପାଇଛନ୍ତି। ଏହି ବାର୍ଷିକ ର୍‌ୟାଙ୍କିଙ୍ଗ୍ୱିଶ୍ୱର ଏକାଡେମିକ୍ ସମ୍ପ୍ରଦାୟରେ ବହୁ ସମ୍ମାନିତ, ସେମାନଙ୍କର ଅନୁସନ୍ଧାନ କାର୍ଯ୍ୟର ପ୍ରଭାବ, ଉଦ୍ଧୃତ ସୂଚକାଙ୍କ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଏକାଡେମିକ୍ ପାରାମିଟର ଉପରେ ଆଧାର କରି ବୈଜ୍ଞାନିକମାନଙ୍କୁ ମାନ୍ୟତା ପ୍ରଦାନ କରେ। ଆଇଆଇଟି ଭୁବନେଶ୍ୱରରୁ ଅଧ୍ୟାପକଙ୍କ ଏହି ସୂଚୀରେ ଅନ୍ତର୍ଭୁକ୍ତ ହେବା କେବଳ ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ପ୍ରତିଷ୍ଠାନର ଉତ୍କର୍ଷତାକୁ ଆଲୋକିତ କରୁନାହିଁ ବରଂ ବିଶ୍ୱ ପ୍ଲାଟଫର୍ମରେ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା ଯୋଗଦାନକୁ ମଧ୍ୟ ଦର୍ଶାଉଛି।

# କଟକ ସଦର ବିଧାୟକଙ୍କ ଜନଶୁଣାଣି

**କଟକ,୨୫ ।୯(ସଂଚାର ବ୍ୟୁରୋ):** କଟକ ସଦର ୪୨ ମୌଜାରେ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ କଳପଡ଼ା କଲ୍ୟାଣ ମଣ୍ଡପ ଠାରେ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କ ଅଧ୍ଯକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୋର କମିଟି ସଭାପତି ବରିଷ୍ଠ ସମାଜସେବୀ ଇଂ.ଆଶୋକ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ ଏବଂ ମାନ୍ୟବର ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣିରେ କଟକ ସଦର ବିଡ଼ିଓ ରୁମାନା ଜାଫ୍ରି, ଆଡିସନାଲ ତହସିଲଦାର ସୋମେନ ବିଶ୍ୱାଳ,୪୨ମୌଜା ଥାନା ଭାରପ୍ରାପ୍ତ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା,ବ୍ଲକ କୃଷି ଅଧିକାରୀ ଜାଫନା ରାୟ,ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୪୮୫ ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା । ଅଭିଯୋଗ ଶୁଣାଣି ଶିବିରରେ ଆବାସ ଯୋଜନା ଓ ଭତ୍ତା ପାଇଁ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉନ୍ନତ ଲୋକାଭିମୁଖୀ ଏହି କାର୍ଯ୍ୟକ୍ରମ ପ୍ରଶାସନ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାର ସଫଳ ପ୍ରୟାସ ନେଇ ସମସ୍ତ ମହଲରେ ଉଚ୍ଚ ପ୍ରଶଂସା କରା ଯାଇଛି ।

# ରେଭେନ୍ସାରେ ଛାତ୍ର ବିକ୍ଷୋଭ

## ନାମ ପରିବର୍ତ୍ତନ ମନ୍ତବ୍ୟ ପ୍ରତ୍ୟାହାର ହେଉ




**କଟକ,୨୫।୯ (ସଂଚାର ବ୍ୟୁରୋ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ପ୍ରତ୍ୟାହାର କରିବା ପାଇଁ ପଦକ୍ଷେପ ନେବା, ରେଭେନ୍ସାରେ ଖାଲି ପଡିଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପଦବୀରେ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦେବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପ୍ରଚଳନ କରିବା, ସମସ୍ତ ଅଣାୟୀଙ୍କୁ ହଷ୍ଟେଲ ସୁବିଧା ଯୋଗାଇଦେବା, ସମସ୍ତ ଜର୍ନାଲ ପଢିବାର ସୁଯୋଗ ଦେବା, ଇଂଟରନାଲ ପରୀକ୍ଷା ଫିସ୍୧୦୦ ଟଙ୍କା ଆଦୟକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିବା, ସେମିଷ୍ଟର ପରୀକ୍ଷା ଭଳି ଇଂଟରନାଲ ପରୀକ୍ଷା ସୁଚୀକୁ କେନ୍ଦ୍ରୀୟଭାବେ ଘୋଷଣା କରିବା ତଥା ମଡରେସନ ବୋର୍ଡ ଦ୍ୱାରା ପ୍ରଶ୍ନପତ୍ର ସ୍ଥିର କରିବା। ୯୦ ଦିନର ଶିକ୍ଷାଦାନ ପରେ ସେମିଷ୍ଟର ପରୀକ୍ଷା ଶେଷକରି ୧୫ ଦିନ ମଧ୍ୟରେ ପରୀକ୍ଷା ଫଳ ଘୋଷଣା କରିବା ଏବଂ ତା' ପର ୧୫ ଦିନ ମଧ୍ୟରେ ଛାପା ମାର୍କସିଟ୍ ଯୋଗାଇଦେବା, ଲୋବ୍ରୋଟରୀ ଗୁଡିକର ଆଧୁନିକୀକରଣ କରିବା, ସମସ୍ତ ବିଭାଗରେ ପାନୀୟ ଜଳ ଯୋଗାଇଦେବା। ବିଶ୍ୱବିଦ୍ୟାଳୟ ୱେବ୍ସାଇଟକୁ ବ୍ୟବହାର କରିବାକୁ ସରଳୀକୃତ କରିବା, ରେଭେନସା ମୁଖ୍ୟ କ୍ୟାମ୍ପସ ଓ ଦ୍ୱିତୀୟ କ୍ୟାମ୍ପସ ମଧ୍ୟରେ ବସ୍ ସେବା ଯୋଗାଇଦେବା ଇତ୍ୟାଦି ପ୍ରମୁଖ ୩୨ ଦଫା ଦାବିରେ ରେଭେନ୍ସା ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୁଳପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରେଭେନ୍ସାର ଛାତ୍ରନେତା ଅଶୋକ ତାଣ୍ଡି, ଅମରେନ୍ଦ୍ର ନାୟକ, ଆଦିଲ ରାଜା, ରିଦ୍ୱିକ ମହାପାତ୍ର, ସୁରେନ୍ଦ୍ର ଜେନା, ସତ୍ୟବ୍ରତ ମୁଦୁଲି, ଗାୟତ୍ରୀ ସାହୁ, କସକ ଜେନା, ନୀନା ଜ୍ୟାକ୍ସନ ମାନିଆ, ପ୍ରତ୍ୟୁଷ ପାଣି, ଅଭିଜିତ ଜେନା, ସ୍ୱପ୍ନାରାଣୀ ପ୍ରଧାନ, ଭି. ବିନାୟକ ଦାସ, ଲତିକା ବେହେରା, ଅବିନାଶ ଦାସ, ନିଶାନ୍ତ ପୁରୋହିତ, ସୁଧାଂସୁ ଦାସ ପ୍ରମୁଖ ଏହି ବିକ୍ଷୋଭକୁ ପରିଚାଳନା କରିଥିଲେ । ଏହି ସମସ୍ତ ଦାବିଗୁଡିକୁ ପୂରଣ କରିବା ଦିଗରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରାଯିବ ବୋଲି ରେଭେନ୍ସା ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଭିତ୍ତିଭୂମି ଅନୁଧ୍ୟାନ ପାଇଁ ଓଡ଼ିଶା ଗସ୍ତରେ ବିଶ୍ୱବ୍ୟାଙ୍କ ଟିମ୍



**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** ଭିତ୍ତିଭୂମି କ୍ଷେତ୍ରରେ ଓଡିଶାର ବ୍ୟାପକ ରଣନୀତି ସମ୍ପର୍କରେ ଅଧ୍ୟୟନ ଏବଂ ଏ କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇଁ ସୁପାରିଶ କରିବା ଉଦ୍ଦେଶ୍ୟରେ ଭାରତ ସରକାର, ବିଶ୍ୱବ୍ୟାଙ୍କ ସହଯୋଗରେ ଅଧ୍ୟୟନ ନିମନ୍ତେ ଓଡ଼ିଶା ସମେତ ଗୁଜରାଟ, ମଧ୍ୟପ୍ରଦେଶ ଏବଂ ମେଘାଳୟ ଭଳି ୪ ଟି ରାଜ୍ୟକୁ ଚିହ୍ନଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସରକାରୀ-ବେସରକାରୀ ସହଭାଗିତା (ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍) ବିଶେଷଜ୍ଞ ଓ ପରାମର୍ଶଦାତାଙ୍କୁ ନେଇ ଗଠିତ ବିଶ୍ୱବ୍ୟାଙ୍କର ଏକ ୫ ଜଣିଆ ଟିମ୍ ଗତକାଲି ମଙ୍ଗଳବାର ଲୋକସେବା ଭବନରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରମୁଖ ଭିତ୍ତିଭୂମି ବିଭାଗମାନଙ୍କର ସଚିବ, ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ ନିର୍ଦ୍ଦେଶାଳୟ ଏବଂ ଅର୍ଥ ବିଭାଗର ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଘରୋଇ ଅଂଶଗ୍ରହଣ ରାଜ୍ୟ ପାଇଁ ଲାଭଦାୟକ ହେଉଥିବା ସମ୍ପର୍କରେ ମତ ରଖିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗର୍ଗ ପ୍ରତିନିଧି ଦଳକୁ ଓଡ଼ିଶାର ନୂତନ ପିପିପି ନୀତି, ପିପିପି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ ପାଇଁ ସଂସ୍ଥାଗତ ଢାଞ୍ଚା ଏବଂ ସାମାଜିକ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଧିକ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ନିକଟରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ରାଜ୍ୟବାସୀଙ୍କ ଆକାଂକ୍ଷା ଏବଂ ଜାତୀୟ ଓ ବିଶ୍ୱ ସ୍ତରରେ ଓଡିଶା ବହୁମୁଖୀ ସ୍ୱୀକୃତି ପାଇଁ "ଭିଜନ୨୦୩୬" ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ମତପୋଷଣ କରିଥିଲେ। ଅତୀତ ଓ ବର୍ତ୍ତମାନର ପ୍ରକଳ୍ପଗୁଡିକର ସଫଳ ରୂପାୟନ ଏବଂ ଆହ୍ୱାନ ବିଷୟରେ ଅବଗତ ହେବା ଏହି ବିଶ୍ୱବ୍ୟାଙ୍କ ଦଳର ପ୍ରାଥମିକ ଲକ୍ଷ୍ୟ। ଏହାଦ୍ୱାରା ସେମାନେରାଜ୍ୟରେ ଅନୁସରଣ କରାଯାଉଥିବା କେତେକ ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋକପାତ କରିବାରେ ସକ୍ଷମ ହେବେ, ଯାହିକି, ଅନ୍ୟ ରାଜ୍ୟ ତଥା ପ୍ରମୁଖ ବୈଶ୍ୱିକ ଅଂଶୀଦାରମାନଙ୍କୁ ଜ୍ଞାନଆହରଣ ପାଇଁ ସହାୟକ ହେବ। ଏହା ବ୍ୟତୀତ ଆବଶ୍ୟକସ୍ଥଳେ ଭବିଷ୍ୟତ ପ୍ରକଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ପରାମର୍ଶଦାତା ସେବା ପ୍ରଦାନ ମଧ୍ୟ ଏହି ଟିମ୍ ର ଲକ୍ଷ୍ୟ ରହିଛି।

# ବିତ୍ତଶାଳୀ ଜିଲ୍ଲାରେ ସାଧାରଣ ଜନତା ଉପେକ୍ଷିତ



**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଅନ୍ତର୍ଗତ ରାଇସୁଆଁ ଗ୍ରାମର ୮୦ ବର୍ଷିଆ ବୃଦ୍ଧା ପଥୁରୀ ଦେହୁରି ନିଜ ଘରଠାରୁ ୨ କି.ମି. ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଗୁରୁଣ୍ଡି ଗୁରୁଣ୍ଡି ବାର୍ଦ୍ଧକ୍ୟ ଭତା ନେବାପାଇଁ ଆସିବା ଘଟଣା ଏବେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ପ୍ରଶାସନକୁ ନିନ୍ଦା କରିବା ସହ କହିଛନ୍ତି ଯେ ଅର୍କମଣ୍ୟ ଏବଂ ଅତିଶୟ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ଘରେ ବାର୍ଦ୍ଧକ୍ୟଭତା ଅର୍ଥରାଶୀ ପ୍ରଦାନ କରିବା ପାଇଁ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସ୍ଥାନୀୟ ପ୍ରଶାସନ ମାନୁନାହାନ୍ତି। ଅର୍କମଣ୍ୟଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଆସି ଭତା ନେବାକୁ ବାଧ୍ୟ କରାଯାଉଛି। ଏହି ଘଟଣା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିଜ ଜିଲ୍ଲାରେ ଘଟିବା ଦୁର୍ଭାଗ୍ୟଜନକ। କେନ୍ଦୁଝର ଜିଲ୍ଲାର ମାଟି, ପାଣି, ପବନ ସବକିଛି ଖଣି ଖନନ ପାଇଁ ପ୍ରଭାବିତ ଏବଂ ଦୂଷିତ। ଖଣି ଖନନ ଯୋଗୁଁ କେନ୍ଦୁଝର ଅଧିବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ। ଏହି ଜିଲ୍ଲାର ୧୩ଟି ବ୍ଲକର ୮୯ ଟି ପଞ୍ଚାୟତ ସିଧାସଳଖ ଖଣିଦ୍ୱାରା ପ୍ରଭାବିତ। ଏଠାରେ ଉଲ୍ଲେଖ୍ୟ ଯୋଗ୍ୟ ଯେ ଏହି ଜିଲ୍ଲାରେ ଡିଏମଏଫ ଫଣ୍ଡ ୮୮୪୦ କୋଟିରୁ ଅଧିକ ଅର୍ଥ ସଂଗ୍ରହ ହୋଇପାରିଛି। କେନ୍ଦୁଝର ଜିଲ୍ଲାର ସମୁଦାୟ ୧୮ଲକ୍ଷ ଜନସଂଖ୍ୟାରୁ ୮ଲକ୍ଷ ଆଦିବାସୀ ବର୍ଗର। ନୀତି ଆୟୋଗକଙ୍କ ରିପୋର୍ଟ ଅନୁଯାୟି କେନ୍ଦୁଝରର ୪୧.୭୮ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି।

# ଜଳସାଥିଙ୍କ ପାଇଁ ଦୁଇ ଦିନିଆ କର୍ମଶାଳା



**ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ):** ଜଳସାଥିମାନଙ୍କ ପାଇଁ ଦୁଇ ଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଓଡିଶା ଅର୍ବାନ ଏକାଡେମୀ ଓ ସହରୀ ପରିଚାଳନା କେନ୍ଦ୍ରର ବୈଷୟିକ ସହାୟତାରେ ଆୟୋଜିତ ହୋଇଥିଲା। ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜଳସାଥି ମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ, ଶ୍ରୀମତୀ ପାଢ଼ୀ ଗୋଷ୍ଠୀ ଭିତ୍ତିକ ଜଳ ପରିଚାଳନାରେ ଜଳ ସାଥିଙ୍କ ପ୍ରମୁଖ ଭୂମିକା ଏବଂ ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସହରାଞ୍ଚଳରେ ବଢୁଥିବା ଚାହିଦାକୁ ପୂରଣ କରିବା ଏବଂ ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। 'ଜଳ ସାଥିମାନେ ପ୍ରଶାସନ ଏବଂ ଗୋଷ୍ଠି ମଧ୍ୟରେ ସେତୁ ଅଟନ୍ତି। ସେମାନଙ୍କୁ ସଠିକ୍ ତାଲିକ ପ୍ରଦାନ କରି ଜଳ ପରିଚାଳନା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି ଯାହା ଉପଯୋଗୀ ଅଟେ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ସେ ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଫାଇଦା ନେବାକୁ ଏବଂ ଅନ୍ତର୍ଭୁକ୍ତ ତଥା ନିର୍ଭରଯୋଗ୍ୟ ଜଳ ସେବାର ମିଶନରେ ପ୍ରଭାବଶାଳୀ ଯୋଗଦାନ କରିବାକୁ ତାଲିମପ୍ରାପ୍ତ ଜଳସାଥୀମାନଙ୍କୁ ଉତ୍ସାହିତ କରିଥିଲେ। ଦକ୍ଷତା ଉନ୍ନୟନ କାର୍ଯ୍ୟକ୍ରମ, ଯାହା ଓଡିଶାର ବିଭିନ୍ନ କ୍ଲଷ୍ଟରରେ ୮୦୦ ରୁ ଅଧିକ ଜଳ ସାଥିଙ୍କୁ ତାଲିମ ଦେବ, କ୍ଷମତା ବୃଦ୍ଧି ତଥା ସହରୀ ଜଳ ପରିଚାଳନାକୁ ମଜବୁତ କରିବା ରାଜ୍ୟର ବୃହତ ଦୃଷ୍ଟିକୋଣର ଏକ ଅଂଶ। ଏହି ସୁଯୋଗ ପାଇଁ ପ୍ରଶିକ୍ଷାର୍ଥୀମାନେ ସରକାରଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବାରେ ଏବଂ ନିଜ ଗୋଷ୍ଠିକୁ ଉନ୍ନତ ସେବା ଯୋଗାଇବାରେ ସାହାଯ୍ୟ କରିବ।

# ମହିଳା ଓ ଶିଶୁ ସ୍ୱାସ୍ଥ୍ୟ-ଓଡ଼ିଶାର ସ୍ଥିତି

**ଭୁବନେଶ୍ୱର, ୨୫।୯:** ଦେଶର ବହୁ ରାଜ୍ୟ ତୁଳନାରେ ଓଡ଼ିଶାର ଅଭିବୃଦ୍ଧି ଚିତ୍ର ତୁଳନାତ୍ମକ ଭାବେ ବେଶ ସୁନ୍ଦର ବୋଲି କୁହାଯାଉଥିବା ବେଳେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେର ସର୍ବଶେଷ ରିପୋର୍ଟ କିନ୍ତୁ ଭିନ୍ନ କଥା ବଖାଣୁଛି। ଏହି ରିପୋର୍ଟର ତଥ୍ୟ ମୁତାବକ ଓଡ଼ିଶାର ୬ରୁ ୨୩ ମାସର ପିଲାମାନଙ୍କ ଭିତରୁ ମାତ୍ର ୨୦.୪ ପ୍ରତିଶତ ପର୍ଯ୍ୟାପ୍ତ ପରିମାଣର ଶିଶୁ ଖାଦ୍ୟ ପାଉଛନ୍ତି। ଅର୍ଥାତ୍ ୭୯.୬ ପ୍ରତିଶତ ଶିଶୁ ଏ କ୍ଷେତ୍ରରେ ଆବଶ୍ୟକତା ଠାରୁ କମ୍ ଖାଦ୍ୟ ପାଉଛନ୍ତି। ୫ବର୍ଷର ଶିଶୁମାନଙ୍କ ଭିତରୁ ଅନ୍ତତଃ ୩୧ ପ୍ରତିଶତ ଅପପୁଷ୍ଟି ଜନିତ କାରଣରୁ ଆବଶ୍ୟକୀୟ ମାନସିକ ବିକାଶରୁ ବଞ୍ଚିତ। ସେହିଭଳି ପ୍ରାୟ ୨୫ ପ୍ରତିଶତ ଶିଶୁଙ୍କ ଅବସ୍ଥା ଆଦୌ ଭଲ ନୁହେଁ। ୫ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କ ଭିତରୁ ପାଖାପାଖି ୩୦ ପ୍ରତିଶତ ବୟସ ତୁଳନାରେ କମ୍ ଓଜନର ରହିଛନ୍ତି। ମୋଟାମୋଟି ଭାବେ ରାଜ୍ୟର ଶିଶୁମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଏହା ହେଉଛି ଭାରତ ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେର ପରିସଂଖ୍ୟାନ।

ଏହି ରିପୋର୍ଟରେ ପୁଣି ଦର୍ଶାଯାଇଛି ଯେ ୬ମାସରୁ ୫୯ ମାସ ବୟସର ଶିଶୁମାନଙ୍କ ମଧ୍ୟରୁ ଅନ୍ୟୁନ ୬୪.୨ ପ୍ରତିଶତ ରକ୍ତହୀନତା ଭୋଗୁଛନ୍ତି। ୧୫ରୁ ୪୯ ବର୍ଷ ବୟସ୍କ ମହିଳାମାନଙ୍କ ଭିତରୁ ବି ୬୪ ପ୍ରତିଶତରୁ ଅଧିକ ରକ୍ତହୀନତାରେ ସଢୁଛନ୍ତି। କେବଳ ମହିଳା ନୁହନ୍ତି, ରାଜ୍ୟର ୪୯ବର୍ଷ ବୟସ ପର୍ଯ୍ୟନ୍ତ ପୁରୁଷମାନଙ୍କ ମଧ୍ୟରୁ ଅନ୍ୟୁନ ୩୦ ପ୍ରତିଶତ ମଧ୍ୟ ରକ୍ତହୀନତାରେ ପୀଡ଼ିତ ଥିବା ଏହି ରିପୋର୍ଟ ସୂଚାଉଛି।

ଓଡ଼ିଶାରେ ତମାଖୁ ଓ ମଦ ବ୍ୟବହାର ଏବେ ବି ଉଦ୍ବେଗଜନକ ସ୍ଥିତିରେ ରହିଛି। ୧୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ମହିଳାଙ୍କ ମଧ୍ୟରୁ ୨୬ ପ୍ରତିଶତ ଓ ପୁରୁଷଙ୍କ ମଧ୍ୟରୁ ପାଖାପାଖି ୫୨ ପ୍ରତିଶତ ତମାଖୁ ସେବନ କରୁଥିବା ବେଳେ ଏହି ବୟସର ମହିଳାଙ୍କ ଭିତରୁ ୪.୩ ପ୍ରତିଶତ ଓ ପୁରୁଷଙ୍କ ଭିତରୁ ପାଖାପାଖି ୩୦ ପ୍ରତିଶତ ମଦ୍ୟପାନ କରୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ସାରା ଦେଶରେ ନିଶା ବ୍ୟବହାର ଉଦ୍ବେଗର କାରଣ ହୋଇଥିବାରୁ କେନ୍ଦ୍ର ସରକାର ୨୭୨ଟି ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ ଚଳାଇଛନ୍ତି। ଓଡ଼ିଶାର ୩୦ଟି ଜିଲ୍ଲା ଏଥିରେ ସାମିଲ ରହିଛି। ଏଥିପାଇଁ ବିପୁଳ ଅର୍ଥ ସରକାରୀ ଓ ବେସରକାରୀ ସଂସ୍ଥାମାନେ ଖର୍ଚ୍ଚ କରୁଥିବା ବେଳେ ନିଶା ରାକ୍ଷସ କିନ୍ତୁ ଭୟଙ୍କର ଭାବେ ତାହାର କାୟା ମେଲାଇ ଚାଲିଛି।

ଓଡ଼ିଶାରେ ନିଶା କାରବାରରୁ ୧୯୯୦ ବେଳକୁ ଅବକାରୀ ରାଜସ୍ୱ ପରିମାଣ ମାତ୍ର ୩୫ କୋଟି ଟଙ୍କାରେ ସୀମିତ ଥିବାବେଳେ ୩୫ବର୍ଷ ଭିତରେ ଏହା ବଢ଼ିବଢ଼ି ୪ ହଜାର କୋଟି ଟଙ୍କାକୁ ଟପିବାକୁ ଯାଉଛି। ଲାଇସେନ୍ସ ପ୍ରାପ୍ତ ସରକାରୀ ମଦ ସହିତ ଚୋରା ମଦ ଏବଂ ବ୍ରାଉନ୍ସୁଗାର, କଫ୍ସିରପ୍, ଗଞ୍ଜେଇ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ହାଉଯାଉ ହେଉଥିବା ବେଳେ ଆଇନ୍ଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟ ସମସ୍ୟା ଆଦି ବିଗୁଡୁଛି ଏବଂ ବ୍ୟକ୍ତି, ପରିବାର ଓ ସରକାରଙ୍କ ସାମୂହିକ କ୍ଷତିର ପରିମାଣ ଅବକାରୀ ରାଜସ୍ୱ ଠାରୁ ଢେର ଅଧିକ ଗୁଣ ହେଉଛି। ୨୦୧୩ ମସିହାରେ ରାଜ୍ୟ ସରକାର ତମାଖୁ ଓ ଗୁଟ୍ଖାର ବିପଣନ, ସେବନ ଓ ପ୍ରସ୍ତୁତି ଉପରେ କଡ଼ା କଟକଣା ଜାରି କରିଥିଲେ ମଧ୍ୟ ଏହାର ନିପାତ କରିବା ପରିବର୍ତ୍ତେ ଏଥିରୁ ବି ରାଜସ୍ୱ ଆଦାୟ କରୁଛନ୍ତି। ଏଭଳି ବିପଦଜନକ ସାମଗ୍ରୀର ଚୋରା କାରବାର ବି ରାଜ୍ୟରେ ବଢ଼ି ଚାଲିଛି। ଏଥିଯୋଗୁଁ ଶିଶୁ ଓ ମହିଳାମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଥିବା ବେଳେ ସାମାଜିକ ସୁରକ୍ଷା ସମେତ ବିଭିନ୍ନ ସରକାରୀ ଯୋଜନାରୁ ଯେତେ ସୁଫଳ ମିଳିବା କଥା ତାହା ମିଳିପାରୁ ନାହିଁ। ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ମୁତାବକ ଓଡ଼ିଶାରେ ଲିଙ୍ଗଗତ ବୈଷମ୍ୟ ସହିତ ହିଂସା ମଧ୍ୟ ଲାଗି ରହିଛି। ୧୮ରୁ ୪୯ ବର୍ଷ ବୟସ୍କା ବିବାହିତା ମହିଳାଙ୍କ ମଧ୍ୟରୁ ୩୦ ପ୍ରତିଶତରୁ ଅଧିକ ହିଂସାକାଣ୍ଡର ଶିକାର ହେଉଛନ୍ତି। ଓଡ଼ିଶାରେ ରକ୍ତଚାପ, ମଧୁମେହ, ହୃଦରୋଗ, ବୃକକ୍, ଯକୃତ ଓ ସ୍ନାୟୁଜନିତ ରୋଗ ସହିତ କର୍କଟ, ଯକ୍ଷ୍ମା, ଫୁସ୍ଫୁସ୍ ଜନିତ ରୋଗର ପ୍ରାଦୁର୍ଭାବ କେତେ ଅଧିକ ରହୁଛି ତାହା ବିଏସ୍କେୱାଇରେ ରାଜ୍ୟ ସରକାର ବେସରକାରୀ ଡାକ୍ତରଖାନାମାନଙ୍କୁ ଭରୁଥିବା ମୋଟା ଅଙ୍କର ଅର୍ଥ ରାଶିରୁ ସ୍ପଷ୍ଟ ହେଉଛି। ସରକାରୀ ଡାକ୍ତରଖାନାଗୁଡ଼ିକରେ ପ୍ରାୟ ୬୦ ପ୍ରତିଶତ ଡାକ୍ତରୀ ପଦବୀ ଖାଲି ପଡ଼ିଥିବା ବେଳେ ଲୋକେ ଉତ୍ତମ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ମୁହାଁ ହେବାରୁ ସରକାରଙ୍କୁ ଅଧିକ ତଣ୍ଡ ଗଣିବାକୁ ପଡୁଛି।(ତଥ୍ୟ)

# କଣ୍ଟ୍ରୋଲ ସାମଗ୍ରୀ ହେରଫେର

## ଚାବି ଭାଙ୍ଗି ଚାଉଳ ଓ ମାଣ୍ଡିଆ ଜବତ କଲା ଯୋଗାଣ ବିଭାଗ



**କାଶୀନଗର,୨୫।୯ (ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା କାଶୀନଗର ପୌରାଞ୍ଚଳର ୬ ନମ୍ବର ୱାର୍ଡରେ ସାଧାରଣ ଲୋକଙ୍କ ଚାଉଳ ଓ ମାଣ୍ଡିଆକୁ ଡିଲର ହଡପ କରିଥିବା ନେଇ ଅଭିଯୋଗ ଆସିବାପରେ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଚଢଉ ହୋଇଥିଲା । ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡା ସଦଳବଳ ସହ ଚଢାଉ କରିଥିଲେ । ତେବେ ଚଢାଉ ସମୟରେ କଣ୍ଟ୍ରୋଲ ଡିଲର ଆର. ଶ୍ରୀନିବାସ ରାଓ ଧରାଛୁଆଁ ନଥିଲେ କି ଗୋଦାମର ଚାବି ଦେଇନଥିଲେ । ତେଣୁ ସାଧାରଣ ଲୋକଙ୍କ ଉପସ୍ଥିତିରେ ଜିଲ୍ଲା ଯୋଗାଣ ବିଭାଗ ଗୋଦାମ ଘର ଚାବି ଭାଙ୍ଗିଥିଲା । ଚଢଉରୁ ଦେଖାଯାଇଛି ଯେ ସମ୍ପୃକ୍ତ ଡିଲର କିଛି ଚାଉଳକୁ ବାହାରେ ବିକ୍ରି କରିଦେଇଥିବାବେଳେ ୭୪ କୁଇଣ୍ଟାଲ ମାଣ୍ଡିଆକୁ ବଣ୍ଟନ ନକରି ଗୋଦାମରେ ରଖିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଜବତ ଚାଉଳ ଓ ମାଣ୍ଡିଆକୁ ବଣ୍ଟନ ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଯୋଗାଣ ଅଧିକାରୀ ପରିଡା କହିଛନ୍ତି ଯେ ଗତ ଦୁଇମାସ ଧରି ଜିଲ୍ଲାରେ ନିୟମିତ ଚଢଉ ଚାଲିଛି । ଇତି ମଧ୍ୟରେ ୧ଲକ୍ଷ ୩୯ହଜାର ଟଙ୍କାର ଜୋରିମାନା ଆଦାୟ ହୋଇଥିବାବେଳେ ବେଆଇନ୍ ମହଜୁଦ ଥିବା ୬ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ଏହି ଚଢଉରେ ଯୋଗାଣ ବିଭାଗ ଅଧିକାରୀଙ୍କ ସହିତ ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ ଓ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ସାମିଲ ହେଉଛନ୍ତି । ଏହି ଚଢଉ ଜାରି ରହିବ ବୋଲି ଯୋଗାଣ ଅଧିକାରୀ ପରିଡା କହିଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ଶ୍ରେଷ୍ଠ ଯୋଗୀ-ଯେପରିକି ପଦ୍ମ ପଙ୍କରୁ ଫୁଟେ କିନ୍ତୁ ପଙ୍କଠାରୁ ନିଜକୁ ସଦା ଉର୍ଦ୍ଧ୍ୱରେ ରଖିଥାଏ , ଠିକ ସେହିପରି ପ୍ରକୃତ ଯୋଗୀ ପୁରୁଷସଂସାରରେ ରହି ମଧ୍ୟ ସଂସାର ଜଞ୍ଜାଳରୁ ନିଜକୁ ସଦା ନିର୍ଲିପ୍ତ ରଖିଥାନ୍ତି।

SANCHAR
# ସଂଚାର

୪ ଗୁରୁବାର ୨୬ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Thursday 26 September 2024 Bhubaneswar

## ଡିଜିଟାଲ ରିଭଲ୍ୟୁସନ

ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଦୁଇ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା। ୬ ବର୍ଷ ତଳେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା। ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ୱଚ୍ଛତା ବଜାୟ ରହିବ ଏବଂ ଜାଲ ନୋଟ କାରବାର ବନ୍ଦ ହେବ। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ। କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ। ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେବେ ଏହା ଦ୍ୱାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ। ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା। କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା। ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ। ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ। ତାହା ତତ୍କାଳ ପ୍ରଦାନ କରିଦେଲେ। ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ। ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଡିଜିଟାଲ କାରବାର ଯୋଗୁଁ ଏହା ସମ୍ଭବ ହୋଇଛି। ଲଗାତର ଜିଏସଟି ସଂଗ୍ରହ ୧ଲକ୍ଷ ୬୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ବଢ଼ିଛି। ରାଜସ୍ୱ ସଂଗ୍ରହ ବଢ଼ିବା ଦ୍ୱାରା ସରକାର ବିକାଶମୂଳକ କାର୍ଯ୍ୟରେ ଏହାର ବିନିଯୋଗ ବୃଦ୍ଧି କରିପାରିବେ। ନଦେଶର ଅନେକ ଜିଲ୍ଲାରେ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ ପ୍ରତିଷ୍ଠା ହୋଇଛି। ଏହି ସବୁ ବ୍ୟାଙ୍କ କେବଳ ଡିଜିଟାଲ କାରବାର ଉପରେ ପର୍ଯ୍ୟବେସିତ। ପେପରଲେସ ପ୍ରକ୍ରିୟାରେ ଏସବୁ କାର୍ଯ୍ୟ କରିବ। ଭବିଷ୍ୟତରେ ଦେଶର ଅଧିକ ଅଞ୍ଚଳକୁ ଏହା ସମ୍ପ୍ରସାରିତ ହେବ। ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଡିଜିଟାଇଜେସନ ପ୍ରକ୍ରିୟାରେ ସାମିଲ ହେବ। ଏମିତି ଦେଶର ସବୁ ବ୍ୟାଙ୍କରେ ଏବେ ଡିଜିଟାଲ ପ୍ରକ୍ରିୟା ଚାଲିଛି। କିନ୍ତୁ ଅନେକ ଲୋକ ଏ ସମ୍ପର୍କରେ ଶତ ପ୍ରତିଶତ ସଚେତନ ବା ଅଭ୍ୟସ୍ତ ନୁହଁନ୍ତି। ତେଣୁ ଅନେକ ମାନୁଆଲ କାରବାରକୁ ଏବେ ସୁଦ୍ଧା ଛାଡ଼ିପାରିନାହାଁନ୍ତି। ଏଟିଏମରୁ ଟଙ୍କା ଉଠାଇବା ମଧ୍ୟ ଅନେକଙ୍କ ପାଇଁ କାଠିକରପାଠ। ଅନଲାଇନ ପେମେଣ୍ଟତ ବହୁ ଦୂର କଥା। ସେମାନଙ୍କୁ ଏଥିରେ ଅଭ୍ୟସ୍ତ ହେବାକୁ ପଡ଼ିବ। ଅନଲାଇନ କାରବାର ସବୁଠାରୁ ସହଜ ଏବଂ ଦ୍ରୁତତର। ଇଣ୍ଟରନେଟ ଯୁଗରେ ଏହାକୁ ଆପଣାଇବା ନିହାତି ଜରୁରୀ। ସେ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୭୫ଟି ଡିବିୟୁ ଉଦଘାଟିତ ହେବା ଏକ ମହତ୍ୱପୂର୍ଣ୍ଣ ଘଟଣା। ଡିଜିଟାଲ ଇଣ୍ଡିଆ ରିଭଲ୍ୟୁସନରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇପାରେ। ବର୍ତ୍ତମାନର ଯୁଗ ହେଲା ଡିଜିଟାଲ ବା ଅନଲାଇନର ଯୁଗ। ସବୁ କିଛି ଘରେ ବସି ଅନଲାଇନ ମାଧ୍ୟମରେ କରାଯାଇପାରୁଛି। ଏବେ ପ୍ରତି ଲୋକଙ୍କ ନିକଟରେ ସ୍ମାର୍ଟ ଫୋନ ରହିଛି। ଏହି ଫୋନ ମାଧ୍ୟମରେ ସବୁ କିଛି ସମ୍ଭବ ହୋଇପାରୁଛି। ଆଗକୁ ୫-ଜି ଆସୁଛି। ଏହା ଫଳରେ ଇଣ୍ଟରନେଟ ଆହୁରି ଦ୍ରୁତତର ହେବ ଏବଂ ଲୋକଙ୍କୁ ସବୁ ପ୍ରକାର ସେବା ଅତି ସହଜରେ ମିଳିଯିବ। କରୋନା ମହାମାରୀ ବେଳେ ଯେତେବେଳେ ସ୍କୁଲ-କଲେଜ ସବୁ ବନ୍ଦ ରହିଲା ସେତେବେଳେ ଅନେକ ଘରେ ବସି ଅନଲାଇନରେ ପାଠ ପଢ଼ିଲେ। ଅନଲାଇନରେ ପରୀକ୍ଷା ବି ଦେଲେ। ବିମୁଦ୍ରାକରଣ ପରେ ସରକାର ନଗଦ କାରବାରକୁ ଯଥାସମ୍ଭବ ହ୍ରାସ କରି ଡିଜିଟାଲ ପେମେଣ୍ଟ ମାଧ୍ୟମରେ କାରବାରକୁ ଅଧିକ ଗୁରୁତ୍ୱ ଦେଲେ। କେନ୍ଦ୍ର ସରକାର ଏଥିପାଇଁ ସମସ୍ତଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ରହିବା ନିହାତି ଜରୁରୀ ବୋଲି ମନେ କରି ଏଥିଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କଲେ। ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଗଲା। ଏହା କୁହାଯାଉଛି ଡିବିଟି। ଏଥିରେ ଚଞ୍ଚକତା ଅନେକାଂଶରେ ହ୍ରାସ ପାଇଛି। ଧିରେ ଧିରେ ଲୋକେ ଡିଜିଟାଲ ପେମେଣ୍ଟ ସହିତ ଅଭ୍ୟସ୍ତ ହେଉଛନ୍ତି। ଅବଶ୍ୟ ଡିଜିଟାଲ କାରବାର ସହିତ ଅଭ୍ୟସ୍ତ ନଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ସେହି ସମୟ ଆଉ ବେଶୀ ଦୂର ନାହିଁ, ଯେତେବେଳେ ଲୋକେ ଘରେ ବସି ସବୁ କାରବାର କରିବେ। ଏପରିକି ଘରେ ବସି ଅନଲାଇନ ମାଧ୍ୟମରେ ଖାଇବା ପିନ୍ଧିବାଠାରୁ ଆରମ୍ଭ କରି ସବୁ କିଛି ପାଇପାରିବେ। ଏବେ ବି ସେହି ସୁବିଧା ରହିଛି, କିନ୍ତୁ ସମସ୍ତେ ଏହାକୁ ଗ୍ରହଣ କରିପାରିନାହାଁନ୍ତି। ନିକଟରେ ଆରବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶରେ କ୍ରେଡିଟ କାର୍ଡ ମାଧ୍ୟମରେ କିଣାବିକା ବଢ଼ୁଛି। ସେହିପରି ୟୁପିଆଇରେ ପେମେଣ୍ଟ ବଢ଼ି ଚାଲିଛି। ପ୍ରତି ମାସରେ ଏହା ବୃଦ୍ଧି ପାଉଛି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ପିସି କାରବାର ରୋକିବାକୁ ହେଲେ ଡିଜିଟାଲ କାରବାରକୁ ପ୍ରସାରିତ କରିବାକୁ ପଡ଼ିବ। ୧୦୦ ଟଙ୍କାରୁ ଅଧିକ କେହି ନଗଦ କାରବାର କରିପାରିବେ ନାହିଁ, ଏଭଳି ବ୍ୟବସ୍ଥା ହେଲେ ଦୁର୍ନୀତିଖୋରଙ୍କ ନିଦ ହଜିଯିବ। ଆଶା କରାଯାଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବେ ଏବଂ ଦେଶରେ କଳାଧନର ପ୍ରସାରକୁ ରୋକିବେ। ଏଥିପାଇଁ ଲୋକଙ୍କୁ ସଚେତନ ଏବଂ ଶିକ୍ଷିତ କରିବାକୁ ପଡ଼ିବ। ଘରେ ଘରେ ଲୋକଙ୍କୁ ନଗଦ କାରବାର ଛାଡ଼ି ଡିଜିଟାଲ କାରବାରକୁ ଆପଣାଇବାକୁ ପ୍ରରୋଚିତ କରିବାକୁ ପଡ଼ିବ। ଏହାର ଫାଇଦା ଏବଂ ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ଡିଜିଟାଲ କାରବାର କିପରି ସହଜରେ କରାଯାଇପାରିବ ସେ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରାଇବାକୁ ପଡ଼ିବ। ସ୍କୁଲ ସ୍ତରରୁ ଏଥିପାଇଁ ସମସ୍ତଙ୍କୁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ବ୍ୟାଙ୍କ କାରବାରର ମହତ୍ୱ ସମ୍ପର୍କରେ ଅବଗତ କରାଇବାକୁ ପଡ଼ିବ। ତେବେ ଏ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ଏବଂ ଅସୁବିଧା ହେଲା ସାଇବର କ୍ରାଇମ। ସାଧାରଣ ଲୋକେ ଏ ସମ୍ପର୍କରେ ଅବଗତ ହେବା ଉଚିତ ଏବଂ ନିଜେ ସତର୍କ ରହିବା ସହିତ ଅନ୍ୟକୁ ସତର୍କ କରାଇବା ଉଚିତ। ନଚେତ ଡିଜିଟାଲ ରିଭଲ୍ୟୁସନ ସଫଳ ହୋଇପାରିବ ନାହିଁ। ଏବେ କେତେକ ବିଦେଶୀ ରାଷ୍ଟ୍ରରେ ୟୁପିଆଇ ମାଧ୍ୟମରେ ପେମେଣ୍ଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ ଶୀଘ୍ର ଅନେକ ଆଫ୍ରିକୀୟ ଏବଂ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ସହ ଡିଜିଟାଲ କାରବାର ଲାଗି ଚୁକ୍ତି ସ୍ୱାକ୍ଷର ହେବ। ୨୦୨୭ ଆଦ୍ୟଭାଗ ସୁଦ୍ଧା ଏଥିଲାଗି ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ଭାରତୀୟ କରେନ୍ସିର ଭାଲ୍ୟୁ ଏବଂ କାରବାର ବୃଦ୍ଧି ପାଇବ। ଡିଜିଟାଲ କାରବାର ବା ପେମେଣ୍ଟ ଯେତେ ବଢ଼ିବ ଜାଲ ନୋଟ କାରବାର ସେତେବେଳେ ବଢ଼ିବ। ବ୍ୟାଙ୍କରେ ହଜାରେ ଟଙ୍କାରୁ ଅଧିକ ନଗଦ କେହି ଏକକାଳୀନ ଜମା କରିପାରିବେ ନାହିଁ, ଏଭଳି ବ୍ୟବସ୍ଥା ହୋଇପାରିଲେ ଦୁର୍ନୀତି ବହୁ ପରିମାଣରେ କମିଯାଇପାରିବ। ସେହିପରି ଜ୍ୱେଲାରୀ ବା ଅନ୍ୟ ମୂଲ୍ୟବାନ ସାମଗ୍ରୀ କ୍ରୟ ବେଳେ କେବଳ ଡିଜିଟାଲ ପେମେଣ୍ଟ ହେବା କଥା। ଏହା ମଧ୍ୟ କଳାଧନର ପ୍ରସାରକୁ ଅନେକାଂଶରେ ରୋକିପାରିବ। କଳାକୁ ଧଳା କରିବାର ପ୍ରୟାସରେ ଏହା ରୋକ ଲଗାଇବ। ଗୋଟିଏ ଦିନରେ ଏହା ସମ୍ଭବ ନୁହେଁ। ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରାଯିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### କ୍ୟାପିଟାଲ ହସ୍ପିଟାଲରେ ଭଲ ଦାନ୍ତ ଡାକ୍ତରଙ୍କୁ ନିଯୁକ୍ତ ହୁଅନ୍ତୁ ମିଳୁ

*ମହାଶୟ,*

କ୍ୟାପିଟାଲ ହସ୍ପିଟାଲ ହେଉଛି ରାଜଧାନୀ ଭୁବନେଶ୍ୱରର ଏକ ପୁରାତନ ଏବଂ ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର। କେବଳ ରାଜଧାନୀ ନୁହେଁ, ଏସସିବି ପରେ ସମଗ୍ର ଉପକୂଳ ଓଡ଼ିଶାର ଏହା ସବୁଠାରୁ ବଡ଼ ସ୍ୱାସ୍ଥ୍ୟ କେନ୍ଦ୍ର। ପ୍ରାୟ ୫୦ ଲକ୍ଷ ଲୋକ ଏହା ଉପରେ ନିର୍ଭର କରନ୍ତି। ଅନେକ ଗରିବ ଲୋକଙ୍କ ପାଇଁ ଏହା ପ୍ରାଣକେନ୍ଦ୍ର। ପ୍ରତିଦିନ ଏଠାକୁ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରୁ ରୋଗୀ ଆସୁଛନ୍ତି। କିନ୍ତୁ ଏତେ ସଂଖ୍ୟକ ରୋଗୀଙ୍କ ପାଇଁ ଏଠାରେ ପର୍ଯ୍ୟାପ୍ତ ସୁବିଧା ଏବଂ ଡାକ୍ତର ନାହାଁନ୍ତି। କ୍ୟାପିଟାଲ ହସ୍ପିଟାଲରେ ଭଲ ଦାନ୍ତ ଡାକ୍ତର ନାହାଁନ୍ତି ବା ଦନ୍ତ ଚିକିତ୍ସା ନିମନ୍ତେ ସୁବ୍ୟବସ୍ଥା ନାହିଁ। ନିକଟ ଅତୀତରେ ମୁଁ ନିଜେ ଦନ୍ତ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲି। ବହୁ କଷ୍ଟରେ ଟିକେଟ କାଟି ଦାନ୍ତ ଦେଖାଇଲି। ମୋ ଦାନ୍ତରେ ରୁଟ କେନାଲ କରିବାର ଆବଶ୍ୟକତା ରହିଛି। କିନ୍ତୁ ଡାକ୍ତର କହିଲେ ଏଥିଲାଗି କଟକ ବଡ଼ ମେଡିକାଲ ଯାଆନ୍ତୁ। ବାଧ୍ୟ ହୋଇ ଏକ ଘରୋଇ କ୍ଲିନିକକୁଯାଇ ନିଜର ଚିକିତ୍ସା କରାଇଲି। ମୋ ଘର ପାଖରେ ବିଏମସି ହସ୍ପିଟାଲ। ସେଠାରେ ଦାନ୍ତ ଡାକ୍ତର ହିଁ ନାହାଁନ୍ତି। ଏହାଠାରୁ ବଡ଼ ଦୁର୍ଭାଗ୍ୟର ବିଷୟ ଆଉ କିଛି ନାହିଁ।

**ସ୍ମିତାରାଣୀ ପ୍ରଧାନ, ବଢ଼େଇବାଙ୍କ ଛକ, ପୁରୁଣା ଭୁବନେଶ୍ୱର**

# ମୃତ୍ୟୁଦଣ୍ଡ ଓ ମାନବାଧିକାର

**ଅନୁଜ ପଟ୍ଟନାୟକ**

ମୃତ୍ୟୁଦଣ୍ଡ ବା ଫାଶୀକୁ ନେଇ ଅନେକ ବର୍ଷ ହେବ ବିତର୍କ ଚାଲିଛି। ଫାଶୀ ଦଣ୍ଡ ବ୍ୟବସ୍ଥାକୁ ଉଠାଇଦେବା ପାଇଁ ଅନେକ ମାନବାଧିକାର ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ଦାବି କରି ଆସୁଛନ୍ତି। ଏହା ଏକ ବର୍ବରତା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ପୃଥିବୀର ଅନେକ ଦେଶ ମୃତ୍ୟୁଦଣ୍ଡକୁ ପ୍ରତ୍ୟାହାର କରିଛନ୍ତି। ଭାରତରେ ଏହା କାଏମ ରହିଛି ସତ, ମାତ୍ର ଖୁବ କମ ଅପରାଧିଙ୍କୁ ଏହି ଦଣ୍ଡ ମିଳୁଛି। କେବଳ ବିରଳରୁ ବିରଳତମ ଅପରାଧ କ୍ଷେତ୍ରରେ ଏହି ଦଣ୍ଡାଦେଶ ଦିଆଯାଉଛି। ସବୁ ହତ୍ୟା ମାମଲାରେ ଆଇପିସିର ଦଫା ୩୦୨ ଲାଗୁଛି। କିନ୍ତୁ ସବୁ ବେଳେ ୩୦୨ ଲାଗିଲେ ଫାଶୀ ହେବ ବୋଲି କୁହାଯାଇପାରିବ ନାହିଁ। ସେଠାରେ ହତ୍ୟାକାଣ୍ଡ ଏକ ଆକସ୍ମିକ ପ୍ରତିକ୍ରିୟା ନା ସୁପରିକଳ୍ପିତ ଷଡ଼ଯନ୍ତ୍ର ବା କୋଲ୍ଡ ବ୍ଲଡେଡ ମର୍ଡର ସେ ସମ୍ପର୍କରେ କୋର୍ଟ ତର୍ଜମା କରୁଛନ୍ତି। ପୁଣି ହତ୍ୟାର ଉଦ୍ଦେଶ୍ୟ, ବର୍ବରତା ସମ୍ପର୍କରେ ମଧ୍ୟ ତର୍ଜମ କରାଯାଉଛି। ଯଦି ହତ୍ୟାର ପଛରେ ଦେଶବିରୋଧୀ ଷଡ଼ଯନ୍ତ୍ର ରହିଥାଏ ତେବେ ଏହାକୁ ଏକ ବିରଳ ଅପରାଧ ବୋଲି ବିବେଚନା କରାଯିବ। ଯଦି ଏକ ବା ଏକାଧିକ ଶିଶୁ, ମହିଳାଙ୍କୁ ଅତି ନିର୍ମମ ବା ବର୍ବରଭାବେ ହତ୍ୟା କରାଯାଇଥିବ ତେବେ ତାହା ମଧ୍ୟ ଏକ ବିରଳ ମାମଲା ବୋଲି ବିଚାର କରାଯିବ। ଜଣଙ୍କୁ ଗୁଳି କରି ହତ୍ୟା କରିବା ଏବଂ ହାତକୁ ପଛରେ ବାନ୍ଧି ଗଳାକାଟି ଛଟପଟ କରି ମାରିବା ଭିତରେ ଅନେକ ତଫାତ ରହିଛି। ଏସବୁ ବିଷୟକୁ ବିଚାର କରି କୋର୍ଟ ଅଭିଯୁକ୍ତଙ୍କୁ ଫାଶୀ ନଚେତ ଆଜୀବନ କାରାଦଣ୍ଡାଦେଶ ଦିଅନ୍ତି। ଅନେକ ଅଭିଯୁକ୍ତ ତଳ କୋର୍ଟରେ ଫାଶୀ ଦଣ୍ଡାଦେଶ ପାଇଥିଲେ ମଧ୍ୟ ଉପରକୋର୍ଟରେ ଏଥିରୁ ମୁକ୍ତି ପାଇଯାଆନ୍ତି ବା ଦଣ୍ଡ କୋହଳ କରାଯାଇଥାଏ। ଅନେକ ଅଭିଯୁକ୍ତ ଜେଲରେ ୮/୧୦ ବର୍ଷ ରହିବା ସତ୍ତ୍ୱେ ସେମାନଙ୍କ ବିଚାର ପ୍ରକ୍ରିୟା (ସୁପ୍ରିମକୋର୍ଟ ପର୍ଯ୍ୟନ୍ତ) ଶେଷ ହୋଇନଥାଏ। ସେଭଳି କ୍ଷେତ୍ରରେ କୋର୍ଟ ଫାଶୀ ଦଣ୍ଡାଦେଶକୁ ଆଜୀବନ ଜେଲରେ ପରିବର୍ତ୍ତନ କରିବାର ନଜିର ରହିଛି। ଭାରତୀୟ ଦଣ୍ଡବିଧି ଆଇନର ମୂଳ ନୀତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇଯାଆନ୍ତୁ, ଜଣେ ନିର୍ଦ୍ଦୋଷ କିନ୍ତୁ ଦଣ୍ଡନପାଉ। ଏଥିପାଇଁ ଅଭିଯୁକ୍ତଙ୍କ ବିରୋଧରେ ଶତ ପ୍ରତିଶତ ପ୍ରମାଣ ନମିଳିଲେ କୋର୍ଟ ବେନିଫିଟ ଅଫ ଡାଉଟ ଆଧାରେ ଅଭିଯୁକ୍ତଙ୍କୁ ଖଲାସ କରନ୍ତି। ମୋଟ ଉପରେ ଭାରତରେ ହତ୍ୟା ମାମଲା ସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ଫାଶୀ ବା ମୃତ୍ୟୁ ଦଣ୍ଡ ଖୁବ କମ ଦେଖିବାକୁ ମିଳିଥାଏ। ଅଭିଯୁକ୍ତ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼ନ୍ତି। ତା ପରେ ରାଜକ୍ଷମା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବାର ନଜିର ମଧ୍ୟ ରହିଛି। ତେଣୁ ଭାରତରେ ସହଜରେ ଜଣେ ଅପରାଧିକୁ ଫାଶୀ ଦଣ୍ଡ ମିଳିନଥାଏ। ଜଣେ ଅପରାଧି ଯଦି ଜେଲରେ ରହିବା ପରେ ତାଙ୍କ ଆଚାରବିଚାରରେ ସୁଧାର ଆସେ ତେବେ କୋର୍ଟ ଏହାକୁ ବିଚାର କରି ଦଣ୍ଡ କୋହଳ କରନ୍ତି। କିନ୍ତୁ କେତେକ ଦେଶରେ ଅତି ସାଧାରଣ ଅପରାଧ ପାଇଁ ଅଭିଯୁକ୍ତକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବାର ନଜିର ରହିଛି। କମ୍ୟୁନିଷ୍ଟ ଦେଶରେ ଏହା ଅଧିକ ଦେଖାଯାଇଥାଏ। ଚୀନ, ଉତ୍ତରକୋରିଆ, ଋଷିଆ ଏବଂ କେତେକ ଇସଲାମିକ ଦେଶ ବିଶେଷ କରି ସାଉଦୀ ଆରବ, ୟୁଏଇ, ଇରାନ, ଇରାକ, ସିରିଆ ଭଳି ଦେଶରେ ଅତି ସାଧାରଣ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ସର୍ବସାଧାରଣରେ ନିର୍ମମଭାବେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥାଏ। ନିକଟରେ



ସିଙ୍ଗାପୁରରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ମାତ୍ର ୧ କେଜି ଗଞ୍ଜେଇ ଚୋରା କାରବାର ନିମନ୍ତେ ଫାଶୀ ଦିଆଯାଇଛି। ତାହା ପୁଣି ଗିରଫ ହେବାର ୯ ବର୍ଷ ପରେ କାର୍ଯ୍ୟକାରୀ ହୋଇଛି। ଏହାକୁ କହନ୍ତି ମାନବାଧିକାର ଉଲ୍ଲଙ୍ଘନ। ସିଙ୍ଗାପୁର ଏକ ସଭ୍ୟ, ସମୃଦ୍ଧ ଦେଶ। ଏହା ସତ୍ତ୍ୱେ ସେଠାରେ ଏଭଳି ଏକ ସାମାନ୍ୟ ଅପରାଧ ନିମନ୍ତେ ଫାଶୀ ଦଣ୍ଡ ଦିଆଯିବା ନିହାତି ନିନ୍ଦନୀୟ ଏବଂ ବିଶ୍ୱର ପ୍ରମୁଖ ମାନବାଧିକାର ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ। ଏଥିପାଇଁ ସିଙ୍ଗାପୁରକୁ ଭାରତ ବାସନ୍ଦ କରିବା ଉଚିତ। ସେହିପରି ଉତ୍ତରକୋରିଆର ୩୦ଜଣ ଅଫିସରଙ୍କୁ ବନ୍ୟା ନିୟନ୍ତ୍ରଣରେ ବିଫଳତା ଅଭିଯୋଗରେ ଫାଶୀ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟାୟର ମୁକାବିଲା ମଣିଷ ସାମର୍ଥ୍ୟ ବାହାରେ। ଏଥିପାଇଁ ଫାଶୀ ଦଣ୍ଡ ଏକ ଗର୍ହିତ କାର୍ଯ୍ୟ। ଆଧୁନୀକ ସଭ୍ୟ ସମାଜରେ ଏହା କଦାପି ଗ୍ରହଣୀୟ ନୁହେଁ। ଏହାକୁ ଆଇନସମ୍ମତ ହତ୍ୟା ବୋଲି କହିଲେ ଭୁଲ ହେବ ନାହିଁ। ଏହାକୁ ରୋକିବା ନିମନ୍ତେ ଜାତିସଂଘ ପକ୍ଷରୁ ପ୍ରସ୍ତାବ ପାରିତ ହେବା ଉଚିତ। ନିକଟରେ ସୁପ୍ରିମକୋର୍ଟ ମୃତ୍ୟୁଦଣ୍ଡ ପ୍ରକ୍ରିୟାରେ ସଂଶୋଧନ ପ୍ରସ୍ତାବ ଉପରେ ବିଚାର ଆଲୋଚନା ନିମନ୍ତେ ପ୍ରସ୍ତାବ ଦେଇଛନ୍ତି। ଭାରତରେ ଯେଉଁ ଉପାୟରେ ଅଭିଯୁକ୍ତକୁ ଫାଶୀ ବା ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଉଛି ତାହା ବର୍ବରତା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ମୁହଁରେ କଳାକପଡ଼ା ବାନ୍ଧି, ହାତକୁ ପଛରୁ ବାନ୍ଧି, ବେକରେ ଦଉଡ଼ି ବାନ୍ଧି ଝୁଲାଇବା ଏକ ପାଶବିକ ପ୍ରକ୍ରିୟା ଭଳି ମନେ ହୁଏ। ଏକଥା ସତ ଯେ, ଅଭିଯୁକ୍ତ ଏହାଠାରୁ ଅଧିକ ନିର୍ମମତାର ସହ ହତ୍ୟାକାଣ୍ଡ କରିଥାଇପାରେ। କିନ୍ତୁ ତା ଅର୍ଥ ନୁହେଁ ଯେ, ତାଙ୍କୁ ମଧ୍ୟ ସମାନ ଉପାୟରେ ହତ୍ୟା କରିବା। ଦୋଷୀକୁ ନିଜ ଅପରାଧ ପାଇଁ ପଶ୍ଚାତାପ କରିବାର ଏବଂ ନିଜକୁ ସୁଧାରିବାର ସୁଯୋଗ ଦିଆଯିବା ଉଚିତ। ଜଣେ ଅପରାଧୀକୁ ଫାଶୀ ଦେଲେ ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଆଉ ଫେରିଆସିବ ନାହିଁ। ଏକଥା ସତ୍ୟ ଯେ, ଫାଶୀ ବା ମୃତ୍ୟୁଦଣ୍ଡ ବ୍ୟବସ୍ଥା ହଟିଗଲେ ଭାରତରେ ଅପରାଧ ସଂଖ୍ୟା ବଢ଼ିଯିବ ଏବଂ କେହି ଆଉ ହତ୍ୟା କରିବାକୁ ଭୟ କରିବେ ନାହିଁ। କିନ୍ତୁ ତା ଅର୍ଥ ନୁହେଁ ଯେ, ହତ୍ୟାକାରୀକୁ ଅତି ନିର୍ମମଭାବେ ବର୍ବରତାର ସହ ହତ୍ୟା କରିବା। ଏହା ଉପରେ ପୁନର୍ବିଚାରର ଆବଶ୍ୟକତା ରହିଛି। ତେଣୁ ମୃତ୍ୟୁଦଣ୍ଡ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିବାକୁ ସୁପ୍ରିମକୋର୍ଟ ଯେଉଁ ମତ ଲୋଡ଼ିଛନ୍ତି ତାହା ସ୍ୱାଗତଯୋଗ୍ୟ। ଭାରତ ଏକ ସଭ୍ୟ, ଗଣତାନ୍ତ୍ରିକ ରାଷ୍ଟ୍ର। ମାନବାଧିକାର ସୁରକ୍ଷାରେ ଏହା ସାରା ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି। ଏବେ ମୃତ୍ୟୁଦଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରି ଭାରତ ଆଉ ଏକ ଉଦାହରଣ ପେଶ କରିବା ଉଚିତ। ଅପରାଧ ଲାଗି କଠୋର ଦଣ୍ଡ ବିଧାନ ଜରୁରୀ। କିନ୍ତୁ ଏଥିପାଇଁ ହତ୍ୟା କଦାପି ଗ୍ରହଣୀୟ ନୁହେଁ। କେବଳ ଅତି ଜଘନ୍ୟ ଅପରାଧୀକୁ ଏଥିପାଇଁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ।

**ପୁରୁଣା ଭୁବନେଶ୍ୱର**

# ଓଡ଼ିଶା ସହ ୨୬ ଗଡ଼ଜାତର ମିଶ୍ରଣ

**କିଶୋର ଶତପଥୀ**

୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଭାରତର ମାନଚିତ୍ରରେ ସ୍ଥାନ ପାଇଲା। ତେବେ ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ ହେବା ପରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ ରାଜ୍ୟ ହେଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ସରକାରଙ୍କ ଶାସନରେ ଥିବା ଭାରତ ସ୍ୱାଧୀନ ହୋଇଥିଲା। ରାଜା ମହାରାଜାଙ୍କ ଦ୍ୱାରା ଶାସିତ ହେଉଥିବା ରାଜ୍ୟମାନଙ୍କର ମିଶ୍ରଣ ଭାରତ ସହିତ ହୋଇ ନ ଥିଲା। ଭାରତ କିମ୍ବା ପାକିସ୍ଥାନ ମଧ୍ୟରୁ ଯେକୌଣସି ଗୋଟିଏ ରାଷ୍ଟ୍ର ସହିତ ସେମାନେ ମିଶିପାରିବେ କିମ୍ବା ସ୍ୱତନ୍ତ୍ର ଭାବେ ନିଜନିଜ ରାଜ୍ୟ ଶାସନ କରିପାରିବେ ବୋଲି ସ୍ୱାଧୀନତାର ରାଜିନାମାପତ୍ରରେ ଉଲ୍ଲେଖ କରାଯାଇଥିଲା। ସ୍ୱତନ୍ତ୍ର ରାଜ୍ୟମାନଙ୍କ ମିଶ୍ରଣ ନିମନ୍ତେ ଯେଉଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ତାହାର ମୁଖ୍ୟ ବିନ୍ଧାଣୀ ଥିଲେ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ, ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଭିପି ମେନନ। ଅନ୍ୟାନ୍ୟ ରାଜ୍ୟମାନଙ୍କ ମିଶ୍ରଣକୁ ନେଇ ବହୁବିଧ ସମସ୍ୟାମାନ ଉପୁଜିବାରୁ ମେନନଙ୍କ ପରାମର୍ଶରେ ପ୍ରଥମେ ଓଡ଼ିଶା ଏବଂ କେନ୍ଦ୍ରୀୟ ପ୍ରଦେଶ (ମଧ୍ୟପ୍ରଦେଶ)ର ୨୬ ଗଡ଼ଜାତ ମିଶ୍ରଣ ଓଡ଼ିଶା ସହିତ କରିବା ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ସାହାଯ୍ୟରେ ଓଡ଼ିଶା ସହିତ ୨୬ ଗଡ଼ଜାତ ମିଶ୍ରଣ ଖୁବ ସହଜରେ ହୋଇପାରିଥିଲା।




ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟର ମିଶ୍ରଣ ନିମନ୍ତେ ସେହି ସବୁ ରାଜ୍ୟରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା। ତେଣୁ ଭାରତ ସରକାର ତୁରନ୍ତ ଏହି ମିଶ୍ରଣ ବ୍ୟାପାରରେ ହସ୍ତକ୍ଷେପ କରିବା ନିମନ୍ତେ ଓଡ଼ିଶା ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଏହାକୁ ବିଚାର କରି ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ସମ୍ବଲପୁରଠାରେ ଜଣେ ଆଞ୍ଚଳିକ ଅଫିସରଙ୍କୁ ନିଯୁକ୍ତି ଦିଆଗଲା। ପରେ ସେ କମିଶନର ପାହ୍ୟା ପାଇଲେ। ଓଡ଼ିଶାରେ ଥିବା ୨୬ ଗଡ଼ଜାତ ରାଜ୍ୟ ମଧ୍ୟରୁ ୧୧ଟି 'କ' ୧୨ଟି 'ଖ' ଏବଂ ୩ଟି 'ଗ' ଶ୍ରେଣୀଭୁକ୍ତ ଥିଲେ। ଏହି ଶ୍ରେଣୀ ଉପରେ ରାଜ୍ୟମାନଙ୍କର ନ୍ୟାୟିକ କ୍ଷମତା ନିର୍ଭର କରୁଥିଲା। ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଥିଲା ଆକାରରେ ଅନ୍ୟରାଜ୍ୟମାନଙ୍କ ଠାରୁ ବଡ଼। ଏହାର ଭୌଗୋଳିକ କ୍ଷେତ୍ର ଥିଲା ୪ ହଜାର ବର୍ଗ ମାଇଲ ଏବଂ ଲୋକସଂଖ୍ୟା ୧୦ ଲକ୍ଷ। ସବୁଠାରୁ କ୍ଷୁଦ୍ର ଗଡ଼ଜାତ ରାଜ୍ୟ ଥିଲା ତିଗିରିଆ। ଏହାର କ୍ଷେତ୍ରଫଳ ଥିଲା ୪୬ ବର୍ଗମାଇଲ ଏବଂ ଲୋକସଂଖ୍ୟା ୨୦ ହଜାର। ସମଗ୍ର ଭାରତରେ ଓଡ଼ିଶାର ଜଙ୍ଗଲ ଜମି ସବୁଠାରୁ ଅଧିକ ଥିଲା। ଓଡ଼ିଶାର ଏହି ଗଡ଼ଜାତ ରାଜାମାନେ ଜଙ୍ଗଲରୁ ପର୍ଯ୍ୟାପ୍ତ ରାଜସ୍ୱ ପାଉଥିଲେ। ବହୁ ଗଡ଼ଜାତ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଖଣିଜ ସମ୍ପଦ ଯଥା ମାଙ୍ଗାନିଜ ଲୁହା, ତମ୍ବା, କୋଇଲା ଏବଂ ଚୂନ ପଥରର ଭଣ୍ଡାର ରହିଥିଲା। ତାଳଚେର ଓ ମୟୂରଭଞ୍ଜରେ ପ୍ରଚୁର ପରିମାଣର କୋଇଲା ଏବଂ ଲୁହାପଥର ଖଣି ରହିଛି। ଏହି ସବୁ ରାଜ୍ୟରେ ଯେଉଁ ରାଜାମାନେ ଶାସନ କରୁଥିଲେ ସେମାନଙ୍କ ବଂଶାବଳିକୁ ନେଇ ଅନେକ କାହାଣୀମାନ ରହିଛି। କିଛି ଅଞ୍ଚଳରେ ଓଡ଼ିଶାର ପୁରୀକୁ ତୀର୍ଥ କରିବାକୁ ଆସିଥିବା ରାଜପୁତମାନଙ୍କ ମଧ୍ୟରୁ କେହି କେହି ନିଜ ନିଜ ଅଞ୍ଚଳକୁ ଫେରି ନ ଯାଇ କାଳକ୍ରମେ ସ୍ଥାନୀୟ ଲୋମାନଙ୍କୁ ଏକାଠି କରି ନିଜର ରାଜ୍ୟ ପ୍ରତିଷ୍ଠା କରି ଶାସନ ଆରମ୍ଭ କରିଥିଲେ। ଆଉ କିଛି ରାଜ୍ୟ ମୂଳ ଆଦିବାସୀଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ପ୍ରଥମେ ଏହି ରାଜାମାନେ ମୋଗଲମାନଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ପରେ ମରହଟ୍ଟାମାନଙ୍କୁ ନିଜର ମାଲିକ ଭାବେ ସ୍ୱୀକାର କରିଥିଲେ। ସେମାନେ ବ୍ରିଟିଶ ସରକାରଙ୍କ ନିୟନ୍ତ୍ରଣକୁ ଆସିବାପରେ ସେମାନଙ୍କ ଅଧିକାରକୁ ନେଇ ପ୍ରଶ୍ନ ଉଠିଥିଲା। ଓଡ଼ିଶାରେ ଏହି ରାଜାମାନଙ୍କୁ ବ୍ରିଟିଶ ସରକାର ୧୮୮୮ ମସିହାରେ ସ୍ୱୀକୃତି ପ୍ରଦାନ କରିଥିଲେ। ତେବେ ବ୍ରିଟିଶ ସରକାର ଏମାନଙ୍କୁ ଜମିଦାର ଭାବେ ସ୍ୱୀକୃତି ଦେଇଥିଲେ ମଧ୍ୟ ଏମାନେ ନିଜକୁ ରାଜା ଭାବେ ଘୋଷଣା କରିଥିଲେ। ବ୍ରିଟିଶ ସରକାର ଏଥିଘେନି ଆପତ୍ତି କରି ନ ଥିଲେ। କ୍ୟାବିନେଟ୍ କମିଶନଙ୍କ ଘୋଷଣା ପରେ ଓଡ଼ିଶା ଏବଂ ଛତିଶଗଡ଼ର ବହୁ ରାଜା ଏକ ୟୁନିୟନ ଗଠନ କରିବା ନିମନ୍ତେ ବିଚାର କରିଥିଲେ। ୧୯୪୭ ମସିହା ଅଗଷ୍ଟ ୧ ତାରିଖରେ ରାୟପୁର ରାଜକୁମାର କଲେଜରେ ଏହି ରାଜାମାନେ ଏକାଠି ହୋଇ କୋରିୟା ରାଜାଙ୍କ ଅଧ୍ୟକ୍ଷତାରେ ଏକ ୟୁନିୟନ ଗଠନ କରିଥିଲେ। ମୟୂରଭଞ୍ଜ ଏବଂ ବସ୍ତର ସମେତ କିଛି ଛୋଟଛୋଟ ରାଜ୍ୟ କିନ୍ତୁ ଏହି ୟୁନିୟନ୍‌ରେ ଯୋଗଦେଇ ନ ଥିଲେ। ୟୁନିୟନ ଦ୍ୱାରା ଏକ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା। ୟୁନିୟନ ଦ୍ୱାରା ଜଣେ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାବାଦ ଜଣେ ମୁଖ୍ୟ ସଚିବ ଏବଂ ପୁଲିସ ବିଭାଗର ପରିଚାଳନା ନିମନ୍ତେ ଜଣେ ଅଇଜିଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। କୋର୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ୟୁନିୟନର ବିଧାନସଭା ନ ଥିଲା। ଏହାର ପରିଚାଳନା ନିମନ୍ତେ ୟୁନିୟନ୍‌ର ସଭ୍ୟ ହୋଇଥିବା ରାଜ୍ୟମାନେ ଆର୍ଥିକ ସହାୟତା ଦେଉଥିଲେ। ଏହି ୟୁନିୟନ୍‌ର ଯେଉଁ ପୁଲିସ ବାହିନୀ ଗଠିତ ହୋଇଥିଲା ସେଥିରେ ସଂଖ୍ୟାଧିକ ଥିଲେ ମୁସଲମାନ ଏବଂ ପଞ୍ଜାବୀ ପଠାଣ। ଜଣେ ଇଂରେଜ ଏହାର ଅଧ୍ୟକ୍ଷ ଥିଲେ। ୧୯୪୭ ମସିହାରେ ଦେଶରେ ସାମ୍ପ୍ରଦାୟିକ ସଂଘର୍ଷ ଅତି ଉତ୍କଟ ହୋଇଥିଲା ଏବଂ ତାହାର ଦାଗ ଲିଭି ନ ଥିବା ବେଳେ ରାଜନମଣ୍ଡଳୀ ପକ୍ଷରୁ ଏହି ଯେଉଁ ପୁଲିସବାହିନୀ ଗଠିତ ହୋଇଥିଲା ତାହା କେତେ ମାରାତ୍ମକ ଥିଲା।

ସଂଘ ସିନା ପ୍ରତିଷ୍ଠା ହୋଇଗଲା କିନ୍ତୁ ବିଭିନ୍ନ ରାଜ୍ୟରେ ଦାୟିତ୍ୱସମ୍ପନ୍ନ ସରକାର ପ୍ରତିଷ୍ଠା କରିବା ନିମନ୍ତେ ଯେଉଁ ଆନ୍ଦୋଳନ ଚାଲିଥିଲା ତାହାକୁ ବନ୍ଦ କରାଯାଇ ପାରିଲାନାହିଁ। ଢେଙ୍କାନାଳ ଏବଂ ନିଳଗିରି ଠାରେ ପ୍ରଜା ଆନ୍ଦୋଳନ ଅତି ତୀବ୍ର ହୋଇ ଚାଲିଥିଲା। ସ୍ୱାଧୀନତା ମିଳିବାର ମାତ୍ର କିଛିମାସ ପୂର୍ବରୁ ଢେଙ୍କାନାଳର ରାଜାଙ୍କୁ ରାଜ୍ୟ ବାହାରେ ରହିବା ନିମନ୍ତେ ରାଜନୈତିକ ବ୍ୟପାର ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା ଏବଂ ସେ ମଧ୍ୟ ତାହା ପାଳନ କରିଥିଲେ। ଅବଶ୍ୟ ସ୍ୱାଧୀନତା ମିଳିବା ସମୟରେ ସେ ନିଜ ରାଜ୍ୟରେ ବାସ କରୁଥିଲେ। ରାଜା ସିନା ଫେରି ଆସିଥିଲେ, ପ୍ରଜାମେଳିର ସଦସ୍ୟମାନେ ରାଜାଙ୍କର ସବୁ ସରକାରୀ ଦପ୍ତରକୁ ଦଖଲ କରିନେଇଥିଲେ ଏବଂ ରାଜପ୍ରାସାଦକୁ ଘେରି ରହିଥିଲେ। ଏହି ସମୟରେ ଆନ୍ଦୋଳନକାରୀମାନଙ୍କୁ ବଦନାମ କରିବା ନିମନ୍ତେ ପ୍ରଚାର କରାଗଲା ଯେ ରାଣୀ ମହଲରେ ଏକ ଚିତାବାଘ ଥିବାରୁ ଅନ୍ତପୁରର ନାରୀମାନେ ପ୍ରଜାମେଳୀର ସଦସ୍ୟମାନଙ୍କ ପୈଶାଚିକ ଆକ୍ରମଣରୁ ରକ୍ଷା ପାଇଗଲେ।

ନୀଳଗିରିରେ ଦାୟିତ୍ୱସପନ୍ନ ସରକାର ଗଠନ ନିମନ୍ତେ ଆରମ୍ଭ ହୋଇଥିବା ପ୍ରଜା ଆନ୍ଦୋଳନ ଅତି ଚରମ ସ୍ତରରେ ପହଞ୍ଚି ଯାଇଥିଲା। ବ୍ରିଟିସ ସରକାରଙ୍କ ରାଜନୈତିକ ବିଭାଗ ଦ୍ୱାରା ନୀଳଗିରୀର ରାଜାଙ୍କ ହାତରୁ ୧୯୪୨ରୁ ୧୯୪୬ ପର୍ଯ୍ୟନ୍ତ ସବୁ କ୍ଷମତା କାଢ଼ି ନିଆଯାଇଥିଲା ଏବଂ ରାଜାଙ୍କୁ ରାଜ୍ୟ ବାହାରେ ରଖାଯାଇଥିଲା। ନୀଳଗିରି ଥିଲା ଏକ ଛୋଟିଆ 'ଖ' ଶ୍ରେଣୀଭୁକ୍ତ ରାଜ୍ୟ। ଏହାର ସୀମା ଥିଲା ୨୮୪ ବର୍ଗ ମାଇଲ ଏବଂ ଲୋକସଂଖ୍ୟା ୭୩ ହଜାର ୧୦୯। ଏହି ପ୍ରଜାଙ୍କ ମଧ୍ୟରୁ ୧୫ ପ୍ରତିଶତ ଥିଲେ ଆଦିବାସୀ। ଦାୟିତ୍ୱସମ୍ପନ୍ନ ସରକାର ପ୍ରତିଷ୍ଠା କରିବା ପ୍ରସଂଗକୁ କେନ୍ଦ୍ରକରି ପ୍ରଜାମଣ୍ଡଳ ଏବଂ ରାଜାଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ସମସ୍ୟାର ସମାଧାନ ଘେନି କୌଣସି ସମସ୍ୟା ଲାଗି ରହିଥିବାରୁ ଏକ ସମାନ୍ତରାଳ ସରକାର ଗଠନ କରି ସବୁ ସରକାରୀ ଦପ୍ତର ଏବଂ ସମ୍ପତ୍ତିକୁ ଦଖଲ କରିବା ସହିତ ସମସ୍ତ କ୍ଷମତା ନିଜ ହାତକୁ ନେଇଯିବା ନିମନ୍ତେ ପ୍ରଜାମଣ୍ଡଳ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଗଲା। ଏଥିରେ ବିବ୍ରତ ହୋଇ ନୀଳଗିରି ରାଜା ନିଜର ସ୍ଥିତି ରକ୍ଷା କରିବା ନିମନ୍ତେ ଏକ ଅନୁଗତ ପାର୍ଟିର୍ ଗଠନ କରିଦେଲେ। ପ୍ରଜାମଣ୍ଡଳ ମେଳିର ସମ୍ମୁଖୀନ ହେବା ନିମନ୍ତେ ନୀଳଗିରି ରାଜା ଗୁର୍ଖା ସୈନ୍ୟଙ୍କୁ ନିଯୁକ୍ତ କଲେ ଏବଂ ଢେଙ୍କାନାଳ ରାଜା ତାଙ୍କୁ ମଧ୍ୟ ସାହାଯ୍ୟ ଦେଇଥିଲେ।

ପ୍ରଜାମେଳି ସହିତ ଆଦିବାସୀମାନଙ୍କ ଅକ୍ରମଣ ପରେ ପରିସ୍ଥିତି ଅତି ସଂଗୀନ ହୋଇପଡ଼ିଲା। ୧୯୪୭ ଅକ୍ଟୋବର ବେଳକୁ ଆଦିବାସୀମାନେ ଚାଷୀଙ୍କ ଧାନ କ୍ଷେତକୁ ଦଖଲ କରିଦେଲେ ଏବଂ ଫସଲ ଅମଳ କରନେଲେ। ସେମାନେ ଦଖଲ କରିନେଇଥିବା ଜମି ଉପରେ ନୀଳ ପତାକା ଲଗାଇଦେଲେ। ବିରୋଧ କଲେ ଆଦିବାସୀମାନେ ସେମାନଙ୍କୁ ମାଡ଼ ମାରୁଥିଲେ। ଏପରି ହେଲା ଯେ ଆଦିବାସୀମାନେ ଗାଁ ସବୁ ଦଖଲ କରିନେଲେ ଏବଂ ଲୁଣ୍ଠନ ଚଳାଇଲେ। ପ୍ରଜାମଣ୍ଡଳ ବିରୋଧରେ ସଂଗ୍ରାମ କରିବା ନିମନ୍ତେ ନୀଳଗିରି ରାଜା ସେମାନଙ୍କୁ ପ୍ରୋତ୍ସାହିତ କରିଥିବାର ଅଭିଯୋଗ ହୋଇଥିଲା। କାରଣ ଆକ୍ରମଣକାରୀ ଆଦିବାସୀଙ୍କୁ ରୋକିବା ନିମନ୍ତେ ରାଜାଙ୍କ ପୁଲିସ ବାହିନୀ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ରାଜା କହୁଥିଲେ ଯେ ପ୍ରଜାମଣ୍ଡଳର ଲୋକମାନଙ୍କ ଉପରେ ଆଦିବାସୀମାନେ ଆକ୍ରମଣ କରିବାର କାରଣ ହେଉଛି ସେମାନଙ୍କର ଦାରିଦ୍ର୍ୟ। ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଲା ଯେତେବେଳେ ଜଣାପଡ଼ିଲା ଯେ କମ୍ୟୁନିଷ୍ଟମାନଙ୍କର ହାତ ଏହା ପଛରେ ଅଛି।

ନୀଳଗିରୀରେ ଆଦିବାସୀମାନଙ୍କର ଏହି ଆକ୍ରମଣଯୋଗୁଁ ଭାରତ ସରକାର ଚିନ୍ତିତ ଥିଲେ। କାରଣ ଆଦିବାସୀଙ୍କର ଏହି ଆନ୍ଦୋଳନ ଯଦି ଆଖପାଖ ଅଞ୍ଚଳକୁ ବ୍ୟାପିଯାଏ ତେବେ ସେହି ସବୁ ଅଞ୍ଚଳରେ ବହୁ ସଂଖ୍ୟାରେ ବାସ କରୁଥିବା ଆଦିବାସିଙ୍କ ଉପରେ ତାହାର ପ୍ରଭାବ ପଡ଼ିଯିବ ଏବଂ ଏହା ଏକ ବ୍ୟାପକ ଆନ୍ଦୋଳନରେ ପରିଣତ ହୋଇପଡ଼ିବାର ଆଶଙ୍କା ରହିଛି। ଆଦିବାସୀମାନଙ୍କୁ ଉତ୍ତେଜିତ କରିବା ସହଜ ଏବଂ ସେମାନଙ୍କ ହାତରେ ଧନୁଶର ଥିବାରୁ ନିରସ୍ତ୍ର ଲୋକମାନେ ସେମାନଙ୍କର ସମ୍ମୁଖୀନ ହେବା ହେବା ଅତି କଷ୍ଟକର ଥିଲା। ତେଣୁ ଭାରତ ସରକାର ସ୍ଥିର କଲେ ଯେ ନୀଳଗିରି ବ୍ୟାପାରରେ ତୁରନ୍ତ କଠୋର ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ। ଏହି ସମୟରେ ଓଡ଼ିଶା ସରକାର ମଧ୍ୟ ଭାରତ ସରକାରଙ୍କୁ ଜଣାଇଲେ ଯେ ନୀଳଗିରି ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲଯାଉଛି। ଓଡ଼ିଶା ସରକାରଙ୍କ ଠାରୁ ଏହି ବାର୍ତ୍ତା ପାଇବାପରେ ଭାରତ ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଲେ ଯେ ତୁରନ୍ତ ବାଲେଶ୍ୱର ଜିଲ୍ଲାପାଳ ନୀଳଗିରି ଯାଇ ସେଠାକାର ପରିସ୍ଥିତିକୁ ନିଜ ହାତକୁ ନେଇଯାଆନ୍ତୁ। ୧୯୪୭ ମସିହା ଅକ୍ଟୋବର ୧୪ ତାରିଖରେ ବାଲେଶ୍ୱର ଜିଲ୍ଲାପାଳ ନୀଳଗିରିର ଶାସନ ଦାୟିତ୍ୱ ନିଜ ହାତକୁ ନେଇ ଗଲେ। ରାଜା ମଧ୍ୟ ସ୍ୱୀକାର କରିଥିଲେ ଯେ ତାଙ୍କର ସୀମିତ ସମ୍ବଳରେ ସେ ନୀଳଗିରି ଜନସାଧାରଣଙ୍କୁ ଆଧୁନିକ ପ୍ରଶାସନିକ ବ୍ୟବସ୍ଥା ପ୍ରଦାନ କରିପାରିବେ ନାହିଁ।

ସ୍ଥାନୀୟ ରାଜନୈତିକ ପରିସ୍ଥିତି ଗୋଳମାଳିଆ ହୋଇପଡୁଥିବାରୁ ଗୋଳିଆ ପାଣିରୁ ଫାଇଦା ଉଠାଇବା ନିମନ୍ତେ ଓଡ଼ିଶାର କିଛି ରାଜା ମଧ୍ୟ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଏହି ସମୟରେ ହୀରାକୁଦ ବନ୍ଧ ନିର୍ମାଣ ନିମନ୍ତେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ତାହାର ବିରୋଧରେ କିଛି ସ୍ଥାନୀୟ ଶାସକ ସ୍ୱର ଉତ୍ତୋଳନ କରଦେଲେ। ହୀରାକୁଦ ପ୍ରକଳ୍ପ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତେ ଉପଲବ୍ଧି କରୁଥିଲେ। ତେବେ ଏହା ନିର୍ମାଣ କରାଗଲେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯିବ। ଓଡ଼ିଶା ସରକାର ଏହି ପ୍ରକଳ୍ପ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଗୁଡ଼ିକର ଅଧିଗ୍ରହଣ ଆରମ୍ଭ କରିଦେଇଥିଲେ। ଜମିର ମାଲିକମାନଙ୍କୁ ଉପୁକ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା ମଧ୍ୟ ରାଜ୍ୟ ସରକାର କରିଥିଲେ। ତେବେ ଜମି ଅଧିଗ୍ରହଣକୁ କେନ୍ଦ୍ରକରି ଚାଷୀମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଓଡ଼ିଶାର ଗଡ଼ଜାତ ରାଜାମାନେ ଏହି ପରିସ୍ଥିତିରୁ ଫାଇଦା ଉଠାଇବା ନିମନ୍ତେ ଉଦ୍ୟମ ଆରମ୍ଭ କରିଦେଲେ। ସମ୍ବଲପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ହୀରାକୁଦ ବିରୋଧୀ ଆନ୍ଦୋଳନ ଅତି ତୀବ୍ର ହେବାରେ ଲାଗିଲା। ବଲାଙ୍ଗିର ପାଟଣା ରାଜାଙ୍କର ଏହି ଆନ୍ଦୋଳନ ପଛରେ ପ୍ରଚ୍ଛନ୍ନ ହାତ ରହିଛି ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ଭାରତ ସରକାରଙ୍କ ପାଖରେ ଅଭିଯୋଗ କରାଗଲା। ଏପରି ଏକ ରାଷ୍ଟ୍ର ସ୍ୱାର୍ଥ ବିରୋଧୀ ଆନ୍ଦୋଳନକୁ ସମର୍ଥନ ନ କରିବା ନିମନ୍ତେ ଗାନ୍ଧିଜୀ ରାଜାମାନଙ୍କୁ ନିବେଦନ କରିଥିଲେ ମଧ୍ୟ ସେମାନେ ଏହି ଆବେଦନ ପ୍ରତି କର୍ଣ୍ଣପାତ କଲେ ନାହିଁ। (କ୍ରମଶଃ)

**ମୋବାଇଲ୍: ୯୪୩୭୧୨୦୨୧୧**

# ଅପମିଶ୍ରିତ କ୍ଷୀର ବେପାର

**ସୁବାସ ଷଡ଼ଙ୍ଗୀ**

ଦୁଗ୍ଧକୁ ଅମୃତ କୁହାଯାଏ। କିନ୍ତୁ ଏହା ଅମୃତ ନା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସେ ନେଇ ଆଶଙ୍କା ଉପୁଜିଛି। ଆଶଙ୍କାର କାରଣ ମଧ୍ୟ ରହିଛି। ଆମ ଦେଶ ଦୁଗ୍ଧ ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମାମଲାରେ ପ୍ରଥମ ସ୍ଥାନରେ ରହିଛି। ଦେଶରେ ପ୍ରତିଦିନ ୧୪.୬୮କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଦେଶରେ ଲୋକେ ବ୍ୟବହାର କରୁଛନ୍ତି ୬୪କୋଟି ଲିଟର। ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମଧ୍ୟରେ ରହିଛି ପାଖାପାଖି ୫୦ କୋଟି ଲିଟର ଫରକ। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଦେଶରେ ଲୋକଙ୍କର ଦୈନନ୍ଦିନର ଆବଶ୍ୟକତାକୁ ପୂରଣ କରିବା ପାଇଁ ୫୦ କୋଟି ଲିଟର ଦୁଗ୍ଧ ଆସୁଛି କେଉଁଠୁ? ଦୁଗ୍ଧ ପାଉଡର୍‌ର ମଧ୍ୟ ଏଥିରେ ଯୋଗଦାନ ରହିଛି କିନ୍ତୁ ୫୦ କୋଟି ଲିଟର ଦୁଗ୍ଧ ତ ପାଉଡର୍‌ରୁ ମିଳିପାରୁ ନ ଥିବ। ଏହା ସ୍ପଷ୍ଟ ଯେ ଅଧିକ ମାତ୍ରାରେ ଅପମିଶ୍ରିତ ଦୁଗ୍ଧ ବଜାରକୁ ଆସୁଛି ଓ ଲୋକେ ତାକୁ ଅମୃତ ଭାବି ବ୍ୟବହାର କରୁଛନ୍ତି। ଏକ ରିପୋର୍ଟ ଅନୁସାରେ ଡିଟରଜେଣ୍ଟ୍ ପାଉଡର, ଆମୋନିୟମ ସଲ୍‌ଫେଟ, କଷ୍ଟିକ ସୋଡା, ଫର୍ମାଲିନ ଭଳି ବିପଦଜନକ ରାସାୟନିକର ମିଶ୍ରଣରେ ଦୁଗ୍ଧ ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ାଯାଉଛି। ଏହାର ଉପଯୋଗରୁ ଅନେକ ବେମାରି ଉପନ୍ନ ହେଉଛି। ଏକଥା ଯେ ସରକାର ଜାଣିନାହାନ୍ତି ସେକଥା କୁହାଯାଇପାରିବ ନାହିଁ, କାରଣ ସରକାରଙ୍କ ପାଖରେ ଉତ୍ପାଦନ ଓ ଆବଶ୍ୟକତା ସମ୍ପର୍କିତ ସମସ୍ତ ତଥ୍ୟ ରହିଛି ନିଶ୍ଚୟ। ଏ ବାବଦରେ ସରକାରୀ ପଦକ୍ଷେପ ନିଆଯାଉ ନ ଥିବା କାରଣରୁ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟ ବଢ଼ିବାରେ ଲାଗିଛି। ଏଥିପାଇଁ ପଶୁପାଳନ କରୁଥିବା ଲୋକେ ଓ ବ୍ୟବହାରକାରୀ କ୍ଷତିଗ୍ରସ୍ତ ହେଉଛନ୍ତି।

ସରକାରୀ ତଥ୍ୟ ଅନୁସାରେ, ଆମ ଦେଶରେ ୧୪.୬୮ କୋଟି ଲିଟର ଦୁଗ୍ଧ ପ୍ରତଦିନ ଉତ୍ପାଦିତ ହୋଇଥାଏ। ଉତ୍ପାଦିତ ଦୁଗ୍ଧ ମଧ୍ୟରୁ ୫୧ ପ୍ରତିଶତ ମଇଁଷି, ୨୫ ପ୍ରତିଶତ ହାଇବ୍ରିଡ ବା ବିଦେଶୀ ପ୍ରଜାତି ମିଶ୍ରିତ ଗାଈ, ୨୦ ପ୍ରତିଶତ ଦେଶୀ ଗାଈ ଏବଂ ଅବଶିଷ୍ଟ ୪ ପ୍ରତିଶତ ଓଟ ଓ ଛେଳି କ୍ଷୀର। ବିଂଶ ଶତାବ୍ଦୀର ଶେଷ ତିନି ଦଶକକୁ ଶ୍ୱେତକ୍ରାନ୍ତିର ସଫଳ ସମୟ ବୋଲି କୁହାଯାଏ। ଶ୍ୱେତକ୍ରାନ୍ତି ପାଇଁ ବିଶ୍ୱବ୍ୟାଙ୍କ ସହାୟତା ଯୋଗାଇ ଦେଇଥିଲା। ଫଳତଃ ଅନେକ ସମବାୟ ସଂସ୍ଥା, ଦୁଗ୍ଧ ଉତ୍ପାଦକ ଘରୋଇ ସଂସ୍ଥା ଏପରିକି ପଶୁପାଳନ କରୁଥିବା ଲୋକେ ଉତ୍ସାହିତ ହୋଇଥିଲେ। ପଶୁପାଳନ ଯୋଗୁଁ ଦୁଗ୍ଧ ଉତ୍ପାଦନ କରି ଲାଭବାନ ହୋଇଥିଲେ। ଶ୍ୱେତକ୍ରାନ୍ତି କାରଣରୁ ଦେଶରେ ଏତେ ପରିମାଣର ଦୁଗ୍ଧ ଉତ୍ପାଦନ ହୋଇପାରିଛି। ଛିଣ୍ଡି ନ ଯିବା ପାଇଁ ଶୀତଳୀକରଣ ଭଳି ବହୁ ବ୍ୟବସ୍ଥା ମଧ୍ୟ କରାଯାଇଛି। ଅପମିଶ୍ରିତ ଦୁଗ୍ଧର ରହସ୍ୟ ମଧ୍ୟ ଏସବୁ ମଧ୍ୟରେ ଛପି ରହିଛି। ଆମ ଦେଶ ଦୁଗ୍ଧ ଉତ୍ପାଦନରେ ଏକ ନମ୍ବର ଓ ଅପମିଶ୍ରିତ ଦୁଗ୍ଧ ମାମଲାରେ ମଧ୍ୟ ଏକ ନମ୍ବର। ଏକବିଂଶ ଶତାବ୍ଦୀରେ ଘରୋଇ କ୍ଷେତ୍ରର ଭାଗୀଦାରି ବଢ଼ିଥିଲା ଓ ଅନେକ ଡାଏରୀ ଫାର୍ମ ଗଢ଼ି ଉଠିଥିଲା। ଦେଶୀ ପ୍ରଜାତିର ଗାଈ ଦୁଗ୍ଧ ଉତ୍ତମ ବୋଲି ବୈଜ୍ଞାନିକ ଅନୁସନ୍ଧାନରୁ ଜଣା ପଡ଼ିଛି। ଏହାକୁ ଏ-ଟୁ ଦୁଗ୍ଧ ବୋଲି କୁହାଯାଏ। ନ୍ୟୁଜିଲ୍ୟାଣ୍ଡ ହେଉଛି କୃଷି ଆଧାରିତ ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଦେଶ। କିନ୍ତୁ ଏଠାରେ ଲୋକେ ଅନ୍ୟ ଦେଶମାନଙ୍କ ଅପେକ୍ଷା ଅଧିକ ଦୁଗ୍ଧ ବ୍ୟବହାର କରିଥାନ୍ତି। ନ୍ୟୁଜିଲ୍ୟାଣ୍ଡର ବୈଜ୍ଞାନିକ କିଥ ବୁଡ୍‌ଫୋର୍ଡ 'ଇନ୍‌ଷ୍ଟା ମିଲ୍କ' ପୁସ୍ତକ ୨୦୦୭ରେ ଲେଖିଥିଲେ। ସେଥିରେ ସେ ଲେଖିଛନ୍ତି, ଦୁଗ୍ଧରେ ଥିବା ପାଚକ ପ୍ରୋଟିନ ବିଟା-କେସୋ-ମାରାଫିନ-୭ ହେଉଛି 'ଦାନବ'। ଏଥିଯୋଗୁଁ ଡାଇବେଟିସ୍, ହୃଦ୍‌ରୋଗ ହୋଇଥାଏ। ଗବେଷଣାରୁ ଜଣାପଡ଼ିଛି ଯେ ଏଭଳି ଦୁଗ୍ଧ ପାନ କରୁଥିବା ପିଲାମାନେ ଡାଇବେଟିସ୍‌ର ଶିକାର ହୋଇଥାନ୍ତି। କିନ୍ତୁ କେନିୟା ଭଳି ଦେଶରେ ଏ ସମସ୍ୟା ନାହିଁ। ଏଭଳି ସମସ୍ୟା ଜେନେଟିକ୍ ପରିବର୍ତ୍ତନ କାରଣରୁ ହୋଇଥାଏ। ଦେଶୀ ପଶୁଙ୍କ କ୍ଷୀରରେ ଏହା ନ ଥାଏ। ଦେଶୀ ପଶୁମାନଙ୍କ ଠାରୁ ମିଳୁଥିବା ଦୁଗ୍ଧକୁ ପରୀକ୍ଷା କରି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି ଯେ ଦେଶୀ ପଶୁଙ୍କ ଦୁଗ୍ଧ ଦୋଷମୁକ୍ତ ଓ ଏହାର ଗୁଣବତ୍ତା ଅଧିକ। କେନ୍ଦ୍ର ସରକାର ଗୋକୁଳ ମିଶନ ଆରମ୍ଭ କରିଛନ୍ତି ଓ ଦୁଗ୍ଧ ଉତ୍ପାଦନ ଆହୁରି ବଢ଼ିବ। ଡାଏରୀ ଉଦ୍ୟୋଗର ବିକାଶ ସମ୍ଭାବନା ଉପରେ ଅଧ୍ୟୟନ କରି ଆସୋଚାମ୍ ଏକ ରିପୋର୍ଟ ପ୍ରକାଶ କରିଛି। କୁହାଯାଇଛି ଯେ ଭାରତରେ ପ୍ରତିଦିନ ୧୪.୬୮ କୋଟି ଲିଟର କ୍ଷୀର ଉତ୍ପାଦନ ହେଉଥିଲେ ମଧ୍ୟ ବ୍ୟକ୍ତି ପ୍ରତି ଉପଲବ୍ଧତା ଦୈନିକ ୨୫୨ ଗ୍ରାମ। ନ୍ୟୁଜିଲ୍ୟାଣ୍ଡ, ଆୟାରଲାଣ୍ଡ ଓ ଡେନମାର୍କ ଭଳି ଦେଶରେ ବ୍ୟକ୍ତିପ୍ରତି ଉପଲବ୍ଧତା ବହୁ ଅଧିକ। ଆମ ଦେଶରେ ପଶୁ ପାଳନକୁ ଗୁରୁତ୍ୱ ଦିଆଯାଉଥିବା କାରଣରୁ ଲୋକଙ୍କ ଆର୍ଥିକ ଅବସ୍ଥା ବଦଳିବ। କିନ୍ତୁ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟ ଉପରେ ରୋକ୍ ଲାଗିବା ଜରୁରି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଦୁଗ୍ଧର ପରୀକ୍ଷା ପାଇଁ ଇଲେକ୍ଟ୍ରୋନିକ କିଟ୍ ବ୍ୟବହାର କରୁଛି। ତଥାପି ଅପମିଶ୍ରିତ ଦୁଗ୍ଧ କାରବାର ବଢ଼ିବାରେ ଲାଗିଛି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ କିନ୍ତୁ ଚମକାଇ ଦେବା ଭଳି।

**ମୋବାଇଲ୍: ୯୪୩୮୪୮୫୦୯୪**



## ଟ୍ରୁଡୋ ଅନାସ୍ଥା ଭୋଟର ସମ୍ମୁଖୀନ

**ଓଟାୱା, ୨୫।୯:** କାନାଡ଼ାରେ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଛନ୍ତି। ମଙ୍ଗଳବାର କାନାଡ଼ା ସଂସଦରେ ବିରୋଧୀ କଞ୍ଜରଭେଟିଭ ପାର୍ଟୀର ନେତା ପିରେ ପଲିଭର ଟ୍ରୁଡୋଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ସରଗରମ ଆଲୋଚନା ଚାଲିଛି। ବୁଧବାର ଏହା ଉପରେ ମତ ବିଭାଜନ ହେବାର କାର୍ଯ୍ୟକ୍ରମ ରହିଛି।



## ହାଇକୋର୍ଟରେ ବୃଦ୍ଧ ଦମ୍ପତିଙ୍କ କଳି

**ଆହ୍ଲାବାଦ, ୨୫।୯:** ଭରଣପୋଷଣ ଭତ୍ତାକୁ ନେଇ ମୁହାଁମୁହିଁ ବୃଦ୍ଧ ଦମ୍ପତି। ହାଇକୋର୍ଟକୁ ଗଲା କଳି। ମାମଲାର ଶୁଣାଣି କରି ବର୍ଷିଲେ ହାଇକୋର୍ଟ। କହିଲେ କଳିଯୁଗ ଆସିଗଲା। ବୃଦ୍ଧ ଦମ୍ପତିଙ୍କ ମଧ୍ୟରେ ଭରଣପୋଷଣ ମାମଲାର ଶୁଣାଣି କରି ଏଭଳି କିଛି ଅଜବ ମନ୍ତବ୍ୟ ଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ । ୭୬ ଓ ୮୦ ବର୍ଷୀୟ ଦମ୍ପତିଙ୍କ ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି ଯେ ଏଭଳି ଆଇନଗତ ବିବାଦ ଚିନ୍ତାଜନକ। ଆଲିଗଡ଼ର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ସୁପରଭାଇଜର ମୁନେଶ କୁମାର ଗୁପ୍ତା (୮୦) ଓ ତାଙ୍କ ପତ୍ନୀ ଗାୟତ୍ରୀ ଦେବୀ (୭୬)। ଉଭୟଙ୍କ ମଧ୍ୟରେ ୨୦୧୮ ମସିହାରୁ ସମ୍ପତ୍ତି ବିବାଦ ଲାଗି ରହିଛି। ଘଟଣା ପୁଲିସ ନିକଟରେ ପହଞ୍ଚିବା ପରେ ଦମ୍ପତିଙ୍କୁ ପରିବାର କାଉନସେଲିଂ ସେଣ୍ଟରକୁ ପଠାଯାଇଥିଲା। ବିବାଦର ସମାଧାନ ନ ହେବାରୁ ଗୁପ୍ତା ଓ ତାଙ୍କ ପତ୍ନୀ ଅଲଗା ରହିବାକୁ ନିଷ୍ପତ୍ତି ନେଇଥିଲେ। ସ୍ୱାମୀଙ୍କ ମାସିକ ପେନସନ ପାଖାପାଖି ୩୫ ହଜାର ଟଙ୍କା ହୋଇଥିଲେ ମଧ୍ୟ ସ୍ୱାମୀଙ୍କ ଠାରୁ ୧୫ ହଜାର ଟଙ୍କା ଭରଣପୋଷଣ ପାଇଁ ମହିଳା ଜଣକ ପାରିବାରିକ ଅଦାଲତରେ ଆବେଦନ କରିଥିଲେ। ଫେବ୍ରୁଆରି ୧୬ତାରିଖରେ କୋର୍ଟ ଗୁପ୍ତାଙ୍କୁ ଭରଣପୋଷଣ ବାବଦରେ ସ୍ତ୍ରୀଙ୍କୁ ୫ ହଜାର ଟଙ୍କା ଦେବାକୁ କହିଥିଲେ। କିନ୍ତୁ ଏହି ରାୟକୁ ସ୍ୱାମୀ ମୁନେଶ କୁମାର ବିରୋଧ କରିବା ସହ ଆହ୍ଲାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମଙ୍ଗଳବାର ଶୁଣାଣି ବେଳେ ହାଇକୋର୍ଟର ବିଚାରପତି ସୌରଭ ଶ୍ୟାମ ଶମଶେରୀ କହିଛନ୍ତି, କଳିଯୁଗ ଆସିଥିବା ଜଣାପଡୁଛି। ଏଭଳି ଆଇନଗତ ବିବାଦ ଚିନ୍ତାଜନକ। ସେ ମହିଳାଙ୍କୁ ନୋଟିସ୍ ଜାରି କରିବା ସହ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଦମ୍ପତି ବୁଝାମଣାରେ ପହଞ୍ଚିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ବଦଲାପୁର ଏନ୍‌କାଉଣ୍ଟର ▶ ହାଇକୋର୍ଟଙ୍କ ତଦନ୍ତ ନିର୍ଦ୍ଦେଶ

**ମୁମ୍ବାଇ, ୨୫।୯:** ବଦଲାପୁର ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ଅକ୍ଷୟ ସିନ୍ଦେ ପୋଲିସ ଏନକାଉଣ୍ଟରରେ ପ୍ରାଣ ହରାଇବା ଘଟଣା ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହିବା ସହିତ ଏହାର ନିରପେକ୍ଷ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ବମ୍ବେ ହାଇକୋର୍ଟ। ଅଭିଯୁକ୍ତ ଜଣେ ଅଭ୍ୟାସଗତ ବା କୁଖ୍ୟାତ ଅପରାଧୀ ନଥିଲା। ତେଣୁ ସେ ପୋଲିସ ହାତରୁ ପିସ୍ତଲ ଛଡ଼ାଇ ଗୁଳି କରିବାକୁ ଉଦ୍ୟମ କରିବା ଏବଂ ପୋଲିସ ତାକୁ ଏନକାଉଣ୍ଟର କରିବା ବିଶ୍ୱାସଯୋଗ୍ୟ ନୁହେଁ। ଏହା ଯଦି ଫେକ ଏନକାଉଣ୍ଟର ହୋଇଥିବ ତେବେ ଅତି ଜଘନ୍ୟ ବୋଲି ହାଇକୋର୍ଟ ମତବ୍ୟକ୍ତ କରିଛନ୍ତି।

ବୁଧବାର ଏ ସମ୍ପର୍କିତ ମାମଲାର ଶୁଣାଣୀ ବେଳେ ଅକ୍ଷୟଙ୍କ ଓକିଲ ଅମିତ କଟରନୱାରେ କହିଥିଲେ ଯେ, ଯଦି ଅଭିଯୁକ୍ତ ଖସିଯିବାକୁ ଉଦ୍ୟମ କରୁଥିଲା ତେବେ ତା ମୁଣ୍ଡରେ ଗୁଳି କରିବାର କ'ଣ ଆବଶ୍ୟକତା ଥିଲା? ଏନକାଉଣ୍ଟର ପୂର୍ବରୁ ଅଭିଯୁକ୍ତର ବାପା-ମା' ତାକୁ ଜେଲରେ ଭେଟିଥିଲେ। ଅକ୍ଷୟ ତାକୁ ଜେଲ କ୍ୟାଣ୍ଟିନ ପାଇଁ ୪୦୦ରୁ ୫୦୦ ଟଙ୍କା ମାଗିଥିଲେ। ସେ ମଧ୍ୟ ଜାମିନ ସମ୍ପର୍କରେ ଆଲୋଚନା କରିଥିଲା। ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ତାକୁ ଗୁଳି କରି ହତ୍ୟା କରାଗଲା। ଏହା ଏକ ହତ୍ୟାକାଣ୍ଡ ବୋଲି ଓକିଲ କହିଥିଲେ। ହାଇକୋର୍ଟ ଶୁଣାଣୀ ବେଳେ ପୋଲିସକୁ ଗୁଡ଼େଇ ତୁଡ଼େଇ ନାନା ପ୍ରଶ୍ନ କରିଥିଲେ। ଆଜି ଶୁଣାଣୀ ସ୍ଥଗିତ ରହିଛି। ଆସନ୍ତା ଶୁକ୍ରବାର ପରବର୍ତ୍ତୀ ଶୁଣାଣୀ ହେବ।

ଫେକ ଏନକାଉଣ୍ଟରରେ ଅକ୍ଷୟ ସିନ୍ଦେକୁ ଗୁଳି କରି ପୁଲିସ୍ ହତ୍ୟା କରିଛି ଓ ଏହାର ଏସଆଇଟି ତଦନ୍ତ ଦାବିରେ ତା' ବାପା କରିଥିବା ଆବେଦନ ଉପରେ ବମ୍ବେ ହାଇକୋର୍ଟ ଶୁଣାଣି କରିଛନ୍ତି। ଅକ୍ଷୟ ସିନ୍ଦେ ଦୁଇ ଜଣ ନାବାଳିକାଙ୍କୁ ବଦଲାପୁରର ଗୋଟିଏ ସ୍କୁଲରେ ଯୌନ ନିର୍ଯାତନା ଦେବା





ଅଭିଯୋଗରେ ଗିରଫ ହୋଇଥିଲା। ସ୍କୁଲରେ ସୁଇପର ଭାବେ କାମ କରୁଥିବା ସିନ୍ଦେକୁ ସୋମବାର ପୁଲିସ୍ ତଲୋଜା ଜେଲରୁ ବଦଲାପୁର ନେଉଥିଲା। ସେ ଭ୍ୟାନରେ ବସିଥିବା ବେଳେ ଜଣେ ପୁଲିସ୍ ଅଧିକାରୀଙ୍କ ଠାରୁ ପିସ୍ତଲ ଛଡ଼ାଇ ନେଇ ଗୁଳି ଚଳାଇଥିଲା। ଏଥିରେ ଜଣେ ଆସିସଷ୍ଟାଣ୍ଟ ଇନସପେକ୍ଟର ଆହତ ହୋଇଥିବା ବେଳେ ପୁଲିସ୍‌ର ପାଲଟା ଗୁଳି ମାଡ଼ରେ ସିନ୍ଦେର ମୃତ୍ୟୁ ହୋଇଥିବା ପୁଲିସ କହିଛି।

ଏହି ପ୍ରସଙ୍ଗରେ ଜଷ୍ଟିସ ରେବତୀ ମୋହିତେ ଡେରେ ଓ ଜଷ୍ଟିସ ପୃଥ୍ୱୀରାଜ ଚୌହାନଙ୍କ ଖଣ୍ଡପୀଠଙ୍କୁ ଆବେଦନକାରୀ ଆନ୍ନା ସିନ୍ଦେଙ୍କ ଓକିଲ କହିଛନ୍ତି ଯେ ଅଭିଯୁକ୍ତ ଦିନକ ତଳେ ତା'ର ବାପା ମା'ଙ୍କୁ ଭେଟିଥିଲେ। ପୁଲିସ୍ କରିଥିବା ଅଭିଯୋଗ ଭଳି କାଣ୍ଡ ସେ ଘଟାଇବ ବୋଲି ଆଦୌ ତା' ମାନସିକ ଅବସ୍ଥାରୁ ଜଣାପଡୁ ନଥିଲା। ମାମଲା ଚାଲୁ ରହିଥିବା ବେଳେ କିଏ ଦୋଷୀ ପୁଲିସ ତା'ର ନିଷ୍ପତ୍ତି ନେଇ ଯାଇଛି। ଆଇନକୁ କାର୍ଯ୍ୟକାରୀ କରିବା ନିହାତି ଜରୁରୀ। ଏପରି ଘଟଣା ଗୋଟିଏ ଖରାପ ଉଦାହରଣ ସୃଷ୍ଟି କରିଛି ଓ ପୁଲିସ୍‌କୁ ସମାନ ଘଟଣା ଘଟାଇବାକୁ ପ୍ରୋତ୍ସାହିତ କରୁଛି। ତେଣୁ କୋର୍ଟ ନେତୃତ୍ୱାଧୀନ ଏସଆଇଟି ଘଟଣାର ତଦନ୍ତ କରୁ ବୋଲି ଓକିଲ ଜଣଙ୍କ ଦାବି କରିଛନ୍ତି। କୋର୍ଟ ଯେତେବେଳେ ମୃତ୍ୟୁର କାରଣ ପଚାରିଲେ ସେତେବେଳେ ରାଜ୍ୟ ସରକାରଙ୍କ ଓକିଲ କହିଥିଲେ ଯେ "ବାମ ପଟ ଜଙ୍ଘରେ ଗୁଳି ମାଡ଼ ହୋଇଥିଲା। ସିନ୍ଦେ ପିସ୍ତଲ ଛଡ଼ାଇ ନେଇଥିଲା। ପିସ୍ତଲର ଉପର ପାର୍ଶ୍ୱକୁ ଭିଡ଼ିବା ପରେ ଅଭିଯୁକ୍ତ ସ୍ଲାଇଡରକୁ ଭିଡ଼ିଥିଲା। ଏହା ଅନଲକ ହୋଇଯିବାରୁ ସେ ଗୁଳି ଚଳାଇଥିଲା।"

ତେବେ କୋର୍ଟ ଏହାକୁ ବିଶ୍ୱାସ କରିବା ବହୁତ କଷ୍ଟକର। ସ୍ଲାଇଡର ପପ କରିବା ପାଇଁ ବଳ ଦରକାର। ଜଣେ ସାଧାରଣ ଲୋକ କେବେ ହେଲେ ବିନା ତାଲିମରେ ପିସ୍ତଲ ଚଳାଇ ପାରିବ ନାହିଁ। ରିଭଲଭର କଥା ଅଲଗା। ଆପଣଙ୍କ କହିବା କଥା ସେ ୩ଟି ଗୁଳି ଚଳାଇଥିଲା। କେବଳ ଗୋଟିଏ ପୁଲିସ୍ ଅଫିସରଙ୍କ ଦେହରେ ବାଜିଥିଲା। ବାକି ଗୁଳି କୁଆଡ଼େ ଗଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଆଣ୍ଠୁ ତଳକୁ ଗୁଳି ଚଳାଇବାର ପ୍ରାବଧାନ ଥିବା କଥା କୋର୍ଟ କହିବାରୁ ସରକାରୀ ଓକିଲ ଜଣଙ୍କ ଜବାବ ଦେଇଥିଲେ ଯେ ପୁଲିସ ପାଖରେ ଗୁଳି ଭାବିଚିନ୍ତି ଚଳାଇବାକୁ ସମୟ ନଥିଲା। କୋର୍ଟ ପୁଣି ପ୍ରଶ୍ନ କରିଥିଲେ ଯେ "ପୁଲିସ୍ ଅଭିଯୁକ୍ତକୁ କାବୁ କରି ପାରି ନଥିଲା ବୋଲି ଆମେ କେମିତି ବିଶ୍ୱାସ କରିବୁ? ସେ ୩ ଥର ଗୁଳି ଚଳାଇଲା ବେଳେ ଆପଣମାନେ(ପୁଲିସ୍) କେଉଁଠି ଥିଲେ? ଆପଣମାନେ ତା'କୁ କାବୁ କରି ପାରିଥାଆନ୍ତେ। କାରଣ ସେ ଆଦୌ ଜଣେ ବିରାଟକାୟ ମଣିଷ ନଥିଲା। ଏହାକୁ କେବେ ହେଲେ ଏନକାଉଣ୍ଟର ଭାବେ ବିବେଚନା କରାଯାଇ ପାରିବ ନାହିଁ। ଏହା ଏନକାଉଣ୍ଟର ନୁହେଁ।"

ଅଭିଯୁକ୍ତ ଯାଉଥିବା ରାସ୍ତାରେ ସିସିଟିଭି କ୍ୟାମେରା ରହିଥିଲା କି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏହାର ଜବାବରେ ରାଜ୍ୟ ସରକାର କହିଛନ୍ତି ଯେ ପୂରା ରାସ୍ତାରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବ। କୋର୍ଟ କହିଛନ୍ତି, "ଗୋଟିଏ ନିରପେକ୍ଷ ତଦନ୍ତ ହେବ ବୋଲି ଆମର ଆଶା। ଯଦି ଆମେ କିଛି ଗଫଲାତି ପାଇଲୁ, ତା'ହେଲେ ବାଧ୍ୟ ହୋଇ ନିର୍ଦ୍ଦେଶ ପାରିତ କରିବୁ।"

### ସିଦ୍ଧରାମେୟାଙ୍କ ଅଡୁଆ ବଢୁଛି

## ଜମି ଦୁର୍ନୀତି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

**ବେଙ୍ଗାଲୁରୁ, ୨୫।୯:** ମୁଡା ଜମି ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟାଙ୍କ ସମ୍ପୃକ୍ତି ଅଭିଯୋଗ ଉପରେ ମାମଲା ରୁଜୁ କରିବାକୁ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟଙ୍କ ଅନୁମତିକୁ ରାଜ୍ୟ ହାଇକୋର୍ଟ ଆଇନସଙ୍ଗତ ବୋଲି କହିବା ପରେ ସ୍ପେଶିଆଲ କୋର୍ଟ ଏହି ଜମି ଦୁର୍ନୀତି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ରୁଜୁ ଲାଗି ରାଜ୍ୟପାଳଙ୍କ ଅନୁମତି ବିରୋଧରେ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପିଟିସନକୁ ଗ୍ରହଣ କରି ହାଇକୋର୍ଟ ପ୍ରଥମେ ରାଜ୍ୟପାଳଙ୍କ ନିର୍ଦ୍ଦେଶର କାର୍ଯ୍ୟକାରୀତା ଉପରେ ରହିତାଦେଶ ଜାରି କରିଥିଲେ। କିନ୍ତୁ ମଙ୍ଗଳବାର ହାଇକୋର୍ଟ ସିଦ୍ଧଙ୍କ ପିଟିସନକୁ ଖାରଜ କରି ରାଜ୍ୟପାଳଙ୍କ ନିଷ୍ପତ୍ତି ସଠିକ ଏବଂ ସମ୍ବିଧାନ ସମ୍ମତ ବୋଲି କହିଥିଲେ।

ମାମଲା ଲାଗି ହାଇକୋର୍ଟଙ୍କ ଗ୍ରୀନ ସିଗନାଲ ପରେ ବୁଧବାର ସ୍ପେଶିଆଲକୋର୍ଟ ମହୀଶୂର ଲୋକାୟୁକ୍ତ ପୋଲିସକୁ ଜମି ଦୁର୍ନୀତିର ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସିଦ୍ଧରାମେୟା, ତାଙ୍କ ପତ୍ନୀ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ପକ୍ଷଭୁକ୍ତ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୩ ମାସ ଭିତରେ ତଦନ୍ତ ଶେଷ କରି ରିପୋର୍ଟ ଦେବାକୁ କୋର୍ଟ ଲୋକାୟୁକ୍ତ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ତାଙ୍କ ନାଁରେ ବିଜେପି ନେତା ଏନଆର ରମେଶ ମଧ୍ୟ ବେଙ୍ଗାଲୁରୁ ସ୍ଥିତ ଲୋକଯୁକ୍ତ ଅଫିସରେ ଗୋଟିଏ ଅଭିଯୋଗ ଦାଖଲ କରିଥିଲେ। ମୁଡା ଦୁର୍ନୀତି ଅଭିଯୋଗର ତଦନ୍ତ କରିବାକୁ ସେ ଦାବି



କରିଥିଲେ। ଏଥିସହ ଏହି ଘଟଣା ସହ ଜଡ଼ିତ ଏକାଧିକ ଦସ୍ତାବିଜ ମଧ୍ୟ ସେ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିଥିଲେ। ମୁଡା ମାମଲାରେ ସିଦ୍ଧରମୈୟାଙ୍କୁ ମଙ୍ଗଳବାର କର୍ଣ୍ଣାଟକା ହାଇକୋର୍ଟ ବି ଝଟକା ଦେଇଥିଲେ। ତାଙ୍କ ବିରୋଧରେ ଆସିଥିବା ହେରଫେର ଅଭିଯୋଗର ତଦନ୍ତ କରିବାକୁ ରାଜ୍ୟପାଳ ଦେଇଥିବା ମଞ୍ଜୁରୀକୁ ସିଦ୍ଧରମୈୟା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ଏହାକୁ କୋର୍ଟ ଅଗ୍ରାହ୍ୟ କରି ଦେଇଥିଲେ।

ଏକକ ବେଞ୍ଚ ବିଚାରପତି ଜଷ୍ଟିସ ଏମ ନାଗାପ୍ରସନ୍ନା କହିଥିଲେ ମୁଡା ଜମିର ପୂରା ପ୍ରକରଣରେ ସିଦ୍ଧରମୈୟା ନଥିଲେ ବୋଲି ଗ୍ରହଣ କରିବା ବେଶ କଷ୍ଟକର। ତାଙ୍କ ପରିବାର ମୁଡା ଜମି ଅଦଳବଦଳ ପ୍ରକ୍ରିୟାରେ ପ୍ରାୟ ୫୬ କୋଟି ଟଙ୍କାର ମୁନାଫା ପାଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ ଜରୁରୀ ବୋଲି ସେ କହିଥିଲେ।

ମୁଡା ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ତିନିଜଣ ସାମାଜିକ କର୍ମୀ ଠକେଇ ଅଭିଯୋଗ ଆଣିବା ପରେ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟ ଜୁଲାଇ ମାସରେ ତଦନ୍ତ ପାଇଁ ମଞ୍ଜୁରୀ ଦେଇଥିଲେ। ଅଭିଯୋଗରେ କୁହାଯାଇଛି ଯେ ସିଦ୍ଧରମୈୟାଙ୍କ ପତ୍ନୀ ପାର୍ବତୀଙ୍କୁ ତାଙ୍କର ୩.୧୬ ଏକର ଜମି ବଦଳରେ ମହୀଶୂରର ଉନ୍ନତ ବଜାର ଅଞ୍ଚଳରେ ୫୦:୫୦ ଅନୁପାତ ଯୋଜନାରେ ପ୍ଲଟ୍ ଆବଣ୍ଟନ କରାଯାଇଥିଲା। ମୁଡା ଦେଇଥିବା ସମ୍ପତ୍ତିର ମୂଲ୍ୟ ମୁଡା ଦ୍ୱାରା ଅଧିଗ୍ରହଣ କରାଯାଇଥିବା ପାର୍ବତୀଙ୍କ ଜମିର ମୂଲ୍ୟ ତୁଳନାରେ ଢେର ଅଧିକ ଥିଲା। ପାର୍ବତୀଙ୍କ କ୍ଷେତ୍ରରେ ନିୟମକୁ ବଳି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି।

## କଙ୍ଗନା ନିଜ ମନ୍ତବ୍ୟ ଲାଗି କ୍ଷମା ମାଗିଲେ



**ମୁମ୍ବାଇ, ୨୫।୯:** ବାତିଲ ହୋଇଥିବା କୃଷି ଆଇନ ଉପରେ ନିଜ ମନ୍ତବ୍ୟ ପାଇଁ ବିଜେପି ସାଂସଦ କଙ୍ଗନା ରଣାୱତ କ୍ଷମା ପ୍ରାର୍ଥନା କରିବା ସହିତ ନିଜ ମନ୍ତବ୍ୟ ପ୍ରତ୍ୟାହାର କରିଛନ୍ତି। ବୁଧବାର କଙ୍ଗନା ଏକ ଭିଡିଓ ଜାରି କରି ତାଙ୍କ ମନ୍ତବ୍ୟ ଯଦି କାହାରିକୁ ଆଘାତ ଦେଇଥିବ ତେବେ ସେ ଏଥିପାଇଁ କ୍ଷମା ପ୍ରାର୍ଥନା କରୁଛନ୍ତି ବୋଲି କହିଛନ୍ତି। ତାଙ୍କ ମନ୍ତବ୍ୟ ଲାଗି ବିଜେପି ଅଡୁଆରେ ପଡ଼ିଥିଲା। କାରଣ ଏବେ ହରିୟାନାରେ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ହରିୟାନା ଏକ କୃଷି ପ୍ରଧାନ ରାଜ୍ୟ ଏବଂ କୃଷକମାନେ ଏହି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବେ। କଙ୍ଗନାଙ୍କ ମନ୍ତବ୍ୟ ଯୋଗୁ ହରିୟାନାରେ କୃଷକମାନେ ଅସନ୍ତୁଷ୍ଟ ହୋଇଛନ୍ତି। କଙ୍ଗନାଙ୍କ ମନ୍ତବ୍ୟ ଯୋଗୁ ବିଜେପିର ଯେଉଁ କ୍ଷତି ହୋଇଛି ତାହାକୁ ଭରଣା କରିବା ସହଜ ନୁହେଁ। କଙ୍ଗନା କହିଥିଲେ ଯେ, ପ୍ରତ୍ୟାହୃତ ହୋଇଥିବା କୃଷି ଆଇନକୁ ପୁନର୍ବାର ଲାଗୁ କରିବା ନିମନ୍ତେ କୃଷକମାନେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିବା ଉଚିତ।

ରଦ୍ଦ ହୋଇଥିବା ତିନି କୃଷି ଆଇନକୁ ପୁଣି ଥରେ ଲାଗୁ କରିବାକୁ ନେଇ ମଙ୍ଗଳବାର ବୟାନ ଦେଇଥିଲେ କଙ୍ଗନା। ତାଙ୍କର ଏହି ବୟାନ ସାମ୍ନାକୁ ଆସିବା ପରେ ରାଜନୈତିକ ବୟାନବାଜୀ ଆରମ୍ଭ ହୋଇଥିଲା। ଚାରିଆଡୁ ତାଙ୍କୁ ଟାର୍ଗେଟ୍ କରାଯାଇଛି। ଏପରିକି ସେ ନିଜ ଦଳରେ ମଧ୍ୟ ସମାଲୋଚନାର ଶିକାର ହୋଇଛନ୍ତି। ଏହାପରେ ସେ ଏବେ ଏକ ନୂଆ ଭିଡିଓ ଜାରି କରି ନିଜ ଶବ୍ଦ ଫେରାଇ ନେଉଥିବା କହିଛନ୍ତି। ସୋଶାଲ ମିଡିଆରେ ପୋଷ୍ଟ କରାଯାଇଥିବା ଭିଡିଓରେ କଙ୍ଗନା କହିଛନ୍ତି ଯେ 'ମୁଁ କୃଷି ଆଇନ ସମ୍ବନ୍ଧରେ ମୋ ଦଳ ସହ ଛିଡା ହୋଇଛି। ମୁଁ ମୋର ଶବ୍ଦଗୁଡିକୁ ଫେରାଇ ନେଉଛି। ଗତ କିଛି ଦିନ ହେବ ଗଣମାଧ୍ୟମ ମୋତେ କୃଷି ଆଇନ ଉପରେ ପ୍ରଶ୍ନ ପଚାରୁଥିଲା। ମୁଁ ପରାମର୍ଶ ଦେଇଥିଲି ଯେ କୃଷକମାନେ ପ୍ରଧାନମନ୍ତ୍ରୀଙ୍କୁ କୃଷି ଆଇନ ଫେରାଇ ଆଣିବା ପାଇଁ ଅନୁରୋଧ କରିବା ଉଚିତ୍। ମୋର ଏହି ବିବୃତ୍ତିରେ ଅନେକ ଲୋକ ନିରାଶ ହୋଇଛନ୍ତି।' କଙ୍ଗନା ଆହୁରି କହିଛନ୍ତି, ' ମତେ ମନେ ରଖିବାକୁ ହେବ ଯେ ମୁଁ ଆଉ ଜଣେ କଳାକାର ନୁହେଁ ବରଂ ଜଣେ ବିଜେପି କର୍ମୀ। ମୋର ଓପିନିୟନ ମୋର ନିଜର ହେବା ଉଚିତ ନୁହେଁ, ଏହା ଦଳର ଷ୍ଟାଣ୍ଡ ହେବା ଉଚିତ। ଯଦି ମୁଁ ମୋର କଥା କିମ୍ବା ଭାବନାରେ କାହାକୁ ନିରାଶ କରିଛି, ତେବେ ମୁଁ ମୋର କଥାକୁ ଫେରାଇ ନେଉଛି।'

ଗତକାଲି କଙ୍ଗନା ଏକ ସାକ୍ଷାତକାର୍‌ରେ ତିନି କୃଷି ଆଇନକୁ ନେଇ ବିବାଦୀୟ ବୟାନ ଦେଇଥିଲେ। ଏହାପରେ ବିରୋଧୀ ଦଳ ନେତା ଏହାକୁ ନେଇ ବିଜେପିକୁ ଟାର୍ଗେଟ କରିଥିଲେ। ତେବେ କଙ୍ଗନାଙ୍କ ବିବୃତ୍ତିରୁ ବିଜେପି ନିଜକୁ ଦୂରେଇ ରଖିଛି। ଏହା ଦଳର ବିବୃତ୍ତି ନୁହେଁ ବୋଲି କହିଛି।

ଏଲଜେପି ମୁଖ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି, 'ଏହା କଙ୍ଗନାଙ୍କ ବ୍ୟକ୍ତିଗତ ବିବୃତ୍ତି, ଏହା ତାଙ୍କ ଚିନ୍ତାଧାରା ହୋଇପାରେ। ଏହା ଦଳର କୌଣସି ବିବୃତ୍ତି ନୁହେଁ।' ସେହିପରି ବିଜେପି ମୁଖପାତ୍ର ଗୌରବ ଭାଟିଆ କଙ୍ଗନାଙ୍କ ମନ୍ତବ୍ୟକୁ ତାଙ୍କର ବ୍ୟକ୍ତିଗତ ବିବୃତ୍ତି ବୋଲି କହିଛନ୍ତି।

### ଯୋଗୀଙ୍କ ରାସ୍ତାରେ ହିମାଚଳର ସରକାର

## ଦୋକାନୀଙ୍କୁ ନିଜର ନାଁ ଓ ପରିଚୟ ଥିବା ହୋର୍ଡିଂ ମାରିବାକୁ ନିର୍ଦ୍ଦେଶ

**ଲକ୍ଷ୍ନୌ, ୨୫।୯:** ଯୋଗୀ ଆଦିତ୍ୟନାଥଙ୍କ ଉତ୍ତର ପ୍ରଦେଶ ସରକାରଙ୍କୁ ଅନୁସରଣ କରିଛି ହିମାଚଳ ପ୍ରଦେଶର କ୍ଷମତାସୀନ କଂଗ୍ରେସ। ଉତ୍ତର ପ୍ରଦେଶ ସରକାରଙ୍କ ଭଳି ହିମାଚଳ ପ୍ରଦେଶ ସରକାର ବୁଧବାର ସବୁ ଦୋକାନୀଙ୍କୁ ନିଜ ପରିଚୟ ଓ ନାଁ ସର୍ବସମ୍ମୁଖରେ ଉପସ୍ଥାପନ କରିବାକୁ କହିଛନ୍ତି। ଏହାର ଅର୍ଥ ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଆଗରେ ନିଜର ନାଁ ଓ ପରିଚୟ ଉଲ୍ଲେଖ ଥିବା ହୋର୍ଡିଂ ମାରିବେ। ୫ ଦିନ ତଳେ ହିମାଚଳ ବିଧାନସଭାର ବାଚସ୍ପତି କୁଲଦୀପ ସିଂହ ପଠାନିଆ ଶିଳ୍ପ ମନ୍ତ୍ରୀ ହର୍ଷବର୍ଦ୍ଧନ ଚୌହାନଙ୍କ ନେତୃତ୍ୱରେ ଗୋଟିଏ ୭ ଜଣିଆ କମିଟି ଗଠନ କରିଥିଲେ। ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ କହିଥିଲେ। ଏହି କମିଟି ଗଠନ ପୂର୍ବରୁ ବିଧାନସଭାରେ ସେପ୍ଟେମ୍ବର ୧୦ ତାରିଖରେ ଷ୍ଟ୍ରିଟ ଭେଣ୍ଡର ପଲିସି ଆଣିବାକୁ ନିଷ୍ପତ୍ତି ହୋଇଥିଲା। ଆଜି ସରକାର ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଲୋକଙ୍କ ପାଇଁ ପରିଚୟ ଓ ନାଁ ସାର୍ବଜନୀନ କରିବା ବାଧ୍ୟତାମୂଳକ କରିଛନ୍ତି। ନଗର ଉନ୍ନୟନ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂହ ଏପରି ନିଷ୍ପତ୍ତି ସମ୍ପର୍କରେ କହିଛନ୍ତି ଯେ "ଆମେ ନଗର ଉନ୍ନୟନ ବିଭାଗ ଓ ପୌରପାଳିକା ସହ ଗୋଟିଏ ବୈଠକ କରିଥିଲୁ। ଉତ୍ତମ ପରିବେଶରେ ଖାଦ୍ୟ ବିକ୍ରି କରିବାକୁ ଗୁରୁତ୍ୱ ଦେଇ ଆମେ ସମସ୍ତ ରାସ୍ତା କଡ଼ରେ ଦୋକାନ କରିଥିବା ବ୍ୟବସାୟୀଙ୍କ ପାଇଁ ନାଁ ଓ ଆଇଡି ନମ୍ବର ସାର୍ବଜନୀନ ଭାବେ ଡିସପ୍ଲେ କରିବା ପାଇଁ କହିଛୁ। ଲୋକମାନେ ପ୍ରକଟ କରୁଥିବା ଚିନ୍ତାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଉତ୍ତର ପ୍ରଦେଶରେ ଲାଗୁ ହୋଇଥିବା ନୀତି ଭଳି ଆମେ ଏଠାରେ ମଧ୍ୟ ସମାନ ନିୟମ ଲାଗୁ କରିଛୁ।" ପ୍ରବାସୀ ଶ୍ରମିକଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରିବାକୁ ମଧ୍ୟ ହିମାଚଳରେ ଦାବି ହୋଇ ଆସୁଥିଲା। ବିଶେଷ କରି ରାଜ୍ୟରେ ଅନାଧିକୃତ ମସିଜିଦକୁ ନେଇ ବିବାଦ ବଢ଼ିବାରୁ ପଞ୍ଜୀକରଣ ଦାବି ଆହୁରି ତୀବ୍ର ହୋଇଥିଲା।





## କମଳା ହାରିସଙ୍କ ଅଫିସ୍‌କୁ ଗୁଳିମାଡ଼

**ୱାସିଂଟନ୍ ୨୫।୯:** ଆସନ୍ତା ନଭେମ୍ବର ମାସରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବ। ତେବେ ଭୋଟ୍ ପୂର୍ବରୁ ଆମେରିକାରୁ ଲଗାତର ହିଂସା ଖବର ସାମ୍ନାକୁ ଆସୁଛି। ପ୍ରଥମେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରାଯାଇଥିଲା। ବର୍ତ୍ତମାନ ଡେମୋକ୍ରାଟ୍ ପ୍ରାର୍ଥୀ କମଳା ହାରିସଙ୍କ ନିର୍ବାଚନ କାର୍ଯ୍ୟାଳୟରେ ଉପରକୁ ଗୁଳିମାଡ଼ ହୋଇଥିବା ସାମ୍ନାକୁ ଆସିଛି।

ପୁଲିସ କହିଛି ଯେ, ଆରିଜୋନାରେ କମଳା ହାରିସଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟାଳୟ ଉପରକୁ ଗୁଳିମାଡ଼ ହୋଇଛି। ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ଏହି ଘଟଣା ଘଟାଇଛି। ସାଉଥ ଆଭେନ୍ୟୁ ଏବଂ ପ୍ରିଷ୍ଟ ଡ୍ରାଇଭ ନିକଟରେ ଡେମୋକ୍ରାଟିକ୍ ନ୍ୟାସନାଲ କମିଟିର ନିର୍ବାଚନ ପ୍ରଚାର କାର୍ଯ୍ୟାଳୟରେ ଗୁଳିମାଡ଼ ଯୋଗୁ ଅନେକ କ୍ଷୟକ୍ଷତି ହୋଇଛି। ଏନେଇ ଟେମ୍ପେ ପୁଲିସ ବିଭାଗ ନ୍ୟୁୟର୍କ ପୋଷ୍ଟକୁ ସୂଚନା ଦେଇଛି। ଗୁଳିମାଡ଼ ବେଳେ ସୌଭାଗ୍ୟବଶତଃ ଅଫିସ ଭିତରେ କେହି ଉପସ୍ଥିତ ନଥିଲେ। ତେବେ ବିଲଡିଂରେ କାମ କରୁଥିବା ଏବଂ ନିକଟସ୍ଥ ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।

## ହାଇକୋର୍ଟ ବିଚାରପତିଙ୍କ ଉପରେ ବର୍ଷିଲେ ସିଜେଆଇ

**ନୂଆଦିଲ୍ଲୀ, ୨୫।୯:** ନିକଟରେ ହୋଇଥିବା ଏକ ଶୁଣାଣି ସମୟରେ ବେଙ୍ଗାଲୁରୁର ଏକ ଅଞ୍ଚଳକୁ 'ପାକିସ୍ତାନ' ବୋଲି ସମ୍ବୋଧନ କରି ବିବାଦୀୟ ମନ୍ତବ୍ୟ ଦେଇଥବା କର୍ନାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଭି ଶ୍ରୀଶାନନ୍ଦଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ ଶ୍ରୀଶାନନ୍ଦଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଆପଣ ଭାରତର କୌଣସି ବି ଅଞ୍ଚଳକୁ ଏପରି ଭାବେ ପାକିସ୍ତାନ କହି ସମ୍ବୋଧନ କରିପାରିବେ ନାହିଁ। ତେବେ ହାଇକୋର୍ଟ ବିଚାରପତି ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗି ସାରିଛନ୍ତି। ଭାଇରାଲ ଭିଡିଓରେ ଦେଖିବାକୁ ମିଳିଥିଲା ଯେ ହାଇକୋର୍ଟର ବିଚାରପତି ଜଷ୍ଟିସ ଭି ଶ୍ରୀଶାନନ୍ଦ ବେଙ୍ଗାଲୁରୁର ଏକ ଅଞ୍ଚଳକୁ 'ପାକିସ୍ତାନ' ବୋଲି କହିଥିଲେ। ଯାହାକୁ ନେଇ ବିବାଦ ଉପୁଜିଥିଲା। ତେବେ ଏହାକୁ ନେଇ ତାଙ୍କ ଉପରେ ବର୍ଷିଥିଲେ ସିଜେଆଇ ଚନ୍ଦ୍ରଚୂଡ଼।

### ସିଦ୍ଧିବିନାୟକ ମନ୍ଦିର ପ୍ରସାଦରେ ମୂଷା

## ତଦନ୍ତ କରିବ ଏଫ୍‌ଏସ୍‌ଡିଏ

**ମୁମ୍ବାଇ, ୨୫।୯:** ତିରୁପତି ମନ୍ଦିର ପ୍ରସାଦର ଶୁଦ୍ଧତାକୁ ନେଇ ଜାରି ରହିଛି ବିବାଦ। ଏହି ମାମଲା ଶାନ୍ତ ପଡିନଥିବା ବେଳେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ଏବେ ମହାରାଷ୍ଟ୍ର ମୁମ୍ବାଇର ପ୍ରସିଦ୍ଧ ମନ୍ଦିର ସିଦ୍ଧିବିନାୟକର ପ୍ରସାଦର ଶୁଦ୍ଧତାକୁ ନେଇ ଉଠିଛି ପ୍ରଶ୍ନ। ସିଦ୍ଧିବିନାୟକ ମନ୍ଦିରର ପ୍ରସାଦ ରୂପେ ଦିଆଯାଉଥିବା ଲଡୁ ପ୍ୟାକେଟରେ ମୂଷାଛୁଆ ମିଳିଥିବା ଅଭିଯୋଗ ହୋଇଛି। ଏହାର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଏହି ଅଭିଯୋଗକୁ ଖଣ୍ଡନ କରିଛି ଶ୍ରୀ ସିଦ୍ଧିବିନାୟକ ଗଣପତି ମନ୍ଦିର ଟ୍ରଷ୍ଟ(ଏସ୍‌ଏସ୍‌ଜିଟି)। ଶିବସେନା ନେତା ତଥା ମନ୍ଦିର ଟ୍ରଷ୍ଟର ସଭାପତି ସଦା ସର୍ବଣକର କହିଛନ୍ତି ଯେ ଏହା କେବଳ ଏକ ଭାଇରାଲ ଭିଡିଓ। ଏଥିରେ କୌଣସି ସତ୍ୟତା ନାହିଁ। ପ୍ରତିଦିନ ଲକ୍ଷ ଲକ୍ଷ ଲଡୁ ବଣ୍ଟା ଯାଉଛି। ଭିଡ଼ିଓରେ ଦେଖାଯାଉଥିବା ସ୍ଥାନ ମନ୍ଦିର କମ୍ପ୍ଲେକ୍ସର ଅଂଶ ନୁହେଁ। ଏହା ମନ୍ଦିରର ଭାବମୂର୍ତ୍ତିକୁ ଖରାପ କରିବାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ସାମ୍ନାକୁ ଆସିଥିବା ଭିଡିଓରେ ଏକ ନୀଳ ରଙ୍ଗର ଟ୍ରେରେ ରଖାଯାଇଥିବା ଲଡୁର ଛିଣ୍ଡାଯାଇଥିବା ପ୍ୟାକେଟରେ ମୂଷା ଛୁଆ ଥିବା ଦେଖିବାକୁ ମିଳିଛି। ଏହି ଭିଡିଓକୁ ନେଇ ଏବେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସିଦ୍ଧିବିନାୟକ ଲଡୁକୁ ନେଇ ବିବାଦ ଉପୁଜିବା ପରେ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛି ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ। ଖାଦ୍ୟ ସୁରକ୍ଷା ଅଧିକାରୀ ମନ୍ଦିରକୁ ଯାଇ ଅଡିଟ୍ କରିବେ ବୋଲି ଏଫଏସଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟପଟେ ପୁଲିସ ମାଧ୍ୟମରେ ଭାଇରାଲ ହେଉଥିବା ଏହି ଭିଡିଓର ତଦନ୍ତ ପାଇଁ ଅନୁରୋଧ କରିବୁ ବୋଲି ମନ୍ଦିର ପ୍ରଶାସନ କହିଛି।

## ଭାରତ ଅବିଚଳିତ ବୋଲି ମେକ୍ ଇନ୍ ଇଣ୍ଡିଆ ଦ୍ୱାରା ପ୍ରମାଣିତ ହୋଇଛି: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୫।୯:** ମେକ୍ ଇଣ୍ଡିଆ ଅଭିଯାନର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ଲିଙ୍କଡ଼ ଇନ୍ ରେ 'ମେକ୍ ଇନ୍ ଇଣ୍ଡିଆକୁ ୧୦ ବର୍ଷ' ଶୀର୍ଷକ ସ୍ତମ୍ଭ ଲେଖିଛନ୍ତି।

ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, 'ମେକ୍ ଇନ୍ ଇଣ୍ଡିଆ'କୁ ଆଜି ଦଶ ବର୍ଷ ପୂରଣ ହୋଇଛି । ଏହି ଅଭିଯାନକୁ ସଫଳ କରିଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇବାର ଆଜି ଏକ ଅବସର।

ମେକ୍ ଇନ୍ ଇଣ୍ଡିଆର ପ୍ରତ୍ୟେକ ଅଂଶୀଦାର ଜଣେ ଜଣେ ଅଗ୍ରଣୀ, ଦୂରଦର୍ଶୀ ଓ ଉଦ୍ଭାବକ, ଯାହାଙ୍କ ଅକ୍ଳାନ୍ତ ପ୍ରୟାସ 'ମେକ୍ ଇନ୍ ଇଣ୍ଡିଆ'ର ସଫଳତାକୁ ପ୍ରୋତ୍ସାହିତ କରିଛି ଏବଂ ଏହା ଦ୍ୱାରା ଆମ ଦେଶର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ସହ ଉତ୍ସୁକତାର କେନ୍ଦ୍ରବିନ୍ଦୁରେ ପରିଣତ କରିଛି। ଏହା ହେଉଛି ସାମୂହିକ ଅଭିଯାନ, ନିରବଚ୍ଛିନ୍ନ ପ୍ରକୃତି, ଯାହା ଗୋଟିଏ ସ୍ୱପ୍ନକୁ ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ କରିଛି। "ଭାରତ ଅବିଚଳିତ ବୋଲି ମେକ୍ ଇନ୍ ଇଣ୍ଡିଆ ଦ୍ୱାରା ପ୍ରମାଣିତ ହୋଇଛି, " ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଉତ୍ପାଦନ କ୍ଷେତ୍ରରେ ଭାରତର ପ୍ରଗତି ବୃଦ୍ଧି କରିବା ଏବଂ ଆମ ଭଳି ଏକ ପ୍ରତିଭାଶାଳୀ ରାଷ୍ଟ୍ର ଯେପରି କେବଳ ଆମଦାନୀକାରୀ ନୁହେଁ ବରଂ ଏକ ରପ୍ତାନିକାରୀ ମଧ୍ୟ ହୋଇପାରିବ, ସେହି ମହତ୍ୱାକାଂକ୍ଷୀ ଉଦ୍ଦେଶ୍ୟରେ ୧୦ ବର୍ଷ ପୂର୍ବେ ଏହା ଆରମ୍ଭ ହୋଇଥିଲା। ଗତ ଏକ ଦଶନ୍ଧିକୁ ଦେଖିଲେ ୧୪୦ କୋଟି ଭାରତୀୟଙ୍କ ଶକ୍ତି ଓ ଦକ୍ଷତା ଆମକୁ କେତେ ଦୂରରେ ପହଞ୍ଚାଇପାରିଛି ସେଥିରେ ମୁଁ ଗର୍ବ ଅନୁଭବ କରିପାରିବି ନାହିଁ।

'ମେକ୍ ଇନ୍‌ଇ ଣ୍ଡିଆ'ର ଛାପ ସବୁ କ୍ଷେତ୍ରରେ ଦୃଶ୍ୟମାନ ହୋଇଛି, ଯେଉଁଠାରେ ଆମେ ପ୍ରଭାବ ପକାଇବାକୁ ସ୍ୱପ୍ନରେ ବି ଭାବି ନଥିଲୁ। ଦୁଇଟି ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, "ଆମେ ଜାଣୁ ଯେ ବର୍ତ୍ତମାନ ମୋବାଇଲ୍ ଫୋନ୍ କେତେ ଗୁରୁତ୍ୱପୂର୍ଣ୍ଣ ହୋଇଗଲାଣି, କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ୨୦୧୪ରେ ସମଗ୍ର ଦେଶରେ ଆମର ମାତ୍ର ଦୁଇଟି ମୋବାଇଲ୍ ଉତ୍ପାଦନ ୟୁନିଟ୍ ଥିଲା । ଆଜି ଏହି ସଂଖ୍ୟା ୨୦୦ ଟପିଛି। ଆମର ମୋବାଇଲ ରପ୍ତାନି ମାତ୍ର ୧, ୫୫୬ କୋଟି ଟଙ୍କାରୁ ଆକାଶଛୁଆଁ ହୋଇ ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି- ଏଥିରେ ୭୫୦୦% ବୃଦ୍ଧି ଦେଖିବାକୁ ମିଳିଛି ! ଆଜି ଭାରତରେ ବ୍ୟବହୃତ ହେଉଥିବା ୯୯ ପ୍ରତିଶତ ମୋବାଇଲ ଫୋନ୍ ମେଡ୍ ଇନ୍ ଇଣ୍ଡିଆ। ଆମେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ ନିର୍ମାତା ହୋଇପାରିଛୁ।"




ସେ ଆହୁରି ଲେଖିଛନ୍ତି, ଆମର ଇସ୍ପାତ ଶିଳ୍ପକୁ ଦେଖନ୍ତୁ - ଆମେ ପରିସ୍କୃତ ଇସ୍ପାତର ଏକ ନିଟ୍ ରପ୍ତାନିକାରୀ ହୋଇପାରିଛୁ, ୨୦୧୪ ପରଠାରୁ ଉତ୍ପାଦନ ୫୦% ରୁ ଅଧିକ ବୃଦ୍ଧି ପାଇଛି। ଆମର ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ ହୋଇଛି। ପାଞ୍ଚଟି ପ୍ଲାଣ୍ଟ ଅନୁମୋଦନ କରାଯାଇଛି ଯାହାର ମିଳିତ କ୍ଷମତା ଦୈନିକ ୭ କୋଟିରୁ ଅଧିକ ହେବ! ଅକ୍ଷୟ ଶକ୍ତି କ୍ଷେତ୍ରରେ ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଉତ୍ପାଦକ। ମାତ୍ର ଏକ ଦଶନ୍ଧି ମଧ୍ୟରେ କ୍ଷମତା ୪୦୦% ବୃଦ୍ଧି ପାଇଛି। ୨୦୧୪ରେ ଆମର ଇଲେକ୍ଟ୍ରିକ୍ ଯାନ ଶିଳ୍ପ ପ୍ରାୟତଃ ଅସ୍ତିତ୍ୱହୀନ ଥିବା ବେଳେ ଏବେ ଏହାର ମୂଲ୍ୟ ୩ ବିଲିୟନ ଡଲାର ରେ ପହଞ୍ଚିଛି।

ପ୍ରତିରକ୍ଷା ଉତ୍ପାଦ ରପ୍ତାନି ୧, ୦୦୦ କୋଟି ଟଙ୍କାରୁ ୨୧, ୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇ ୮୫ଟି ଦେଶରେ ପହଞ୍ଚିଛି। ଖେଳନା ଉଦ୍ୟୋଗର ପ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମୁଁ ସକ୍ରିୟ ଖେଳନା ଶିଳ୍ପର ଆବଶ୍ୟକତା ବିଷୟରେ କହିଥିଲି ଏବଂ ଆମ ଲୋକମାନେ ଦେଖାଇଥିଲେ ଯେ ଏହା କିପରି କରାଯାଏ! ଗତ କିଛି ବର୍ଷ ମଧ୍ୟରେ, ଆମେ ରପ୍ତାନି କ୍ଷେତ୍ରରେ ୨୩୯% ବୃଦ୍ଧି ଦେଖିଛୁ। ଆମଦାନୀ ହ୍ରାସ ପାଇଁ ପ୍ରାୟ ଅଧା ହୋଇଯାଇଛି, ବିଶେଷକରି ଆମର ସ୍ଥାନୀୟ ଉତ୍ପାଦନକାରୀ ଏବଂ ବିକ୍ରେତାମାନେ ଉପକୃତ ହେଉଛନ୍ତି, ଛୋଟ ପିଲାମାନଙ୍କ ବିଷୟରେ ମଧ୍ୟ ଉଲ୍ଲେଖ ନକରି ରହିହେବ ନାହିଁ।

ପ୍ରଧାନମନ୍ତ୍ରୀ ତାଙ୍କ ସ୍ତମ୍ଭରେ ଉଲ୍ଲେଖ କରିଛନ୍ତି, ବନ୍ଦେ ଭାରତ ଟ୍ରେନ, ବ୍ରହ୍ମୋସ କ୍ଷେପଣାସ୍ତ୍ର ଏବଂ ମୋବାଇଲ୍ ଫୋନ୍ ଆଜି ଭାରତର ପରିଚୟ ପାଲଟିଛି ଏବଂ ସବୁଥିରେ ମେକ୍ ଇନ୍ ଇଣ୍ଡିଆର ଲେବୁଲ୍ ଗର୍ବର ସହିତ ସ୍ଥାନ ପାଉଛି।

# ଆଇସିସି ର୍ୟାଙ୍କିଙ୍ଗ: ଟପ୍ ୧୦କୁ ଫେରିଲେ ପନ୍ତ

**ମୁମ୍ବାଇ, ୨୫।୯:** ଦୀର୍ଘ ୨ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ଫେରିଥିବା ଟିମ ଇଣ୍ଡିଆର ୱିକେଟ କିପର ଋଷଭ ପନ୍ତ କମାଲ କରିଛନ୍ତି। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ଶତକ ମାରିବା ପରେ ଏହା ତାଙ୍କୁ ଆଇସିସି

## ଖସିଲେ ରୋହିତ ଓ ବିରାଟ

ରାଙ୍କିଙ୍ଗରେ ଫାଇଦା ଦେଇଛି। କାର ଦୁର୍ଘଟଣା ପୂର୍ବରୁ ପନ୍ତ ରାଙ୍କିଙ୍ଗର ଟପ୍ ୧୦ରେ ଥିଲେ। ସେ ୨ ବର୍ଷ ପରେ ସୁସ୍ଥ ହୋଇ ପଡ଼ିଆକୁ ଫେରିବା କ୍ଷଣି ପୁଣି ବ୍ୟାଟିଂ ରାଙ୍କିଙ୍ଗର ଟପ ୧୦ରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ପନ୍ତ ରାଙ୍କିଙ୍ଗର ୬ଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି। ତେବେ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ଓ ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ




ରାଙ୍କିଙ୍ଗରେ ଅବନତୀ ହୋଇଛି। ଆଜି ଆଇସିସି ପକ୍ଷରୁ ଜାରି ତାଲିକା ଅନୁଯାୟୀ, ପନ୍ତ ୭୩୧ ପଏଣ୍ଟ ସହ ରାଙ୍କିଙ୍ଗର ୬ଷ୍ଠ ସ୍ଥାନରେ ଅଛନ୍ତି। ସେହିପରି ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୫୬ ରନର ଇନିଂସ ଖେଳିଥିବା ଟିମ ଇଣ୍ଡିଆର ଓପନର ଯଶସ୍ୱୀ ଜୈସୱାଲ ୭୫୧ ପଏଣ୍ଟ ସହ ୫ମ ସ୍ଥାନ ଦଖଲ କରିଛନ୍ତି। ଭାରତର ଅଧିନାୟକ ରୋହିତ ଶର୍ମା ଯଦିଓ ଟପ୍ ୧୦ରେ ରହିଛନ୍ତି, କିନ୍ତୁ ତାଙ୍କୁ ୫ଟି ସ୍ଥାନ ହରାଇବାକୁ ପଡ଼ିଛି। ସେ ମାତ୍ର ୭୧୬ ପଏଣ୍ଟ ସହ ରାଙ୍କିଙ୍ଗର ୧୦ନମ୍ବର ସ୍ଥାନରେ ଅଛନ୍ତି। ବିରାଟ କୋହଲି ମଧ୍ୟ ୫ଟି ସ୍ଥାନ ତଳକୁ ଖସି ଟପ ୧୦ରୁ ବାଦ ପଡ଼ି ଦ୍ୱାଦଶ ସ୍ଥାନରେ ପହଞ୍ଚିଛନ୍ତି। ପୂର୍ବରୁ ଭଳି ୮୯୯ ପଏଣ୍ଟ ସହ ଜୋ ରୁଟ ୧ନଂ ସ୍ଥାନରେ, ୮୫୨ ପଏଣ୍ଟ ସହ କେନ ୱିଲିୟମସନ ଦ୍ୱିତୀୟୟରେ ଓ ଡାରେଲ ମିଚେଲ ୭୬୦ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ଟେଷ୍ଟ ବୋଲିଂ ରାଙ୍କିଙ୍ଗ କଥା ବିଚାରକୁ ନେଲେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ପୂର୍ବଭଳି ୧ନଂ ସ୍ଥାନରେ ରହିଛନ୍ତି। କିନ୍ତୁ ୨ ନଂ ସ୍ଥାନକୁ ଲମ୍ଫ ମାରିଛନ୍ତି ଯଶପ୍ରୀତ ବୁମ୍ରା। ରବୀନ୍ଦ୍ର ଜାଡେଜା ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୬ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି।

## ଇତିହାସ ରଚିଲେ ଏହି ୧୮ ବର୍ଷୀୟ କ୍ରିକେଟର ଦ୍ରୋଣ

# ମାରିଲେ ୪୯୮ ରନ



**ଅହମ୍ମଦାବାଦ,୨୫।୯ :** ଇତିହାସ ରଚିଛନ୍ତି ୧୮ ବର୍ଷୀୟ କ୍ରିକେଟର ଦ୍ରୋଣ ଦେଶାଇ। ସେ ମଣିନଗରର ଜେଏଲ ଇଂଲିଶ ସ୍କୁଲ ବିପକ୍ଷରେ ମାରିଛନ୍ତି ୪୯୮ ରନ। ଗୁଜରାଟର ଗାନ୍ଧିନଗରରେ ଥିବା ଶିବାୟ କ୍ରିକେଟିଂ କ୍ଲବରେ ଚାଲିଥିବା ଡିୱାନ ବାଲୁଭାଇ କପ(ଅଣ୍ଡର-୧୯)ରେ ସେ ଏପରି ବଡ଼ ଇନିଂସ ଖେଳିଛନ୍ତି। ସେ ୪୯୮ ରନ କରି ଆଉଟ ହେବା ପରେ ୫୦୦ ଠାରୁ ମାତ୍ର ୨ ରନ ପଛରେ ରହି ଯାଇଥିବା ଅନୁଭବ କରିଥିଲେ।

ତେବେ ୧୮ ବର୍ଷ ବୟସରେ ସେ ୪୯୮ ରନର ଇନିଂସ ଖେଳି ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ଗୁଜରାଟରେ ଆଜି ଯାଏ ଖେଳା ଯାଇଥିବା ଅନ୍ତଃସ୍କୁଲ କ୍ରିକେଟରେ ସର୍ବାଧିକ ରନ ସ୍କୋରର ହୋଇଯାଇଛନ୍ତି। ସେହିପରି ଭାରତ ପାଇଁ ସେ ତୃତୀୟ ସର୍ବାଧିକ ରନ ହାସଲକାରୀ କ୍ରିକେଟର ମଧ୍ୟ ବନି ଯାଇଛନ୍ତି। ଦ୍ରୋଣଙ୍କ ସହ ତୃତୀୟ ସ୍ଥାନରେ ଅରମାନ ଜାଫର ରହିଛନ୍ତି। ଏହି ଦୁଇ ଖେଳାଳିଙ୍କ ଉପରେ ପ୍ରଣବ ଧନାୱାଡେ ଓ ପୃଥ୍ୱୀ ଶ' ଅଛନ୍ତି। ଦ୍ରୋଣ ୪୧୮ କରିବା ପାଇଁ ପଡ଼ିଆରେ ୩୭୨ ମିନିଟ ସମୟ ଅତିବାହିତ କରିଥିଲେ। ସେ ୩୨୦ଟି ବଲର ସାମ୍ନା କରି ୮୬ଟି ଚୌକା ଓ ୭ଟି ଛକା ମାରିଛନ୍ତି। ସେ ୫୦୦ ଠାରୁ ୨ ରନ ପଛରେ ଥିବା ବେଳେ କରନ ମେଜିୟାତ୍ରଙ୍କ ବଲରେ ଆଉଟ ହୋଇଯାଇଛନ୍ତି। ଦ୍ରୋଣଙ୍କ ବ୍ୟତୀତ ସେଣ୍ଟ ଜାଭିୟର ଲୟୋଲା ହଲ ଆମାସ ପାଇଁ ହେତ ଦେଶାଇ ୯୮ ବଲରେ ୧୪୮ ଓ ଅଧିନାୟକ ବିରାଜ ତାଲାତି ୯୩ ବଲରେ ଅପରାଜିତ ୧୦୪ ରନ କରିଛନ୍ତି। ଫଳରେ ଦଳ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ବିଶାଳ ୮୪୪ ରନ କରିବା ପରେ ପାଳି ଘୋଷଣା କରିଥିଲା। ଏହା ପୂର୍ବରୁ ଦଳ ଜେଏଲ ଟିମକୁ ପ୍ରଥମ ଇଂନିସରେ ମାତ୍ର ୪୦ ରନରେ ଅଲଆଉଟ କରି ଦେଇଥିଲା। ଦ୍ୱିତୀୟ ଇନିଂସରେ ମଧ୍ୟ ଜେଏଲ ଦଳ କେବଳ ୯୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସେଣ୍ଟ ଜାଭିୟର ମ୍ୟାଚ୍‌କୁ ଗୋଟିଏ ଇନିଂସ ଓ ୭୧୨ ରନରେ ଜିତି ନେଇଛି। ସେଣ୍ଟ ଜାଭିୟର ପାଇଁ ବୋଲିଂରେ ଦକ୍ଷୀଣ ଶର୍ମା କମାଲ କରିଛନ୍ତି। ସେ

# ଶୁକ୍ରବାରଠୁ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ୍

## ବଦଳିବ ପିଚ୍, ବଦଳିବ ରଣନୀତି

**କାନପୁର, ୨୫।୯:** ଚେନ୍ନାଇରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟକୁ ୨୮୦ ରନ୍‌ରେ ଜିତିବା ପରେ କାନପୁରରେ ଶୁକ୍ରବାରଠାରୁ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ତଥା ଟେଷ୍ଟ୍ ଲାଗି ରୋହିତ ବାହିନୀ ସଜବାଜ ହେଉଛି। ଶୃଙ୍ଖଳାରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିବା

- ବୁମ୍‌ରାଙ୍କୁ ବିଶ୍ରାମ ବିଚାରାଧୀନ
- କାନପୁରରେ କଡ଼ା ସୁରକ୍ଷା ବ୍ୟବସ୍ଥା

ସହ ଲଗାତାର ତୃତୀୟ ବର୍ଷ ପାଇଁ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍‌ର ଫାଇନାଲ୍ ଖେଳିବା ଦୃଷ୍ଟିରୁ ଟିମ୍ ଇଣ୍ଡିଆ ପାଇଁ ଏହି ମ୍ୟାଚ୍‌ର ମଧ୍ୟ ଢେର ଗୁରୁତ୍ୱ ରହିଛି। ଏଥିଲାଗି କିନ୍ତୁ ଭାରତୀୟ କ୍ରିକେଟ୍ ଦଳକୁ କାନପୁର ସହ ଚଳିତ ଋତୁର ଅବଶିଷ୍ଟ ୯ ମ୍ୟାଚ୍‌ରୁ ଅନ୍ୟୂନ ଚାରିଟି ବିଜୟ ଅର୍ଜନ କରିବାର ଦରକାର ରହିଛି। ବାଂଲାଦେଶ ବିପକ୍ଷ ଗୋଟିଏ ମ୍ୟାଚ୍ ସହ ନ୍ୟୁଜିଲାଣ୍ଡ ବିପକ୍ଷ ତିନିଟି (ଘରୋଇ ପରିବେଶ) ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅଷ୍ଟ୍ରେଲିଆ ମାଟିରେ ପାଞ୍ଚଟି ଟେଷ୍ଟ୍ ଭାରତ ହାତରେ ରହିଛି। ତେବେ ଏହି ଚାରିଟି ବିଜୟ ଲକ୍ଷ୍ୟ ପୂରଣ କରିବା ଲାଗି ଘରୋଇ ପରିବେଶରେ ଖେଳିବାକୁ ଥିବା ମ୍ୟାଚ୍ ଭାରତ ପାଇଁ ଭଲ ସୁଯୋଗ ଭାବେ ଉଭା ହୋଇଛି। କାରଣ ଅଷ୍ଟ୍ରେଲିଆ ମାଟିରେ ଖେଳାଯିବାକୁ




ଥିବା ବର୍ଡର-ଗାଭାସ୍କର ଶୃଙ୍ଖଳାର ୫ ଟେଷ୍ଟ୍‌ରେ ବିଜୟୀ ହେବା ଭାରତ ପାଇଁ ଆଦୌ ସହଜ ହେବନି। ଚେନ୍ନାଇରୁ କାନପୁରକୁ ଧ୍ୟାନ ହଟିବା ସହ ଉଭୟ ଭାରତ ଓ ବାଂଲାଦେଶ ପାଇଁ କିନ୍ତୁ ପିଚ୍ ନୂଆ ଆହ୍ୱାନ ଭାବେ ଉଭା ହେବାକୁ ଯାଉଛି। କାରଣ ଚେନ୍ନାଇର ଲାଲ୍ ମାଟି ପିଚ୍ ସ୍ପୋର୍ଟିଂ ଓ ବାଉନ୍ସି ଥିଲା ବେଳେ କାନପୁରର କଳା ମାଟି ପିଚ୍ ପାରମ୍ପରିକ ଭାବେ ସ୍ପିନରଙ୍କୁ ସୁହାଇ ଆସୁଛି। ଉଭୟ ସ୍ଥାନର ପିଚ୍ ମଧ୍ୟରେ ଆକାଶପାତାଳ ଫରକ ଥିଲା ବେଳେ ସ୍ୱଭାବ ହେଉଛି ପୂରା ବିପରୀତ। କ୍ରିକେଟ୍ ଉତ୍ତରରୁ ଦକ୍ଷିଣ ଭାରତକୁ ଆସିବା ସହ ପାଗ ଓ ପରିବେଶ ମଧ୍ୟ ବଦଳିବ। ସେହି ଦୃଷ୍ଟିରୁ ଉଭୟ ଦଳକୁ ସେମାନଙ୍କ ରଣନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ। ତେବେ ଏଥରର ପିଚ୍ ପ୍ରଥମ ଦିନରୁ ସ୍ପିନ୍ ଧରିବାର ସମ୍ଭାବନା କମ୍ ଥିବା କ୍ୟୁରେଟର ସଙ୍କେତ ଦେଇଥିବାରୁ ଉଭୟ ଦଳ ଏଥିଲାଗି ଶାନ୍ତିର ନିଶ୍ୱାସ ମାରିପାରିବେ।

ନୂଆ ପ୍ରଶିକ୍ଷକ ତଥା ପୂର୍ବତନ ଭାରତୀୟ ଓପନର୍ ଗୌତମ ଗମ୍ଭୀର ଖେଳାଳିଙ୍କ କାର୍ଯ୍ୟଭାର ପରିଚାଳନା ଉପରେ ଜୋର୍ ଦେଉଥିବାରୁ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ କାନପୁରରେ ବିଶ୍ରାମ ଦେବା କଥା ଭାରତ ଚିନ୍ତା କରିପାରେ। ଏହି ପ୍ରସ୍ତାବକୁ ଦଳୀୟ ପରିଚାଳନା ମଣ୍ଡଳି ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ତେବେ ଶେଷ ନିଷ୍ପତ୍ତି ମ୍ୟାଚ୍ ପୂର୍ବଦିନ ନିଆଯିବ ବୋଲି ଜଣାପଡ଼ିଛି। ସେପଟେ ଭାରତ ମଧ୍ୟ ତିନି ଜଣ ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା କଥା ଚିନ୍ତା କରୁଛି। ଯଦି ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଏ, ତାହେଲେ ଅକ୍ଷର ପଟେଲ କିମ୍ବା କୁଲଦୀପ ଯାଦବଙ୍କ ଭିତରୁ ଜଣେ ଖେଳିପାରନ୍ତି। ବୁମ୍‌ରା ଖେଳିଲେ ଯୁବ ବୋଲର ଆକାଶଦୀପଙ୍କୁ ବାହାରେ ରହିବାକୁ ହେବ।

ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ୍ ଲାଗି କାନପୁରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ବିରୋଧରେ ହେଉଥିବା ହିଂସା ପ୍ରତିବାଦରେ ଅଖିଳ ଭାରତୀୟ ହିନ୍ଦୁ ମହାସଭା ନାମକ ଏକ ସଂସ୍ଥା ଷ୍ଟାଡିୟମ୍ ସମ୍ମୁଖ ରାସ୍ତାକୁ ଅବରୋଧ କରି ସେଠାରେ ହୋମ କରିବାର ଧମକ ଦେଇଥିବାରୁ ପୁଲିସ ସଜାଗ ରହିଛି। ଏହି ସଂଗଠନର ଦୁଇ ଜଣ ସଦସ୍ୟଙ୍କ ବିରୋଧରେ ଆନୁଷ୍ଠାନିକ ଅଭିଯୋଗ ଫର୍ଦ ଦାୟର ହୋଇଥିବା ଏସିପି ହରିଶ ଚନ୍ଦର କହିଛନ୍ତି। ଖେଳାଳିଙ୍କ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଷ୍ଟାଡିୟମ୍ ଭିତରେ ଓ ବାହାର ସୁରକ୍ଷା ବ୍ୟବସ୍ଥାକୁ ମ୍ୟାଚ୍ ପୂର୍ବଦିନଠାରୁ ପରଦିନ ପର୍ଯ୍ୟନ୍ତ ସୁଦୃଢ଼ କରାଯିବ ବୋଲି ସୂଚନା ଦେଇଛନ୍ତି ସେ।



# ଭାରତୀୟ ଯୋଡ଼ିଙ୍କୁ ପ୍ରଥମ ଏଟିପି ମୁକୁଟ

**ନୂଆଦିଲ୍ଲୀ, ୨୫।୯:** ଭାରତୀୟ ବ୍ୟାଡ଼ମିଣ୍ଟନ ଯୋଡ଼ି ଜୀବନ ନେଦୁଞ୍ଚେଝିୟାନ୍ ଓ ବିଜୟ ସୁନ୍ଦର ପ୍ରଶାନ୍ତ ଏକାଠି ପ୍ରଥମ ଏଟିପି ମୁକୁଟ କରାୟତ୍ତ କରିଛନ୍ତି। ଏହିଯୋଡ଼ି ହାଙ୍ଗଝୌ ଓପନ୍‌ରେ ପୁରୁଷ ଯୁଗଳ ଟ୍ରଫି ହାତେଇଛନ୍ତି। ମଙ୍ଗଳବାର ଫାଇନାଲ୍‌ରେ ଭାରତୀୟ ଯୋଡ଼ି ୪-୬, ୭-୬, ୧୦-୭ ସେଟ୍‌ରେ ଜର୍ମାନୀର କନ୍‌ଷ୍ଟାନ୍‌ଟିନ୍ ଫ୍ରାଞ୍ଜେନ ଓ ହାର୍ଦିକ ଜେବେନ୍ସଙ୍କୁ ମାତ୍ ଦେଇଥିଲେ। ୩୫ ବର୍ଷୀୟ ଜୀବନଙ୍କ ଏହା ଦ୍ୱିତୀୟ ଏଟିପି ଟୁର୍ ମୁକୁଟ। ପୂର୍ବରୁ ସେ ୨୦୧୭ରେ ରୋହନ ବୋପାନ୍ନାଙ୍କ ସହ ଚେନ୍ନାଇ ଓପନ୍ ଜିତିଥିଲେ। ଅନ୍ୟପକ୍ଷରେ ବିଜୟଙ୍କ ଏହା ପ୍ରଥମ ଏଟିପି ଟୁର୍ ଟ୍ରଫି। ଅନ୍ୟପକ୍ଷରେ ଚେଙ୍ଗ୍‌ଡୁ ଓପନ୍‌ରେ ଭାରତର ଯୁକି ଭାମ୍ବ୍ରି ଓ ତାଙ୍କ ଫ୍ରାନ୍ସ ସାଥୀ ଅଲ୍‌ବାନୋ ଓଲିଭେଟି ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ମଙ୍ଗଳବାର ଫାଇନାଲ୍‌ରେ ଭାରତ-ଫ୍ରାନ୍ସ ଯୋଡ଼ି ୪-୬, ୬-୪, ୪-୧୦ ସେଟ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଫ୍ରାନ୍ସ ଯୋଡ଼ି ସାଡିଓ ଡୌମ୍ବିୟା ଓ ଫାବିଏନ୍ ରେବୌଲଙ୍କଠୁ ହାରି ଯାଇଥିଲେ। ତେବେ ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ଏକକ ଖେଳାଳି ସୁମିତ ନଗଲ ବେଜିଂ ଓପନ୍ ଯୋଗ୍ୟତା ପର୍ଯ୍ୟାୟରେ ହାରି ଯାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିଶ୍ୱର ୮୩ ନମ୍ବର ନଗଲ ୨-୬, ୬-୭ ସେଟ୍‌ରେ ବିଶ୍ୱର ୬୩ ନମ୍ବର ରୁଷିଆର ପାଭେଲ

# ୭୫ବର୍ଷ ବୟସରେ ୫ମ ସ୍ତ୍ରୀଙ୍କ ସହିତ କୁସ୍ତିଯୋଦ୍ଧାଙ୍କ ହେଲା ଛାଡ଼ପତ୍ର



**ନୂଆଦିଲ୍ଲୀ, ୨୫।୯:** କୁସ୍ତିଯୋଦ୍ଧା ରିକ ଫ୍ଲେୟର ନିଜର ଛାଡ଼ପତ୍ରର ଘୋଷଣା ପରେ ବିଶ୍ୱ ରେସଲିଙ୍ଗ ଏଣ୍ଟରଟେନମେଣ୍ଟ ଅର୍ଥାତ ଡବ୍ଲୁଡବ୍ଲୁଇ ପ୍ରେମୀମାନେ ଚକିତ ହୋଇଯାଇଛନ୍ତି। ୨୦୧୮ରେ ରିକ ୱେଣ୍ଡି ବାର୍ଲୋଙ୍କୁ ବିବାହ କରିଥିଲେ। ବିବାହର ୬ବର୍ଷ ପରେ ରିକ ଛାଡ଼ପତ୍ର ନେବା ଘଟଣା ଚର୍ଚ୍ଚାର ପରିସରରେ ରହିଛି। ରିକଙ୍କ ବୟସ ଏବେ ୭୫ବର୍ଷ। ଏହା ତାଙ୍କ ୫ମ ବିବାହ ଥିଲା। ଛାଡ଼ପତ୍ର ଦେଇଥିବା ସ୍ତ୍ରୀଙ୍କ ବୟସ ୬୪ବର୍ଷ ରହିଛି। ଫ୍ଲେୟର ତାଙ୍କ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି,' - ୱେଣ୍ଡି ଏବଂ ମୁଁ ୧୩ଟି ଚମତ୍କାର ବର୍ଷ ବିତାଇଛୁ। ପ୍ରତ୍ୟେକ ଦମ୍ପତିଙ୍କ ପରି ଆମ ଜୀବନରେ ଆସିଥିବା ପ୍ରତିଟି ଉଠାଣି ଗଡ଼ାଣିକୁ ମିଶିକି ସାମ୍ନା କରିଛୁ। ମୁଁ ଭାବୁଛି ବର୍ତ୍ତମାନ ସମସ୍ତଙ୍କ ପାଇଁ ଏହା ଜାଣିବା ଜରୁରୀ ଯେ ଆମେ ସମ୍ମାନର ସହିତ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ମୁଁ ୨୦୧୭ରେ ଏକ କଠିନ ପର୍ଯ୍ୟାୟ ଦେଇ ଗତି କରୁଥିଲି । ୱେଣ୍ଡି ସେତେବେଳେ ମୋତେ ବହୁତ ସାହାଯ୍ୟ କରିଥିଲେ । ଧନ୍ୟବାଦ ଶବ୍ଦ ତାଙ୍କ ପାଇଁ ଖୁବ କମ ହୋଇଯିବ। ସେ ମୋତେ କେବେ ବି ହାତ ଛାଡି କରିନାହାନ୍ତି। ଏଥିପାଇଁ ମୁଁ ସର୍ବଦା କୃତଜ୍ଞ ରହିବି। ଆମେ ବର୍ତ୍ତମାନ ବିଭିନ୍ନ ପ୍ରୋଜେକ୍ଟରେ କାମ କରୁଛୁ । ମୁଁ ତାଙ୍କୁ ତାଙ୍କ ପ୍ରୋଜେକ୍ଟ ପାଇଁ ଶୁଭେଚ୍ଛା ଜଣାଉଛି ଏବଂ ମୁଁ ଜାଣେ ସେ ମୋର ସମର୍ଥନ କରନ୍ତି । ଫ୍ଲେୟାର ସେପ୍ଟେମ୍ବର ୨୦୧୮ରେ ବାର୍ଲୋଙ୍କୁ ବିବାହ କରିଥିଲେ । ବାର୍ଲୋ ଫ୍ଲେୟରଙ୍କ ପଞ୍ଚମ ପତ୍ନୀ। ପୂର୍ବରୁ ଲେସଲି ଗୁଡମ୍ୟାନ୍, ଏଲିଜାବେଥ୍ ହେରେଲ୍, ଟିଫନି ୱାନଡେମାର୍କ ଏବଂ ଜ୍ୟାକଲିନ୍ ବିମ୍ସଙ୍କୁ ବିବାହ କରିଥିଲେ। କୁସ୍ତିଯୋଦ୍ଧା ଭାବେ ଫ୍ଲେୟର ଶେଷ ମ୍ୟାଚ୍ ୨୦୨୨ରେ ଖେଳିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାପାନକୁ...

ଏବଂ ସାଂସ୍କୃତିକ ରପ୍ତାନି ଉପରେ ଆଧାରିତ। ଏହାବ୍ୟତୀତ ବହୁପକ୍ଷୀୟ କୂଟନୀତି ଏବଂ ସୁରକ୍ଷା ସହଯୋଗରେ ଭାରତର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଛି। ଆଲୋଚନାରେ ଭାରତର ଅଂଶଗ୍ରହଣ ଏବଂ କ୍ୱାଡ୍‌ରେ ଏହାର ନେତୃତ୍ୱ ଆନୁଷ୍ଠାନିକ ସାମରିକ ମେଣ୍ଟ ବାହାରେ ଥିଲେ ମଧ୍ୟ ଆଞ୍ଚଳିକ ନିରାପତ୍ତା ଗତିଶୀଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଅନୁମତି ଦେଇଛି।

## ଓଏଏସ୍ ସ୍ତରରେ...

ରାଉତଙ୍କୁ ଓକାକ୍ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଗୌରହରି ବେହେରାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନୂଆ ନିଯୁକ୍ତି ମିଳିଛି। କେନ୍ଦୁଝରର ପୂର୍ବତନ ଅତିରିକ୍ତ ଡିଏମ୍ ଯଦୁମଣି ମହାଲଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। କନ୍ଧମାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଥିବା ରତ୍ନାକର ସାହୁଙ୍କୁ ବାଲେଶ୍ୱର ଜିଲ୍ଲାର ଏଡିଏମ୍ ଭାବେ ବଦଳି କରାଯାଇଛି। ଯାଜପୁର ଜିଲ୍ଲା କଳିଙ୍ଗନଗରର ଏଡିଏମ୍ ଥିବା ଲଙ୍କେଶ୍ୱର ଅମାତଙ୍କୁ ଭଦ୍ରକ ଏଡିଏମ୍ ଭାବେ ବଦଳି କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇର ତହସିଲଦାର ଥିବା ଅଶୋକ କୁମାର ଗଡ଼ତିଆଙ୍କୁ ଅତିରିକ୍ତ ଅବକାରୀ କମିଶନର ଭାବେ କଟକକୁ ବଦଳି କରାଯାଇଛି।

ମୟୂରଭଞ୍ଜ ଏଡିଏମ୍ ଉଦୟ କୁମାର ମହାପାତ୍ରଙ୍କୁ ଅନୁଗୋଳ ଏଡିଏମ୍ ଭାବେ ବଦଳି କରାଯାଇଛି। ଦରିଦ୍ରଭଞ୍ଜ ଏମ୍ ଏମ୍ ପାତ୍ରଙ୍କୁ ବାଲେଶ୍ୱର-ମୟୂରଭଞ୍ଜ ମେଜର ସେଟେଲମେଣ୍ଟର ସେଟେଲମେଣ୍ଟ ଅଫିସର ଭାବେ ବାରିପଦାକୁ ବଦଳି କରାଯାଇଛି। ଭୁବନେଶ୍ୱର ସ୍ଥିତ ସିଡିଆଇ ଅଫିସରେ ଏସ୍ଆର (ଜେନେରାଲ) ଭାବେ କାର୍ଯ୍ୟ କରୁଥିବା ଦିପ୍ତୀରଞ୍ଜନ ବେହେରାଙ୍କୁ ପୂର୍ତ୍ତ ବିଭାଗ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଜଗତସିଂହପୁରର ପାରାଦୀପର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଭାବେ ବଦଳି କରାଯାଇଛି। ପାରାଦୀପରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରାଙ୍କୁ ଢେଙ୍କାନାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ବଦଳି କରାଯାଇଛି। ଓସେପାର ଯୁଗ୍ମ ନିର୍ଦ୍ଦେଶକ ଥିବା ସରୋଜ କୁମାର ବେହେରାଙ୍କୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ରାଇରଙ୍ଗପୁରର ପୂର୍ବତନ ସବ୍-କଲେକ୍ଟର ସରୋଜ କୁମାର ଦାଶଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଏହା ସହିତ ସେ ପୂର୍ବଭଳି ଓୟୁଆଇଡିଏଫ୍‌ର ଏଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। କେନ୍ଦୁଝର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ କଟକ ସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁକୁ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି।

ବଣାଇର ପୂର୍ବତନ ସବ୍-କଲେକ୍ଟର ସୂରଞ୍ଜନ କୁମାର ସାହୁଙ୍କୁ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ବଦଳି କରାଯାଇଛି। ପୂର୍ବତନ ଶ୍ରମ ଓ ଇଏସ୍ଆଇ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଶମ୍ଭୁନାଥ ନନ୍ଦିଙ୍କୁ କନ୍ଧମାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ନିଯୁକ୍ତ କରାଯାଇଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆର ପୂର୍ବତନ ସବ୍-କଲେକ୍ଟର ସଂଯୁକ୍ତା ମାଝୀଙ୍କୁ ରାୟଗଡ଼ା ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦୁଝରର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗଙ୍କୁ ଝାରସୁଗୁଡ଼ା ପିଡି (ଆର୍ ଆଣ୍ଡ ଆର) ଭାବେ ନିଯୁକ୍ତି ଦିଆଯାଇଛି।

ଢେଙ୍କାନାଳ ସବ୍-କଲେକ୍ଟର ସପନ କୁମାର ନନ୍ଦଙ୍କୁ ଯାଜପୁରର କଳିଙ୍ଗନଗର ଏଡିଏମ୍ କରାଯାଇଛି। ଓଡ଼ିଶା ଅର୍ବାନ ଇନଫ୍ରାଷ୍ଟ୍ରକ୍ଚର ଡେଭେଲପମେଣ୍ଟ ଫଣ୍ଡର ଏଓ ତଥା ଜାଗା ମିଶନ ଓଏସ୍‌ଡି ସଞ୍ଜୟ କୁମାର ରାଉତଙ୍କୁ ଓଡ଼ିଶା ଷ୍ଟେଟ ବେଭେରେଜ୍ କର୍ପୋରେସନ (ଓଏସ୍‌ବିସି)ର ମହାପ୍ରବନ୍ଧକ ଭାବେ ବଦଳି କରାଯାଇଛି। ବାଲେଶ୍ୱରର ଅତିରିକ୍ତ ସବ୍-କଲେକ୍ଟର ଶୁଭଶ୍ରୀ ରଥଙ୍କୁ ନୀଳଗିରି ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ତାଳଚେରର ପୂର୍ବତନ ସବ୍-କଲେକ୍ଟର ମନୋଜ କୁମାର ତ୍ରିପାଠୀଙ୍କୁ ପାରଳାଖେମୁଣ୍ଡି ଆଇଟିଡିଏର ପିଏ ଭାବେ ବଦଳି କରାଯାଇଛି। ବରଗଡ଼ ଜିଲ୍ଲା ପଦ୍ମପୁରର ପୂର୍ବତନ ସବ୍-କଲେକ୍ଟର ଆଲୋକ କୁମାର ପଟେଲଙ୍କୁ ବଲାଙ୍ଗିର ସବ୍-କଲେକ୍ଟର ଓ ପାରଳାଖେମୁଣ୍ଡି ଆଇଟିଡିଏର ପିଏ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ବେହେରାଙ୍କୁ ଅନୁଗୋଳ ଜିଲ୍ଲା ଆଠମଲ୍ଲିକର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି।

ଆଠଗଡ଼ର ପୂର୍ବତନ ସବ୍-କଲେକ୍ଟର ପ୍ରଶାନ୍ତ କୁମାର ତରାଇଙ୍କୁ ଜଗତସିଂହପୁର ସବ୍-କଲେକ୍ଟର ଭାବେ ନିଯୁକ୍ତି ମିଳିଛି। ଜୟପୁରର ପୂର୍ବତନ ସବ୍-କଲେକ୍ଟର ପ୍ରଭାତ କୁମାର ପରିଡ଼ାଙ୍କୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ପ୍ରସନ୍ନ କୁମାର ପଣ୍ଡାଙ୍କୁ ବରଗଡ଼ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ଜଗତସିଂହପୁର ଅତିରିକ୍ତ ସବ୍-କଲେକ୍ଟର ବିଭୂତି ଗଡ଼ନାଏକଙ୍କୁ ଢେଙ୍କାନାଳ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ବ୍ରହ୍ମପୁର ଅତିରିକ୍ତ ସବ୍-କଲେକ୍ଟର ଗୌରବମୟ ପ୍ରଧାନଙ୍କୁ ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ବାରିପଦା ଆଇଟିଡିଏ ପିଏ ଥିବା ପ୍ରଣୟ ରଞ୍ଜନ ବେହେରାଙ୍କୁ କେନ୍ଦୁଝର ପୌରପାଳିକାର କାର୍ଯ୍ୟନିବାହୀ ଅଧିକାରୀ ଭାବେ ବଦଳି କରାଯାଇଛି।

## ବିଜେଡି-ବିଜେପିକୁ...

ବିଧାନସଭାରେ କଂଗ୍ରେସର ୧୪ଜଣ ଏବଂ ୩ଜଣ ସ୍ୱାଧୀନ ବିଧାୟକ ରହିଛନ୍ତି । ଏଥି ସହିତ ରାତାରାତି ବିଜେଡିର ଅନେକ ସଦସ୍ୟ ଯାଇ ବିଜେପି ଟିକଟର ବିଧାୟକ ହୋଇଛନ୍ତି ଏବଂ ଏହି ଦଳବଳକାରୀଙ୍କ ମଧ୍ୟରୁ ଜଣକୁ ହେଲେ ବି ବିଜେପି ମନ୍ତ୍ରୀମଣ୍ଡଳରେ ନେଇ ନାହିଁ । ତେଣୁ ଦେବୀ ମିଶ୍ରଙ୍କ କଥାକୁ ବି ହାଲୁକା ଭାବେ ନେବା ବିଜେପି ପାଇଁ ଠିକ୍ ହେବନାହିଁ ବୋଲି ବିଜେପିର କିଛି ନେତା ମତ ଦେଉଛନ୍ତି । ଅନ୍ୟ ପକ୍ଷରେ ନିକଟରେ ବିଜେଡିର କିଛି ନେତା କଂଗ୍ରେସ ସହିତ ବସାଉଠା କରୁଥିବାବେଳେ ବିଜେଡି ସାଂସଦ ଖୋଲାମଞ୍ଚରେ କଂଗ୍ରେସ ସହାୟତା ନେଇ ବିଜେଡି କ୍ଷମତାକୁ ଫେରିପାରେ ବୋଲି କହିଥିଲେ । କିନ୍ତୁ ବିଜେଡି ପକ୍ଷରୁ ସିଧାସଳଖ ଭାବେ ଏପର୍ଯ୍ୟନ୍ତ କେହି ମୁହଁ ଖୋଲି ନଥିବାବେଳେ ଦେବୀ ମିଶ୍ର ଆଜି ଅତି ଶାଣିତ ସ୍ୱରରେ ବିଜେପି ସଦସ୍ୟ ଯୋଗାଯୋଗରେ ଥିବା କହିବା ପରେ ରାଜ୍ୟ ରାଜନୀତିରେ ହଲଚଲ ଆରମ୍ଭ ହୋଇଛି। ବିଜେଡିର ଦୁଇ ସାଂସଦ ଦଳ ଛାଡି ବିଜେପିରେ ଯୋଗ ଦେବାପରେ ବିଜେଡି ଆକ୍ରମଣାତ୍ମକ ମୁଦ୍ରାକୁ ଆସିଥିବାବେଳେ ଆଗାମୀ ଦିନରେ ଦେବୀ ଓ ସୁକାନ୍ତଙ୍କ ମନ୍ତବ୍ୟ କେଉଁ ରୂପ ନେବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

## ନିଜ ଚକ୍ରାନ୍ତରେ...

ଏହାପୂର୍ବରୁ ବିଜେଡି ନେତା ପ୍ରଦୀପ ମାଝୀ ବିଜେଡି ପରାଜୟ ପାଇଁ ୩ କାରଣକୁ ଦାୟୀ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା, ଦଳ ମଧ୍ୟରେ ଥିବା ଅନ୍ତଃକନ୍ଦଳ। ଖରାପ ନିର୍ବାଚନ ପରିଚାଳନାକୁ ସେ ପରାଜୟର ମୁଖ୍ୟ କାରଣ ବୋଲି ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ,ଗତ ନିର୍ବାଚନରେ ବିଜେଡିର ବଡ଼ ପରାଜୟ ପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କ ସହ ପ୍ରାୟତଃ ଆଲୋଚନା କରୁଛନ୍ତି। ଦଳର ପରାଜୟ ପାଇଁ ନେତାମାନେ ବିଭିନ୍ନ କାରଣକୁ ଦାୟୀ କରିଛନ୍ତି।

## ଗୋପାଳ...

ବାହାରିଥିଲା ପଥରଗାଡ଼ିଆ ସ୍ଥିତ ସୁନ୍ଦରପୁରକୁ। ନିକାଞ୍ଚନ ରାସ୍ତାରେ ରାତି ଅଧରେ ରୋଡ୍ ରୋମିଓଙ୍କ ଉତ୍ପାତ ନେଇ ହୋଇଥିଲା ସିନ ରିକ୍ରିଏସନ। ସାରା ଦେଶର ମାନଚିତ୍ରରେ ଓଡିଶା ପୋଲିସର ଛବି ଖରାପ କରିଛି ଭରତପୁର ପୋଲିସ। ରାଜ୍ୟ ସରକାରଙ୍କ ତ୍ୱରିତ୍ ଆକ୍ସନ ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ନିଦର୍ଦ୍ଦେଶ ଦିଆଯାଇଛି ସତ, ହେଲେ ପୁରା ଘଟଣାକ୍ରମରେ ଭୁଲ କାହାର ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ୫ ଜଣ ପୋଲିସଙ୍କୁ ନିଲମ୍ବିତ କରାଯାଇଛି। ବିଚାର ବିଭାଗ ତଦନ୍ତ ମଧ୍ୟ ଚାଲିଛି। ଜଷ୍ଟିସ ସିଆର ଦାସ କମିଟି ପ୍ରତେକ ଦିଗକୁ ନିରୀକ୍ଷଣ କରି ତଦନ୍ତ କରୁଛି। ଯିଏ ବି ଦୋଷୀ ତା' ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଜଷ୍ଟିସ ଦାସ।

## ଦ୍ୱିତୀୟ...

ମତଦାନ ଆପାତତଃ ଶାନ୍ତିପୂର୍ଣ୍ଣ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ୬ ଜିଲ୍ଲାର ୨୬ ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯାଇଛି। ପ୍ରାୟ ୨୫ ଲକ୍ଷ ୭୦ ହଜାର ମତଦାତା ବିଭିନ୍ନ ଦଳର ୨୩୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଭୋଟ ଗ୍ରହଣ ଚାଲିଥିବା ସମୟରେ ୧୬ ଜଣିଆ ବିଦେଶୀ ପ୍ରତିନିଧିମଣ୍ଡଳୀ ବିଭିନ୍ନ ବୁଥ୍‌କୁ ଯାଇ ଅନୁଧ୍ୟାନ କରିଛନ୍ତି। ରାଜ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପ ଆରମ୍ଭ ହେବା ପରେ ଯେତେଥର ନିର୍ବାଚନ ଅନୁଷ୍ଠିତ ହୋଇଥିଲା କୌଣସି ବିଦେଶୀ ପ୍ରତିନିଧି ଏହାକୁ ଅନୁଧ୍ୟାନ କରି ନ ଥିଲେ। ଏଥର ପ୍ରଥମଥର ମତଦାନ ପ୍ରକ୍ରିୟାର ସାକ୍ଷୀ ହୋଇଛନ୍ତି ବିଦେଶୀ ଟିମ୍। ହେଲେ ଏହାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସମାଲୋଚନା କରିଛନ୍ତି।

## ୨୭ରେ...

ବିଜେଡିର ସଂଗଠନ କଥା ବୁଝୁଥିଲେ ପ୍ରଣବ ପ୍ରକାଶ। ସବୁ ଜିଲ୍ଲାରେ ସେ ହିଁ ବୁଲି ବୁଲି ବିଜେଡିର ସଂଗଠନକୁ ମଜବୁତ କରିଥିଲେ। କିଛି ଜାଗାରେ ଅସନ୍ତୋଷକୁ ପ୍ରସମିତି ମଧ୍ୟ କରୁଥିଲେ। ନିର୍ବାଚନର ଫଳାଫଳ କଣ ହେଲା ତାହା ତ ଭିନ୍ନ କଥା। କିନ୍ତୁ ବିଜେଡିର ସଂଗଠନ କହିଲେ ପ୍ରଣବ ପ୍ରକାଶଙ୍କୁ ହିଁ ବୁଝାଏ। ସେହିଭଳି ସାମ୍ବାଦିକତାରୁ ରାଜନୀତିକୁ ଆସିଥିବା ମାନସ ମଙ୍ଗରାଜଙ୍କୁ ମଧ୍ୟ କୌଣସି କମିଟିରେ ସ୍ଥାନ ଦିଆନଯିବା ଚିନ୍ତାଜନକ ବୋଲି କିଛି ନେତା କହୁଛନ୍ତି। କାରଣ ନିର୍ବାଚନ ପରେ ବିଜେଡିର ମିଡିଆ ମ୍ୟାନେଜମେଣ୍ଟ ପୂରା ଶୂନ ହୋଇଯାଇଛି। ନିର୍ବାଚନ ପର୍ଯ୍ୟନ୍ତ ମାନସ ନିଜେ ଦଳର ମିଡିଆ କମିଟିରେ ଥିଲେ ଓ ସେ ହିଁ ସବୁ ମ୍ୟାନେଜ କରୁଥିଲେ। ତାଙ୍କ ବିନା ବିଜେଡିରେ ମିଡିଆରୁ ନିକଟରୁ ଦେଖିଥିବା ଆଉ କେହି ନେତା ନାହାଁନ୍ତି। କିନ୍ତୁ ତାଙ୍କୁ କୌଣସି କମିଟିରେ ସ୍ଥାନ ଦିଆନଯିବା ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି କହୁଯାଉଛି।

## ଆଜି ପହଞ୍ଚିବେ...

ବିଜେପିର ସଦସ୍ୟତା ଅଭିଯାନରେ ସାମିଲ କରିବା ସହ ତାଙ୍କ ସହିତ କରିବେ ଆଲୋଚନା। ପରବର୍ତ୍ତୀ ସମୟରେ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ପଦାଧିକାରୀ ବୈଠକରେ ଯୋଗ ଦେବେ। ଦିନ ୧୨. ୩୦ରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଧାୟକ, ମନ୍ତ୍ରୀ, ସାଂସଦ ଓ ରାଜ୍ୟ ପଦାଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି କହିଛନ୍ତି। ଓଡ଼ିଶାରେ ୧ କୋଟି ସଦସ୍ୟ ପାଇଁ ଲକ୍ଷ୍ୟ ରଖିଛି ବିଜେପି।

## ଯୁକ୍ତ୨ରେ...

କରିବାରେ ମଧ୍ୟ ସାହାଯ୍ୟ କରିବ। ଏତଦ୍‌ବ୍ୟତୀତ ଅଧ୍ୟକ୍ଷ ଓ ତଦାରଖ କର୍ତ୍ତୃପକ୍ଷ ନିୟମିତଭାବେ ଶିକ୍ଷକମାନଙ୍କଦ୍ୱାରା ଶେଷ ହୋଇଥିବା ପାଠ୍ୟକ୍ରମର ଅଗ୍ରଗତି ଓ ତଦାରଖ କରିପାରିବେ। ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ପାଇଁ ବିଭାଜିତ ପାଠ୍ୟକ୍ରମ ପ୍ରସ୍ତୁତ କରିବା ପୂର୍ବରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ବିଭିନ୍ନ ପାଠ୍ୟକ୍ରମ କମିଟିର ସଦସ୍ୟଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହାହେଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପାଠ୍ୟକ୍ରମରେ ଯେଉଁ ଛାତ୍ରଛାତ୍ରୀମାନେ ପାଠପଢୁଛନ୍ତି ସେମାନେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ନ ହେବାର ବହୁ ଆଶଙ୍କା ରହିଛି। ଛାତ୍ରଛାତ୍ରୀମାନଙ୍କର ଯେଉଁ କ୍ଷତି ହେବ ତାହାକୁ କିଏ ଭରଣା କରିବ ବୋଲି ପ୍ରଶ୍ନ ଉଠିବାରେ ଲାଗିଛି।

## ସପ୍ତାହକରେ...

ଦିବସରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ରାଜ୍ୟରେ ସୁଭଦ୍ର ଯୋଜନାର ଶୁଭାରମ୍ଭ ହୋଇଥିଲା। ନିଜ ଜନ୍ମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସି ୨୫ ଲକ୍ଷ ୧୧ଜଣ ହିତାଧିକାରୀଙ୍କୁ ବାଣ୍ଟିଥିଲେ ସୁଭଦ୍ରା ପ୍ରଥମ କିସ୍ତି। ଯେଉଁଥିରେ ଖର୍ଚ୍ଚ ହୋଇଛି ୧୨୫୦ କୋଟି ୫୫ ହଜାର ଟଙ୍କା।

## ସୁନ୍ଦରଗଡ଼ରେ ନର୍ସିଂ ଛାତ୍ରଛାତ୍ରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ସୁନ୍ଦରଗଡ, ୨୫।୯ (ସଂଚାର ବ୍ୟୁରୋ):** ଆଜି ସାରା ରାଜ୍ୟର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟରତ ନର୍ସିଂ ଛାତ୍ରଛାତ୍ରୀମାନେ ରାଜ୍ୟ ନର୍ସିଂ କର୍ମଚାରୀ ସଂଘର ଡାକରାରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଦେଖିବାକୁ ମିଳିଛି । ଏହି ଅବସରରେ ସୁନ୍ଦରଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନର୍ସିଂ ଛାତ୍ରଛାତ୍ରୀମାନେ ମେଡ଼ିକାଲର ମୁଖ୍ୟ ଫାଟକ ସାମ୍ନାରେ ୧୦ ଦଫା ଦାବି ନେଇ ଜରୁରୀ କାଳୀନ ସେବା ବ୍ୟତୀତ ଅନ୍ୟ କାର୍ଯ୍ୟ ବନ୍ଦ କରି ହାତରେ ପ୍ଲାଗ କାର୍ଡ ଧରି ସରକାରୀ ବିରୋଧୀ ନାରା ଦେଇ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ସରକାର ନର୍ସିଂ ଛାତ୍ରଛାତ୍ରୀ ମାନଙ୍କ ୧୦ ଦଫା ଦାବି ପୂରଣ ନ କରନ୍ତି ତା ହେଲେ ଆଜିଠୁ ୨୭ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ଧାରଣାରେ ବସିଥିବା ଛାତ୍ର ଛାତ୍ରୀମାନେ କହିଛନ୍ତି ।



### ବିପଦପୂର୍ଣ୍ଣ ଅବସ୍ଥାରେ ଖପ୍ରାଖୋଲ ବସ୍ତି ରାସ୍ତା
## ଖବର ପ୍ରକାଶ ସତ୍ତ୍ୱେ ପ୍ରଶାସନର ଦୃଷ୍ଟି ପଡୁନି

**ପାଟଣାଗଡ, ୨୫।୯ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ଗାଁ ଭିତର କୁ ଯାଉଥିବା ରାସ୍ତା ଯାହାକି ସ୍କୁଲ, କଲେଜ ଓ ଗାଁ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ତଥା ତହସିଲ କୁ ନିଜ ନିଜ ର ଅନୁସଙ୍ଗିକ କାମ ପାଇଁ ଆସିଥାନ୍ତି । ତା ଛଡା ଏହି ରାସ୍ତା ଦେଇ ସ୍କୁଲ କୁ ପଢିଆସୁଛନ୍ତି ଛାତ୍ରଛାତ୍ରୀ ହେଲେ ରାସ୍ତା କଂକ୍ରିଟ କରଣ ହୋଇ ଶେଷ ହୋଇ ଥିବା ଚାରି ଛକ ନିକଟସ୍ଥ ଜାଗାରେ ରାସ୍ତା କୁ ଉଚ୍ଚ କରି ଛାଡି ଦିଆଯାଇଛି । ଠିକ ଭାବରେ ଗଡାଣିଆ ହୋଇ ନଥିବା ରୁ ପିଚୁ ରାସ୍ତା ରୁ କଂକ୍ରିଟ ରାସ୍ତା ଉଚ୍ଚ ଥିବା ରୁ ଲୋକେ ହଠାତ ଆସି ଭରସାମ୍ୟ ହରାଇ ବସୁଛନ୍ତି ଯାହା ଦ୍ୱାରା ଅନେକ ସମୟ ରେ ଦୁର୍ଘଟଣା ମାନ ଘଟିବାର ସମ୍ଭାବନା ଦେଖା ଦେଉଛି ସେଥିପାଇଁ ରାସ୍ତା କୁ ଭଲ ଭାବରେ ଗଡାଣିଆ କରିବାକୁ ଜନସାଧାରଣ ଦାବି କରିଛନ୍ତି ।

# ସ୍ୱଚ୍ଛତା ହିଁ ସେବା-୨୦୨୪ ଅଭିଯାନରେ ଅଶ୍ୱିନୀ ବୈଷ୍ଣବ ସାମିଲ

**ନୂଆଦିଲ୍ଲୀ, ୨୫।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଦ୍ୱାରା ଆୟୋଜିତ ସ୍ୱଚ୍ଛତା ହିଁ ସେବା, ୨୦୨୪ ଅଭିଯାନର ଏକ ଅଂଶ ଭାବରେ ଏକାଧିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

ମନ୍ତ୍ରୀ ସୂଚନା ଭବନରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ ଯେଉଁଠାରେ ଅଂଶଗ୍ରହଣକାରୀମାନେ ସେମାନଙ୍କ ପ୍ରଭାବୀ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ




କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା 'ଏକ ପେଡ଼ ମା କେ ନାମ' ଅଭିଯାନର କ୍ରମରେ ଶ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱଚ୍ଛତା ଏବଂ ପରିବେଶ ସଂରକ୍ଷଣର ଦ୍ୱିତୀୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଏକ ବୃକ୍ଷରୋପଣ ଅଭିଯାନ ମଧ୍ୟ ଆରମ୍ଭ କରିଥିଲେ। ସେ କର୍ମଚାରୀମାନଙ୍କୁ ଚାରା ବଣ୍ଟନ କରିବା ସହ ପରିବେଶ ପ୍ରତି ବ୍ୟକ୍ତିଗତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏଲ୍ ମୁରୁଗାନ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଜାଜୁ, ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଗଣମାଧ୍ୟମ ମୁଖ୍ୟ ଏବଂ ବହୁ ସଂଖ୍ୟକ ଅଧିକାରୀ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୦୮ ତମ ବାର୍ଷିକ ଉତ୍ସବ

**ଖୋର୍ଦ୍ଧା, ୨୫।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୦୮ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତଙ୍କ ସଭାପତିତ୍ୱରେ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ରାୟ ସାହେବ ସତୀଶ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି ସଭାରେ ଖୋର୍ଦ୍ଧା, ନୟାଗଡ଼, ପୁରୀ ଜିଲ୍ଲାର ସମସ୍ତ ସମବାୟ ବିଭାଗର ଅଧିକାରୀ ଗଣ ଉପସ୍ଥିତ ଥିଲେ । ବ୍ୟାଙ୍କ ସହିତ ଅନୁବନ୍ଧିତ ସମିତିର ସଭାପତି, ପ୍ରତିନିଧି ଏବଂ ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ। ବ୍ୟାଙ୍କ ସଭାପତି ନିଜର ବ୍ୟାଙ୍କ ରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାମର ଚିଠା ଉପସ୍ଥାପନ କରିଥିଲେ ଓ ବାକି ରହିଯାଇଥିବା କାମକୁ ଅତି ଶୀଘ୍ର ସମାପନ କରାଯିବାପାଇଁ




ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାରଥୀ ଶତପଥୀ ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ କରିଥିଲେ । ନିର୍ଦ୍ଦେଶକ ପ୍ରକାଶ ରାଉତରାୟ, ବିପିନ ବିହାରୀ ପାତ୍ର ଓ ସୁଧାଂଶୁ ଶେଖର ବଡ଼ଜେନା ନିଜ ନିଜର ବକ୍ତବ୍ୟ ରଖିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ତଥା ଚାଷୀ ମାନଙ୍କୁ ମିଳୁଥିବା ସମସ୍ତ ସୁବିଧା କୁ କିପରି ପ୍ରାଥମିକ ସ୍ତରରେ ପହଁଚାଇବା ତାହା ଉପରେ ପୁରୀ ବିଭାଜନ ଯୁଗ୍ମ ନିବନ୍ଧକ ତଥା ଉପନିବନ୍ଧକ ସମବାୟ ସମିତି ସମୂହ ରୁଦ୍ରପ୍ରସାଦ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ । ସର୍ବଶେଷରେ ଜୟଶ୍ରୀ ଗଡ଼ନାୟକ ସଭାରେ ଉପସ୍ଥିତ ସମସ୍ତ ବ୍ୟାଙ୍କର ଅଂଶୀଦାର ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଜ୍ୟୋତିରଞ୍ଜନ ରାଉତରାୟ ସଭା ସଂଚାଳନା କରିଥିଲେ । ବ୍ୟାଙ୍କର ଏ. ଜି. ମ. ସନ୍ଦୀପ ପଟ୍ଟନାୟକ, ଅଜୟ କୁମାର ଦାସ, ତପନ କୁମାର ଚୌଧୁରୀ, ରଶ୍ମିତା ମଲିକ,ଦେବପ୍ରିୟା ମହାପାତ୍ର ଓ ଭବାନୀ ମୋହନ ସିହ୍ନା ସଭାକାର୍ଯ୍ୟରେ ସହଯୋଗ କରିଥିଲେ । ଏହି ସଭାରେ ପ୍ରାଥମିକ ସେବା ସମବାୟ ସମିତିର ରାଜ୍ୟସ୍ତରୀୟ କର୍ମକର୍ତ୍ତା ନିତ୍ୟାନନ୍ଦ ଦାସ ଓ ବିଶ୍ୱନାଥ ମହାରଣା ପ୍ରମୁଖ ସଭାକାର୍ଯ୍ୟରେ ସହଯୋଗ କରିଥିଲେ ।

### ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ
# ଗଙ୍ଗାହାର କୂଳବାସୀ ବନ୍ୟା ଆଶଙ୍କାରେ

**ବୈଶିଙ୍ଗା, ୨୫।୯ (ସଂଚାର ବ୍ୟୁରୋ):** ଏକ ସପ୍ତାହ ପୂର୍ବରୁ ଲଘୁଚାପ ପ୍ରଭାବରେ ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀରେ ବନ୍ୟା ଜଳ ନିଜର ଡେଣା ମେଲାଇଥିଲେ ମଧ୍ୟ ନଦୀ କୂଳବାସୀଙ୍କୁ କ୍ଷତି ପହଞ୍ଚାଇ ପାରି ନ ଥିଲା । ମାତ୍ର ଗତ ୨୩ ତାରିଖ ଠାରୁ ଲଘୁଚାପଜନିତ ଲଗାଣ ବର୍ଷାରେ ଗଂଗାହାର ନଦୀରେ ବନ୍ୟା ପାଣି ବୁଧବାର ସନ୍ଧ୍ୟା ସୁଦ୍ଧା ଆସିଥିବାର ଦେଖିବାକୁ ମିଳିଛି। ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଡୁମୁରିଆ, ଆଗରିଆ, ନୁଣୁକୁଆ, ଭୁରୁଡ଼ିଆ ଅପର ପାର୍ଶ୍ୱରେ ଭୀମଦା, ମଙ୍ଗଳପୁର, ଦୁର୍ଗାଦେବୀ, ଦେଖଣ୍ଡ ପ୍ରଭୃତି ଗ୍ରାମର ଶତାଧିକ ଲୋକଙ୍କୁ ଜଳବନ୍ଦୀ କରିବାର ଆଶା ଦେଖାଦେଇଛି। ତେବେ ଏଭଳି ସ୍ଥିତିରେ କଚ୍ଚା ଘରେ ଏବଂ ତଳିଆ ଅଂଚଳରେ ରହୁଥିବା ଲୋକମାନଙ୍କୁ ସ୍କୁଲଘର ଏବଂ ବାତ୍ୟା ଆଶ୍ରୟସ୍ଥଳୀଙ୍କୁ ସ୍ଥାନାନ୍ତରିତ କରାଯିବାର ଆବଶ୍ୟକତା ଜରୁରୀ ହୋଇ ପଡିଛି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଭୟ ଶୁଖିଲା ଏବଂ ରନ୍ଧାଖାଦ୍ୟ ଦିଆ ଯିବାର ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ପ୍ରକାଶ କରିଛନ୍ତି ।

ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଘନ ଘନ ଉକ୍ତ ଅଞ୍ଚଳକୁ ଗସ୍ତ କରି ସ୍ଥିତି ଉପରେ କଡା ନଜର ରଖିଥିବା ଜଣାଯାଇଛି। ଉକ୍ତ ଅଂଚଳଟି ବୈଶିଙ୍ଗା ଥାନା ଅଧୀନରେ ହୋଇଥିଲେ ବି ବଡସାହି ବ୍ଲକ ଅଧୀନରେ ହୋଇଥିବାରୁ ସ୍ଥାନୀୟ ବିଡ଼ିଓ ବନଜା ଦାସ ଖୋଦ ଘଟଣାସ୍ଥଳରେ ଉପସ୍ଥିତ ରହି ବନ୍ୟା ମୁକାବିଲା ନିମନ୍ତେ ପରିଚାଳନା ଦାୟୀତ୍ୱକୁ ତଦାରଖ କରୁଛନ୍ତି । ଏକ ସପ୍ତାହ ପୂର୍ବରୁ ବନ୍ୟା ଜଳ ପ୍ରବାହିତ ହୋଇ ଧୋଇ ଯାଇଥିବା ରାସ୍ତା ପୋଲ ସବୁର ଯୁଧ୍ୟକାଳୀନ ଭିତ୍ତିରେ ତୁରନ୍ତ ମରାମତି ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ସେହି ସମୟରେ ରାସ୍ତା ମରାମତି ହୋଇ ନଥିବା ବେଳେ ପୁଣି ଏକ ବନ୍ୟା ଆଶଙ୍କା କି ପ୍ରକାର ପ୍ରଭାବ ପକାଇବ ତାହା ଚିନ୍ତାର କାରଣ ପାଲଟିଛି । ସେହିଭଳି ବୁଢାବଳଙ୍ଗ ନଦୀର ଜଳରାଶି ମଧ୍ୟ ଫୁଲିବାରେ ଲାଗିଛି । ସନ୍ଧ୍ୟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତ ତଳେ ଥିଲେ ମଧ୍ୟ ଉପର ମୁଣ୍ଡାରେ ବର୍ଷାର ପରିମାଣ ଅଧିକ ଥିଲେ ଗୁରୁବାର ସକାଳ ବେଳକୁ ବନ୍ୟାର ପରିଭାଷା ଆକଳନ କରାଯାଇପାରିବ। ତେବେ ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବେଲାଣପୁରା ବାତ୍ୟା ଆଶ୍ରୟ ସ୍ଥଳୀରେ ଓଡ୍ରାଫ୍ ଟିମ୍ ସଜାର ଥିବାର ଦେଖାଯାଇଛି। ତଳି ଅଞ୍ଚଳର ଲୋକ ମାନଙ୍କୁ ଉଚ୍ଚ ସ୍ଥାନକୁ ଯିବା ପାଇଁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି ।

## ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ୨୫।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ସମୀର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଜି ଡାକ୍ତରଖାନା ପରିସର ସଫେଇ କରାଯାଇ ଥିଲା । ଉଲୁଣ୍ଡା ଯୁବ ମହାସଂଘର ସଭାପତି ମହେଶ ରଂଜନ ପୁରୋହିତଙ୍କ ସହ ମହାସଂଘର ସଦସ୍ୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରେ ପରେ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା ଏବଂ ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ଉପରେ ଆଲୋଚନା କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମଟି ଜନସ୍ୱାସ୍ଥ୍ୟ ସଂସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଯୋଜନା ଏବଂ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ପାରିଶ୍ରମିକ ପ୍ରଦାନ ପାଇଁ ବିଡିଓଙ୍କୁ ଦାବିପତ୍ର

**ସୁନ୍ଦରଗଡ, ୨୫।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ରେ କାର୍ଯ୍ୟରତ ଏମବିକେ, ସିଆରପି କୃଷୀମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ମାନେ ଆଜକୁ ୬ମାସ ହେଲା ପାରିଶ୍ରମିକ ସହିତ ଟିଏ ଡିଏ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାହା ଫଳରେ ପରିବାର ପ୍ରତିପୋଷଣ ସହ ବିଭିନ୍ନ ଋଣ ପରିଶୋଧ କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ମାସ ପୂର୍ବରୁ ଜିଲ୍ଲାପାଳ ,ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା ତେବେ ଆଜି ପୁଣି ପୁନର୍ବାର ବ୍ଲକ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ଏହାର ବିଚାର କରା ନଗଲେ ଆସନ୍ତା କାଲି ଠାରୁ ସମୂହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି କହିଛନ୍ତି ଜିପିଏଲଏଫ୍ ସଭାନେତ୍ରୀ ।

## ବ୍ଲକସ୍ତରୀୟ 'ମନରେଗା' ଜନ ଶୁଣାଣି

**ଭେଡେନ, ୨୫।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଫିସ ସଭାଗୃହ ରେ ବୁଧବାର ଦିନ ବ୍ଲକ ସ୍ତରୀୟ ଏମ ଜି ଏନ ଆର ଇ ଜି ଏ ଜନ ଶୁଣାଣି (୨୦୨୩/୨୪ ଆର୍ଥିକ ବର୍ଷ ଦ୍ୱିତୀୟାର୍ଦ୍ଧ) ଅନୁଷ୍ଠିତ ହୋଇଛି। ବରଗଡ଼ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ମଲିକଙ୍କ ସଭାପତିତ୍ୱରେ ହୋଇଥିନା ଏହି କାର୍ଯ୍ୟକ୍ରମ ରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ବିଡିଓ ତ୍ରିପୁରା ମହାନନ୍ଦ, ଏ ବି ଡି ଓ ପ୍ରିତିଶ ଦୋରା ଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ତଥା ହିତାଧିକାରୀ ମାନେ ଉପସ୍ଥିତ ଥିଲେ । ବ୍ଲକ ସାମାଜିକ ସମୀକ୍ଷକ ସୁନୀଲ କୁମାର ଦାସ ବ୍ଲକ ର ସମସ୍ତ କାର୍ଯ୍ୟ ର ପଂଚାୟତ ୱାରୀ ବିବରଣୀ ଉପସ୍ଥାପନା କରିଥିଲେ ।

# ସାମ୍ବାଦିକ ସଂଘ ସମାବେଶକୁ ଆସିବେ ମୁଖ୍ୟମନ୍ତ୍ରୀ

**ଉଦଳା, ୨୫।୯ (ସଂଚାର ବ୍ୟୁରୋ):**ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହିତ ଉକ୍ତ ଦିନ ହିଁ ଉଦଳାରେ ଅନେକ ନୂତନ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଜି ଉଦଳା ଠାରେ ଆୟୋଜିତ ହୋଇଥିବା ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ତୃତୀୟ ସାଧାରଣ ପରିଷଦ ବୈଠକରେ ମିଳିଛି ସୂଚନା। ଉଦଳା ସିପ୍ରନ ଇନ ହୋଟେଲରେ ଆଜି ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ତୃତୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ସମ୍ମାନିତ ଅତିଥି ଉଦଳା ଏନଏସି ନଗରପାଳ ପ୍ରମିଳା ପଣ୍ଡା, ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନି, ରଂଜିତ କୁମାର ସାହୁ, ସୌରଭ ପଟ୍ଟନାୟକ, ବରିଷ୍ଠ ନେତା ବିଭୁତି ମହାନ୍ତ ପ୍ରମୁଖ ମଂଚାସୀନ ହୋଇଥିଲେ। ସାମ୍ବାଦିକ ଅରୁଣ କୁମାର ଓ ତାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମଢେଇ ନିଜର ବକ୍ତବ୍ୟ ସମୟରେ ଗଣତନ୍ତ୍ରର ୩



ସ୍ତମ୍ଭ ପାଇଁ ସମସ୍ତ ସୁବିଧା ସୁଯୋଗ ଥିଲେ ଚତୁର୍ଥ ସ୍ତମ୍ଭ ଅବହେଳିତ ଅବସ୍ଥାରେ, ତେଣୁ ଖୁବ ଶୀଘ୍ର ରାଜ୍ୟ ସରକାର ସାମ୍ବାଦିକଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଘୋଷଣା କରିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେବାକୁ ଥିବା ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଯୋଗ ଦେବେ ଏବଂ ଉକ୍ତ ଦିନ ଉଦଳା ଅଞ୍ଚଳରେ ଅନେକ ନୂଆ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ବିଧାୟକ। ସମ୍ମାନିତ ଅତିଥି ଶ୍ରୀମତୀ ପଣ୍ଡା ସାମ୍ବାଦିକତା ଭଳି ସେବାକୁ ଆଦରି ଥିବା ବନ୍ଧୁମାନଙ୍କ ବାର୍ଷିକ ଉତ୍ସବ ବୈଠକରେ ସାମିଲ ହେବା ଗର୍ବର କଥା ବୋଲି କହିଥିଲେ। ଏହା ପରେ ଅନ୍ୟ ଅତିଥିମାନେ ନିଜର ମତ ରଖିବା ପରେ ବୈଠକକୁ ଶେଷ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ସନ୍ତୋଷ ବାଛିନି ସଂଯୋଜନା କରିଥିବା ବେଳେ ସାମ୍ବାଦିକ ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ସଂଘର ସଦସ୍ୟ ମାନଙ୍କୁ ନେଇ ହୋଇଥିଲା ବୈଠକ। ଉକ୍ତ ବୈଠକରେ ଆଗାମୀ ବାର୍ଷିକ ଉତ୍ସବ ପାଳନ ନେଇ ବିଭିନ୍ନ ସବ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ସଦସ୍ୟମାନେ କମିଟି ଅନୁସାରେ କାର୍ଯ୍ୟ କରିବା ସହିତ ଆଗାମୀ ବାର୍ଷିକ ଉତ୍ସବ କୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପରିଷଦ ବୈଠକରେ ମୟୁରଭଞ୍ଜ ଜିଲ୍ଲାର ବାରିପଦା, ବାଙ୍ଗିରିପୋଷି, ରାଇରଙ୍ଗପୁର, ଖୁଣ୍ଟା, ଗୋପବନ୍ଧୁ ନଗର, ଉଦଳା, କରଞ୍ଜିଆ ସମେତ ଜିଲ୍ଲାର ସମସ୍ତ ଅଞ୍ଚଳର ସାମ୍ବାଦିକ ଯୋଗଦେଇଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନାରେ ଜଗବନ୍ଧୁ ପ୍ରଧାନ, ସୁଶାନ୍ତ ମହାନ୍ତି, ତପନ କୁମାର ସେଠି, ଶ୍ୱେତ ସୁନ୍ଦର ମଲ୍ଲିକ , ଅଭିଜିତ ବିଶ୍ୱାଳ ,ଦିପକ କୁମାର ପାଣିଗ୍ରାହୀ, ଶ୍ରୀକାନ୍ତ ନାଏକ ଏବଂ ଅନ୍ୟ ସାମ୍ବାଦିକମାନେ ସହଯୋଗ କରିଥିଲେ।

## ପଣ୍ଡିତ୍ ଦିନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା, ୨୫।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ବିଶିଷ୍ଟ ଚିନ୍ତା ନାୟକ, ପ୍ରଖରରାଷ୍ଟ୍ର ଭକ୍ତ ଏକାତ୍ମ ମାନବ ବାଦ ଓ ଅନ୍ତଦ୍ୱୟ ଦର୍ଶନର ପ୍ରଣେତା, ଭାରତୀୟ ଜନ ସଂଘର ପ୍ରତିଷ୍ଠାତା, ଦିନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ମହିରାଣୀ ମନ୍ଦିରେ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଜେପି ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ ଅଧ୍ୟକ୍ଷତା କରିଥିବା ବେଳେ ପଞ୍ଚାୟତ ସଭାପତି ପୁରୁଷୋତମ ଦାଶ, ହରେକୃଷ୍ଣ ରାୟ, ଯୁବନେତା ବଳରାମ ବେହେରା, ଜ୍ଞାନ ରଞ୍ଜନ ପ୍ରଧାନ, ସୌମ୍ୟ ରଞ୍ଜନ ଦାସ, ରବି ନାୟାରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଦିନ ଦୟାଲ ଉପାଧ୍ୟାୟଙ୍କ ତ୍ୟାଗପୁତ ଜୀବନୀ ଦେଶ ପ୍ରତି ବଳିଷ୍ଠ ଅବଦାନ ତଥା ଭାରତୀୟ ଜନସଂଘ ଓ ପରବର୍ତ୍ତୀ ଭାରତୀୟ ଜନତା ପାର୍ଟିର ସଂଗଠନର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁକାନ୍ତ ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡା, ଜଗନ୍ନାଥ ପଣ୍ଡା, ବାବାଜୀ ସାହୁ, ବାବାଜୀ ବେହେରା, ସଞ୍ଜୟ ପାତ୍ର, ଭଗବାନ ମଲିକ, ଭଞ୍ଜକିଶୋର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ନୟାଗଡ଼ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ
## ଜୈବିକ କୃଷି, ପାନୀୟଜଳ ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଲେ ଅରୁଣ

**ନୟାଗଡ଼, ୨୫।୯ (ସଂଚାର ବ୍ୟୁରୋ):** ନୟାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ନୟାଗଡ଼ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି । ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ସଭ୍ୟ ସରୋଜ ରଣସିଂ, ସୁବାଷ ଚନ୍ଦ୍ର କଅଁର, କ୍ଷୀରୋଦ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ପ୍ରତିନିଧି ତାପସ ମାର୍ଥା ଏହି ବୈଠକରେ ପ୍ରଥମ କରି ଯୋଗ ଦେଇଥିଲେ । ଆଜିର ବୈଠକରେ ପୂର୍ବ ବୈଠକର ଆଲୋଚନାକୁ ଦୃଢ଼ି କରଣ କରାଯାଇଥିଲା । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଜୈବିକ କୃଷି, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଉଦ୍ୟାନ କୃଷି ଉପରେ ଗୁରୁତ୍ୱ ଦେଇଥିଲେ । ସେହିପରି ଭାବେ ଶିକ୍ଷା ବିଭାଗ କୌଣସି ଅଧିକାରୀ ଉପସ୍ଥିତ ନଥିଲେ ଯାହାକୁ ଗୃହରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବ୍ଲକ ଯୋଗାଣ ଅଧିକାରୀ ବର୍ଷି ଥିଲେ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା, ସେହିପରି ପଞ୍ଚାୟତ ଗୁଡିକରେ ଆଲୋକୀ କରଣ ବ୍ୟବସ୍ଥା ଫେଲ ହୋଇଥିବା




ବେଳେ ପାନୀୟ ଜଳ ଯୋଗାଣକୁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ । ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସଠିକ ଭାବେ ଭତ୍ତା ଟଙ୍କା ଆସୁନଥିବା ଯୋଗୁଁ ମଧ୍ୟ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଅସନ୍ତୋଷ ପ୍ରକାଶ ପାଇଥିଲା । ଏମିତିକି ଗୃହରେ ୮୦ବର୍ଷରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତିମାନଙ୍କୁ କେବେ ଠାରୁ ୩୫୦୦ଟଙ୍କା ମିଳିବ ବୋଲି ସରପଞ୍ଚ ପ୍ରଶ୍ନ କରିଥିଲେ । ତେବେ ସାମାଜିକ ସୁରକ୍ଷା ବିଭାଗ ଜାଣିନଥିବା କହୁଥିବା ବେଳେ ଏଥିପ୍ରତି ବ୍ଲକ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଓ ସାଂସଦଙ୍କ ପ୍ରତିନିଧି ସରକାରଙ୍କୁ ଜଣାଇବା ପାଇଁ ଦାବି କରିଥିଲେ ।

# ଜୟପାଟଣାରୁ ୩ ଡକାୟତ ଗିରଫ

**କଳାହାଣ୍ଡି, ୨୫।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଞ୍ଚଳରେ ନବରଙ୍ଗପୁର ଜିଲ୍ଲା ମୈଦଲପୁର ଗାଁ ର ପାଞ୍ଚ ଜଣ ଡକାୟତି ଦଳ ଦୁଇଟି ବାଇକ ଯୋଗେ ଆସି ଲୋକଙ୍କ ଠାରୁ ମୋବାଇଲ ଲୁଟପାଟ କରୁଥିବା ବେଳେ ଗ୍ରାମବାସୀ ତିନି ଜଣ ଡକାୟତଙ୍କୁ କାବୁ କରିଥିବା ବେଳେ ଜୟପାଟଣା ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ତେବେ ଆଜି ତିନି ଜଣ ଡକାୟତ କୁ କୋର୍ଟ ଚାଲାଣ କରାଯାଇଛି। ଡକାୟତମାନେ ମୈଦଲପୁର ଗାଁ ର ଉମେଶ ନାଏକ(୧୯),ଭବାନିଶଙ୍କର ନାଏକ(୧୯) ଓ କିଶୋର ହରିଜନ(୨୪) ହୋଇଥିବା ବେଳେ ଆଉ ଦୁଇ ଜଣ ଫେରାର ମାରିଛନ୍ତି। ଏମାନେ ନବରଙ୍ଗପୁର ରୁ ପାବଲୀ ଘାଟି ଦେଇ ଆସି ପ୍ରଥମେ ସର୍ଗିଗୁଡା ଗ୍ରାମର ଦେବାର୍ଜନ ମାଝୀଙ୍କ ଠାରୁ ରିଏଲମୀ ମୋବାଇଲ ଛଡାଇ ନେଇଥିବା ବେଳେ ପରେ ପାଣ୍ଡରିପଖାନ ଗାଁର ଭରତ ନାଏକଙ୍କ ରିଏଲମୀ ସେଭେନ ମୋବାଇଲ ଛଡାଇ ନେଇ ଉଛୁଳା ନୂଆଗୁଡା ଗାଁକୁ ଯାଉଥିଲେ। ଲୋକେ ତାଙ୍କୁ ପିଛା କରି ନୂଆଗୁଡା ଛକ ନିକଟରେ କାବୁ କରି ଜୟପାଟଣା ପୋଲିସ କୁ ଖବର ଦେଇଥିଲେ। ପୁଲିସ ଯୁବକ ମାନଙ୍କୁ ଉଦ୍ଧାର କରିବା ସହ ତଦନ୍ତ କରି ଏମାନେ ଦୁଇଟି ବାଇକ ଯୋଗେ ପାଞ୍ଚ ଜଣ ଆସି ଏକ ବଡ଼ ଡକାୟତି ଯୋଜନା ଥିବା ପୋଲିସ ଜାଣିବାକୁ ପାଇଥିଲେ। ତାଙ୍କ ଠାରୁ ଏକ ମାରଣାସ୍ତ୍ର ଜବତ କରାଯାଇଛି।ଏ ନେଇ ଜୟପାଟଣା ଥାନାରେ ୨୩୫/୨୪ ରେ ଡକାୟତି ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ମାନଙ୍କ ନାମରେ ୩୧୦(୨)ଧାରା ଲାଗୁ କରାଯାଇଛି।



# ଗୋଟିଏ ବି ଗଛ ଲାଗିନି, ଉଠିଛି ଲକ୍ଷାଧିକ ଟଙ୍କା
### ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ସାଜିଛି ନିଦା ବିଷ୍ଣୁ

**ପାଟଣାଗଡ, ୨୫।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓ ପଞ୍ଚାୟତରେ ମନରେଗା ଯୋଜନାରେ ବୃକ୍ଷରୋପଣ ନାଁରେ ବ୍ୟାପକ ଦୁର୍ନୀତି ହେଉଛି । ଖପ୍ରାଖୋଲ ପଞ୍ଚାୟତର କୁର୍ଲୁମାଲରେ ଆମ୍ବ ଚାରା, ଗୌଚର ବୃକ୍ଷରୋପଣ, କୁର୍ଲୁମାଲ ରୁ ମହୁରୁଣ୍ଡି ବୃକ୍ଷରୋପଣ ନାଁରେ ଟଙ୍କା ଉଠାଣ ହୋଇଛି। ହେଲେ ଗୋଟିଏ ବି ଗଛ ଲାଗିନି । କେବଳ ଏତିକି ନୁହେଁ ଆଉ ଏକ ଦୁର୍ନୀତି ଏବେ ସାମ୍ନାକୁ ଆସିଛି । କର୍ଲାକୁଟୁନା ସ୍କୁଲରୁ ଡେମ ପରିସରରେ ମଧ୍ୟ ବୃକ୍ଷରୋପଣ ନାଁରେ ଆତ୍ମସାତ କରାଯାଇଛି । ଗୋଟିଏ ବି ଗଛ ନଲଗାଇ କିପରି ସରକାରୀ ଅର୍ଥ ତୋଷରପାତ କରାଗଲା, ବାରମ୍ବାର ଗୋଟିଏ ପ୍ରକାରରେ ଯୋଜନା ପ୍ରସ୍ତୁତ କରି ଅର୍ଥ ବାଟମାରଣା କରାଯାଇଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଜାଣିନପାରିବା ବିସ୍ମିତ କରିଛି ।

ଅପରପକ୍ଷେ ଏସବୁ କାର୍ଯ୍ୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟ ସଂପୃକ୍ତି ରହିଥିବା ଅଭିଯୋଗ ଉଠିଛି । ପ୍ରାପ୍ତ ତଥ୍ୟ ମୁତାବକ ୨୦୨୦ - ୨୦୨୧ ଆର୍ଥିକ ବର୍ଷରେ ଖପ୍ରାଖୋଲ ପଞ୍ଚାୟତ ପରିସରରେ ଆମ୍ବ ବଗିଚା ପାଇଁ ମନରେଗା ଯୋଜନାରେ ଅର୍ଥ ମଞ୍ଜୁର ହୋଇଥିଲା । ଏ ସବୁ ଗଛ ଖପ୍ରାଖୋଲ, ମହୁରୁଣ୍ଡି, କୁର୍ଲୁମାଲ, କର୍ଲାକୁଟୁନା ରେ ଲଗାଯିବାର ଯୋଜନା ଥିଲା । ତେବେ ଏଠାରେ ଗୋଟିଏ ବି ରାସ୍ତା କଡ଼ ରେ ବୃକ୍ଷରୋପଣ କି ଆମ୍ବ ଗଛ ଚାରା ରୋପଣ କରାଯାଉନି । କାଗଜକଲମରେ ଏଠାରେ ବୃକ୍ଷରୋପଣ କରାଯାଇଥିବା ଦର୍ଶାଯାଇଛି । ପୁଣି ଏଥିରେ ଶ୍ରମିକ ମଧ୍ୟ ନିୟୋଜିତ ହୋଇଛନ୍ତି । ରାସ୍ତା କଡ଼ରେ ବୃକ୍ଷରୋପଣ ଓ ଆମ୍ବ ଗଛର ରକ୍ଷାଣବେକ୍ଷାଣ ବାବଦରେ ମଧ୍ୟ ଟଙ୍କା ଖର୍ଚ୍ଚ ହେଉଛି । ଏ ସବୁ ବାବଦ ଅର୍ଥରାଶି ଭେଣ୍ଡରଙ୍କ ନାମରେ ପଡ଼ିଥିବା ଅଭିଯୋଗ ହେଉଛି । ରାସ୍ତା କଡ଼ରେ ବୃକ୍ଷରୋପଣ ଓ ଆମ୍ବ ଚାରା ରୋପଣ ନକରି କିପରି ଟଙ୍କା ଉଠାଣ ହେଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ଏସବୁ ଅନିୟମିତତା ପଛରେ ଏକ ବଡ଼ ଘୋଟାଲା କାର୍ଯ୍ୟ କରୁଥିବା ସନ୍ଦେହ ହେଉଛି । ଏଣୁ ଜିଲ୍ଲା ପ୍ରଶାସନ ଏହାର ବିଧିବଦ୍ଧ ଓ ଏକ ସ୍ୱତନ୍ତ୍ର ଟିମ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### କେନ୍ଦୁଝର ଟ୍ରକମାଲିକ ସଂଘ ନିର୍ବାଚନ
# ଭୋଜିଭାତରେ ଚାଲିଛି ପ୍ରଚାର

**ଆନନ୍ଦପୁର, ୨୫।୯ (ସଂଚାର ବ୍ୟୁରୋ):** ରାଜ୍ୟର ସବୁଠାରୁ ବିତ୍ତଶାଳି ସଂଘ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ଆନନ୍ଦପୁରରେ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି। ଚଳିତମାସ ୨୮ରେ ନିର୍ବାଚନ ହେବାକୁ ଥିବାବେଳେ ପ୍ରାର୍ଥୀମାନେ ଘରକୁଘର ବୁଲି ଟ୍ରକମାଲିକମାନଙ୍କୁ ଭେଟୁଥିବା ପରିଲକ୍ଷିତ ହୋଇଛି। ଏପଟେ ଭୋଟଗ୍ରହଣକୁ ଆଉ ମାତ୍ର ଦୁଇଦିନ ରହିଥିବାବେଳେ ଟ୍ରକମାଲିକଙ୍କୁ ମନାଇବା ପାଇଁ ଭୋଜିଭାତର ଆସରରେ ମାଲିକମାନେ ସାମିଲ ହେଉଛନ୍ତି।

ଆନନ୍ଦପୁର ଉପଖଣ୍ଡ ଘସିପୁରା ଜୋନର ୫ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦପାଇଁ ମୋଟ୍ ୧୯ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଭଗବାନ ସାହୁ, ନିକୁଞ୍ଜ ବିହାରୀ ମିଶ୍ର, ଜିଲ୍ଲା ବିଜେଡ଼ି ସମ୍ପାଦକ ମନୋରଂଜନ ସାହୁ, ଅର୍ଜିତ୍ କୁମାର ପୃଷ୍ଟି, ଅନିରୁଦ୍ଧ ସାହୁ, ଭରତ କୁମାର ମିଶ୍ର, ବିକାଶ କୁମାର ଜେନା, ବିନୋଦ ବିହାରୀ ସାହୁ, ବିପିନ୍ ବିହାରୀ ଜେନା, ଦୁର୍ଗେଶ କୁମାର ମିଶ୍ର, ଗୋପବନ୍ଧୁ ସାହୁ, କ୍ଷୀରୋଦ କୁମାର ସାହୁ, କୂଳମଣି ସାହୁ, ପରେଶ କୁମାର ସେଠୀ, ପ୍ରଦୀପ କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ପୂର୍ଣଚନ୍ଦ୍ର ସାହୁ, ପ୍ୟାରୀମୋହନ ବାରିକ୍, ସୌମ୍ୟପ୍ରକାଶ ମହାପାତ୍ର ପ୍ରମୁଖ ରହିଛନ୍ତି। ୭ଥର କାର୍ଯ୍ୟନିର୍ବାହୀ ସଦସ୍ୟ ଓ ଥରେ ଉପସଭାପତି ରହିଥିବା ବରିଷ୍ଠ ସଦସ୍ୟ ଭଗବାନ ସାହୁ ନିଜର ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଆଜି ନିଜର ସମର୍ଥକଙ୍କ ଗହଣରେ ଭଣ୍ଡାରିଡ଼ିହା, ପଦନପୁର, ତରୀମୂଳ, ନରସିଂହପୁର ଅଞ୍ଚଳରେ ଗାଡିମାଲିକଙ୍କୁ ଭେଟି ପ୍ରଚାର କରିଛନ୍ତି। ସଂଘରେ ଅବହେଳିତ ମାଲିକଙ୍କୁ ନ୍ୟାୟ ପ୍ରଦାନ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ଦାବିଦାର ପ୍ରାର୍ଥୀ ମନୋରଞ୍ଜନ ସାହୁ ମଧ୍ୟ ନିଜର ପ୍ରଚାର ଜୋରଦାର କରିଛନ୍ତି। ସେ ଆଜି ଦେଓଗାଁ, କେଶଦୁରାପାଳ, ଦରଡିପାଳ ଅଞ୍ଚଳରେ ମାଲିକମାନଙ୍କୁ ଭେଟି ପ୍ରଚାର କରିଛନ୍ତି। ବରିଷ୍ଠ ସଦସ୍ୟ ନିକୁଞ୍ଜ ବିହାରୀ ମିଶ୍ର ମଧ୍ୟ ଆଜି ବେଲବାହାଳି; ଆନନ୍ଦପୁର, ଘସିପୁରା ଅଞ୍ଚଳରେ ନିଜର ପ୍ରଚାର କରିଛନ୍ତି। ଖାଲିଆମେଣ୍ଟା ଗ୍ରାମର ଯୁବପ୍ରାର୍ଥୀ ବିକାଶ କୁମାର ଜେନା ଏଥର ବିଜୟୀ ହେବାପାଇଁ ପଚାରକୁ ଦିନରାତି କରି ଦେଇଛନ୍ତି। ଇବିମେମ୍ବର ପ୍ରାର୍ଥୀ ପ୍ୟାରୀମୋହନ ବାରିକ୍'ଘସିପୁରାରେ ଟ୍ରକମାଲିକମାନଙ୍କୁ ଭେଟି ପ୍ରଚାର କରି ଭୋଟ ମାଗିଛନ୍ତି। ଏପଟେ ଦୀର୍ଘ ଚାରିବର୍ଷ ହେଲା ଗାଡିମାଲିକମାନେ ବିଭିନ୍ନ ସମସ୍ୟାରେ ସନ୍ତୁଳି ହୋଇ ଅସନ୍ତୋଷରେ ରହିଆସିଥିବା ଟ୍ରକମାଲିକମାନେ ଚଳିତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବାନେଇ ମତ ରଖିଛନ୍ତି। ସଂଘ ନିର୍ବାଚନରେ ବିଭିନ୍ନ ରାଜନୈତିକଦଳର ନେତା ଓ ବିଧାୟକମାନେ ମୁଣ୍ଡ ଖେଳାଉଥିବାରୁ ଏହା ସେମାନଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

# ମହାଲକ୍ଷ୍ମୀଙ୍କୁ ୫୯ ଖଣ୍ଡ କରିଥିବା ଅଭିଯୁକ୍ତର ଆତ୍ମହତ୍ୟା



ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ): ଓଡ଼ିଶାରେ ଲୁଚିଛି ବେଙ୍ଗାଲୁରୁରେ ଜଣେ ମହିଳାଙ୍କୁ ୫୯ ଖଣ୍ଡକରିଥିବା ମଖ୍ୟ ଅଭିଯୁକ୍ତଜନ ପ୍ରତାପରାୟ ବୁଧବାର ରାତିରେ ଧୁଷୁରୀ ଅଞ୍ଚଳରେ ଆତ୍ମହତ୍ୟା କରିଛି । ତା ଶବ ନିକଟରୁ ସୁଇସାଇଟ ନୋଟ ଜବତ ହୋଇଛି। ବେଙ୍ଗାଲୁରୁ ପୁଲିସ୍ ଘଟଣାର ତନାଘନା କରୁଥିବାରୁ ଅଭିଯୁକ୍ତ ଜଣଙ୍କ ସେଠାରୁ ଓଡ଼ିଶା ଚାଲି ଆସିଛି।

ଏକଥା ଜଣାପଡ଼ିବା ପରେ ଘଟଣାର ତଦନ୍ତ କରୁଥିବା କର୍ଣ୍ଣାଟକା ପୁଲିସ୍‌ର ସ୍ୱତନ୍ତ୍ର ଟିମ ଓଡ଼ିଶା ଅଭିମୁଖେ ଆସୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ କର୍ଣ୍ଣାଟକାର ଗୃହ ମନ୍ତ୍ରୀ ଜି ପରମେଶ୍ୱର ସୂଚନା ଦେଇଛନ୍ତି। ଓଡ଼ିଶାରେ ଲୁଚି ଥିବା ସନ୍ଦିଗ୍ଧ ଅଭିଯୁକ୍ତ ଜଣଙ୍କ ବେଙ୍ଗାଲୁରୁର ଭୟାଲିକାବାଲ ଠାରେ ଜଣେ ଜଣେ ୨୯ ବର୍ଷୀୟ ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ୫୯ ଖଣ୍ଡ କରି ଫ୍ରିଜ ମଧ୍ୟରେ ରଖି ଫେରାର ହୋଇଯାଇଛି। ଘଟଣାକୁ ନେଇ କର୍ଣ୍ଣାଟକା ସମେତ ପୂରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏସବୁ ଭିତରେ ମନ୍ତ୍ରୀ ଜି ପରମେଶ୍ୱର କହିଛନ୍ତି, "ଆମେ ଏହି ମାମଲାକୁ ବେଶ ଗୁରୁତ୍ୱର ସହ ନେଇଛୁ। ହତ୍ୟା ଘଟଣା ପୂରା ବେଙ୍ଗାଲୁରୁକୁ ଦୋହଲାଇ ଦେଇଛି। ହତ୍ୟା ଅଭିଯୁକ୍ତକୁ ପୁଲିସ୍ ଓଡ଼ିଶାରେ ଠାବ କରି ସାରିଛି। ସେ ଅପରାଧ ଘଟାଇଥିବା ପ୍ରମାଣ ଏକାଠି କରାଯାଉଛି। ଅଭିଯୁକ୍ତକୁ ଧରିବାକୁ ପୁଲିସ୍ ୩ରୁ ୪ଟି ଟିମ ପଠାଇଛି।

ଅଭିଯୁକ୍ତ ଜଣଙ୍କ ନିୟମିତ ସ୍ଥାନ ବଦଳାଉ ଥିବାରୁ, ତା' ଉପରେ ମଧ୍ୟ ନଜର ରହିଛି। ଶେଷ ଖବର ଅନୁସାରେ ସେ ଓଡ଼ିଶାରେ ହିଁ ରହିଥିବା ସ୍ପଷ୍ଟ ହୋଇଛି। ତା'କୁ ଧରିବା ପରେ ଆମେ ଅଧିକ ସୂଚନା ପାଇ ପାରିବୁ। ୨ରୁ ୩ ଜଣ ଲୋକଙ୍କୁ ପୁଲିସ୍ ହେପାଜତକୁ ନେଇଛି। କିନ୍ତୁ ମିଳିଥିବା ପ୍ରମାଣ ଓ ସୂଚନା ଅନୁସାରେ ଓଡ଼ିଶା ଲୁଚିଥିବା ଯୁବକ ଜଣଙ୍କ ଏହି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ତେଣୁ ତା'କୁ ଧରିବାକୁ ଟିମ ଯାଇଛି।"

ଶନିବାର ୨୯ ବର୍ଷୀୟ ମହାଲକ୍ଷ୍ମୀଙ୍କ ଅଧା ପୋଚି ଯାଇଥିବା ଖଣ୍ଡବିଖଣ୍ଡିତ ମୃତଦେହକୁ ସେ ରହୁଥିବା ଆପାର୍ଟମେଣ୍ଟ ରୁମର ଫ୍ରିଜରୁ ଠାବ କରାଯାଇଥିଲା। ମହାଲକ୍ଷ୍ମୀ ବିବାହିତ ହୋଇଥିଲେ ହେଁ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ଏକାକୀ ରହୁଥିଲେ। ଏହି ସମୟରେ ଜଣେ ଯୁବକଙ୍କ ସହ ତା'ଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସମ୍ଭବତଃ ସେ ହିଁ ତାଙ୍କୁ କରିଥିବା କୁହାଯାଉଛି। କିନ୍ତୁ ପୁଲିସ ଏଯାଏ ଏ ସମ୍ପର୍କରେ କିଛି ବି କହିନାହିଁ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# 'ଏକାତ୍ମ ମାନବବାଦ' ସବୁ ସମସ୍ୟାର ସମାଧାନ କରିବ



ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଜୟଦେବ ଭବନ ଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରି କହିଛନ୍ତି ଯେ ଦେଶ ପ୍ରତି ଦୀନଦୟାଲଙ୍କ ଅବଦାନକୁ ସ୍ୱୀକୃତି ଦେଇ ଏବଂ ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ସରକାର ତାଙ୍କ ନାମରେ ଭୁବନେଶ୍ୱରରେ ଏକ ସୁଦୃଶ୍ୟ ପାର୍କ ନିର୍ମାଣ କରିବେ। ସେହି ପାର୍କରେ ପଣ୍ଡିତ ଦୀନଦୟାଲଙ୍କ ଏକ ଲାଇଫ୍ ସାଇଜ୍ ପ୍ରତିମୂର୍ତ୍ତୀ ମଧ୍ୟ ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାରତୀୟ ସାଂସ୍କୃତିକ ବିଚାରଧାରା ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ, ତେବେ ସେ ହେଉଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ଜଣେ ମୌଳିକ ଚିନ୍ତାନାୟକ ଭାବେ ଦେଶ ପ୍ରତି ତାଙ୍କର ଅନେକ ଅବଦାନ ରହିଛି। କିନ୍ତୁ ଇତିହାସରେ ତାଙ୍କୁ ଯେଉଁ ସମ୍ମାନ ମିଳିବାର କଥା, ତାହା ମିଳିପାରି ନାହିଁ। ଆଜି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଭଳି ଜଣେ ମୌଳିକ ଚିନ୍ତାନାୟକଙ୍କ ପ୍ରତି ଉପଯୁକ୍ତ ସମ୍ମାନ ଓ ମର୍ଯ୍ୟଦା ପ୍ରଦାନ କରିବାର ପ୍ରକୃଷ୍ଟ ସମୟ ଆସିଛି ।

ପଣ୍ଡିତଜୀ ହେଉଛନ୍ତି ଏକାତ୍ମ ମାନବବାଦର ପ୍ରବର୍ତ୍ତକ । ଏହି ଏକାତ୍ମ ବାଦକୁ ଅନୁସରଣ କଲେ ବର୍ତ୍ତମାନ ସମାଜରେ ଦେଖା ଯାଉଥିବା ଅନେକ ସମସ୍ୟା ସହଜରେ ସମାଧାନ ହୋଇପାରିବ। ସାମ୍ୟବାଦ ଓ ପୁଞ୍ଜିବାଦର ବାହାରେ ପଣ୍ଡିତ ଦୀନଦୟାଲ ଏକ ଭିନ୍ନ ବିଚାରଧାରାରେ ଏକାତ୍ମ ମାନବବାଦକୁ ଉପସ୍ଥାପିତ କରିଥିଲେ । ଏକାତ୍ମ ମାନବବାଦର ମୂଳମନ୍ତ୍ର ଅନ୍ତ୍ୟୋଦୟର ଦର୍ଶନକୁ ଆମେ ରାଜନୀତିର ମୂଳଭିତ୍ତି ଭାବେ ଗ୍ରହଣ କରିଛୁ । ଅନ୍ତ୍ୟୋଦୟର କଥାକୁ ନେଇ ଆମେ କାମ କରିଚାଲିଛୁ। ପଣ୍ଡିତ ଦୀନଦୟାଲଙ୍କ ବ୍ୟବହାରିକ ଜୀବନ ଥିଲା ଅନ୍ତ୍ୟୋଦୟ ଉପରେ ଆଧାରିତ । ତାଙ୍କର ଏହି ଆଦର୍ଶରେ ଅନୁପ୍ରାଣୀତ ହୋଇ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ'ରେ ସମସ୍ତଙ୍କୁ ସାଥିରେ ନେଇ ବିକାଶର ଲକ୍ଷ୍ୟ ରଖିଛନ୍ତି। ଆମ ସରକାରରେ ସମାଜର ତଳସ୍ତରରେ ଥିବା ଲୋକଙ୍କୁ ସାମ୍‌ନାକୁ ଆଣିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ପଣ୍ଡିତଜୀଙ୍କ ବିଚାରଧାରାକୁ ପାଥେୟ କରି ଆମେ ଜନକଲ୍ୟାଣ ଚିନ୍ତାଧାରାରେ ଚାଲିଛୁ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଶ୍ରୀ ଭୁବନାନନ୍ଦ ତ୍ରିପାଠୀ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ, ଦର୍ଶନ ଓ ରାଜନୈତିକ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ଉପଦେଷ୍ଟା ତଥା ବରିଷ୍ଠ ରାଜନେତା ଗୋଲକ ପ୍ରସାଦ ମହାପାତ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ ହେଉଛି ଏକାତ୍ମ ମାନବବାଦର ଅଂଶବିଶେଷ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ ।

## ନଭେମ୍ବର ୧୬ ମୟୂରଭଞ୍ଜରେ ଛୁଟି

ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ): ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ନଭେମ୍ବର ୧୬ ତାରିଖ (ଶନିବାର)କୁ ମୟୂରଭଞ୍ଜ ଜିଲ୍ଲା ପାଇଁ ସରକାରୀ ଛୁଟି ଘୋଷଣା କରିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ। ପୂର୍ବରୁ ଏହି ଜିଲ୍ଲା ପାଇଁ ନଭେମ୍ବର ୨ ତାରିଖ (ଶୁକ୍ରବାର)କୁ ଦୀପାବଳି ଆଞ୍ଚଳିକ ସରକାରୀ ଛୁଟି ଘୋଷଣା କରାଯାଇଥିଲା। ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରା ଏହି ଦିନକୁ ସରକାରୀ ଆଞ୍ଚଳିକ ଛୁଟି ଘୋଷଣା ନିମନ୍ତେ ପତ୍ର ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥିଲା।

## ଦୁଇ ଶିଶୁଙ୍କ ସଲୀଳ ସମାଧି

କୋରାପୁଟ ୨୫।୯ (ସଂଚାର ବ୍ୟୁରୋ): ପୋଖରୀରେ ବୁଡି ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଛି। କୁମାରପାଲିବା ଗାଁ ନିକଟରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ୪ ବର୍ଷର ଝିଅ ମେଘା କୁମ୍ଭାର ଓ ପୁଅ ଶୁଭମ କୁମ୍ଭାର ଖେଳୁ ଖେଳୁ ଗ୍ରାମ ନିକଟରେ ଥିବା ପୋଖରୀକୁ ଚାଲି ଯାଇଥିଲେ । ପରିବାର ଲୋକେ ଦୁହିଁଙ୍କୁ ଘର ନିକଟରେ ନ ପାଇ ଖୋଜା ଖୋଜି କରିଥିଲେ । ଗ୍ରାମର କିଛି ଲୋକ ଦୁହେଁ ପୋଖରୀ ନିକଟରେ ଖେଳୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସନ୍ଦେହରେ ଅଗ୍ନିଶମ ବାହିନୀକୁ ଖବର ଦେଇ ପୋଖରୀରେ ଖୋଜାଖୋଜି କରିବା ପରେ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

## ଖାକିରେ ଦାଗ ଦୁଇ ଥାନାରେ ମହିଳାଙ୍କୁ ଅସଦାଚରଣ




ଭୁବନେଶ୍ୱର,୨୫।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ ନିର୍ଯାତନା ଦେଇଥିବା ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିବା ବେଳେ ରାଉରକେଲା ଓ କଟକରୁ ୨ ଜଣ ପୁଲିସ କର୍ମଚାରୀଙ୍କ ବିରୋଧରେ ଆସିଛି ଅସଦାଚରଣ ଓ ଦୁର୍ବ୍ୟବହାର ଅଭିଯୋଗ। ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ ଦାସଙ୍କ ନାଁରେ ଆସିଛି ଅସଦାଚରଣ ଅଭିଯୋଗ। ପୁଣି ଆଉ କେହି ନୁହନ୍ତି, ତାଙ୍କ ଥାନାରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ତାଙ୍କ ବିରୋଧରେ ଆଣିଛନ୍ତି ଏହି ଅଭିଯୋଗ। ସଂପୃକ୍ତ ଥାନା ଅଧିକାରୀଙ୍କୁ ରାଉରକେଲା ଏସ୍‌ପି ଅଫିସକୁ ବଦଳି କରି ଦିଆଯାଇଛି। ଏହା ସହିତ ଜଣେ ମହିଳା ଡିଏସ୍‌ପିଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ରାଉରକେଲା ଏସ୍‌ପି ତଦନ୍ତ ଉପରେ ନଜର ରଖିଛନ୍ତି। ଗତ ୫ ଦିନ ମଧ୍ୟରେ ରାଉରକେଲା ସହରରୁ ଦୁଇଟି ନାବାଳିକା ଗଣଦୁଷ୍କର୍ମ ମାମଲା ଆସିଥିବା ବେଳେ ସହରର ଜଣେ ପୁଲିସ ଅଫିସର ଜଣେ ମହିଳା ପୁଲିସ କର୍ମଚାରୀଙ୍କୁ ଅସଦାଚରଣ କରିବା ନେଇ ହୋଇଥିବା ଅଭିଯୋଗ ଘଟଣା ସମସ୍ତଙ୍କୁ ଚକିତ କରିଛି। ସେହିଭଳି କଟକ ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ପୁଲିସ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ସଦର ଥାନାର କାର୍ଯ୍ୟରତ ଓଏପିଫ କର୍ମଚାରୀଙ୍କ ନାଁରେ ସଦର ଥାନାରେ ମାମଲା ରୁଜୁ ହୋଇଛି। ଗତ ୨୨ ତାରିଖ ରାତିରେ କଟକ ସଦର ଥାନା ଅଞ୍ଚଳ ଶଙ୍ଖତରାସ ଗାଁରେ ଏକ ଗଣ୍ଡଗୋଳ ହେଉଥିବା ଖବର ପାଇ ସଦର ଥାନାରୁ ପିସିଆର ଗାଡ଼ି ଯାଇଥିଲା। ସେଠାରେ ପହଞ୍ଚିବା ପରେ ପଚରାଉଚରା କରିବା ସମୟରେ ଅଭିଯୋଗକାରୀ ମହିଳାଙ୍କୁ ଓଏପିଫ କର୍ମଚାରୀ ନିଶାଶକ୍ତ ଅବସ୍ଥାରେ ଦୁର୍ବ୍ୟବହାର କରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ହୋଇ ଉକ୍ତ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଡିସିପି ଅନୀଲ ମିଶ୍ର।

## ସୁଆଣ୍ଡୋ ଯିବେ ଜଳଶକ୍ତି ମନ୍ତ୍ରୀ



ନୂଆଦିଲ୍ଲୀ,୨୫।୯: କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲ ଆସନ୍ତାକାଲି ଓଡିଶା ଗସ୍ତରେ ଆସି ଚାଲିଥିବା ସ୍ୱଚ୍ଛତା ହିଁ ସେବା (ଏସଏଚଏସ) ଅଭିଯାନର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ପରିମଳ, ସ୍ୱଚ୍ଛତା, ଓଡିଏଫ ପ୍ଲସ୍ ମଡେଲ ଘୋଷଣା ଏବଂ ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କ୍ଷେତ୍ରରେ ରାଜ୍ୟର ପ୍ରଦର୍ଶନ ଆକଳନ ଉପରେ ଗୁରୁତ୍ୱ ଦିଆଯିବ। ଏହି ଗସ୍ତର ପ୍ରମୁଖ କାର୍ଯ୍ୟକ୍ରମ ଓଡ଼ିଶାର ବିଶିଷ୍ଟ ସମାଜ ସଂସ୍କାରକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମରେ କେନ୍ଦ୍ରମନ୍ତ୍ରୀ ଏକ ପେଡ୍ ମା କେ ନାମ ଅଧୀନରେ ଏସଏଚ୍‌ଏସ୍ ଅଭିଯାନର ଏକ ଅଂଶ ଭାବରେ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିବେ। ଉତ୍କଳମଣି ସ୍ମାରକୀ ସଂଗ୍ରହାଳୟ ପରିଦର୍ଶନ କରିବା ପରେ ବିଦ୍ୟାଧରପୁର ଗ୍ରାମ ପରିଦର୍ଶନ କରି ବ୍ୟକ୍ତିଗତ ଘରୋଇ ଶୌଚାଳୟ (ଆଇଏଚ୍‌ଏଚ୍‌ଏଲ୍) କାର୍ଯ୍ୟକ୍ରମର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହିତ ଏସବିଏମ୍ (ଜି) ଅଧୀନରେ ସୃଷ୍ଟି ହୋଇଥିବା ବିଭିନ୍ନ ପରିମଳ କାର୍ଯ୍ୟର ଆକଳନ କରିବେ।

# ମଶାଣିକୁ ସାହା ମଶିଣା

## ଅବହେଳିତ କଟକର ସର୍ବ ପୁରାତନ କାଳିଆବୁଦା ସ୍ମଶାନ



କଟକ, ତା ୨୫।୯ (ସଂଚାର ବ୍ୟୁରୋ) ହଜାର ବର୍ଷର ଐତିହାସିକ ସହର କଟକ। ସମଗ୍ର ରାଜ୍ୟ ସମେତ ଦେଶ ତଥା ବିଶ୍ୱରେ କଟକ ସହରର ସ୍ୱତନ୍ତ୍ର ପରିଚୟ ରହିଛି। ଗତ କିଛି ଦିନ ତଳେ ଏକ ମଶାଣିରେ ଅର୍ଦ୍ଧଦଗ୍ଧ ମଣିଷ ମୁଣ୍ଡକୁ ବୁଲା କୁକୁର ଝୁଣି ଖାଇବାର ଚିତ୍ର ସୋସିଆଲ ମିଡିଆ ଓ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ସମସ୍ତଙ୍କୁ ଚକିତ କରିବା ପରେ ବର୍ତ୍ତମାନ ସେହି ସ୍ମଶାନର ପୁଣି ଏକ ଚିତ୍ର ସ୍ଥାନୀୟ ପ୍ରଶାସନର କାର୍ଯ୍ୟ ଦକ୍ଷତାକୁ ଚର୍ଚ୍ଚା ଘେରକୁ ଟାଣିବା ସହ ସମସ୍ତଙ୍କୁ ଚକିତ କରିଛି। କଟକର ସର୍ବ ପୁରାତନ ସ୍ମଶାନ ହେଉଛି କାଳିଆବୁଦା ସ୍ମଶାନ। ଶବ ଦାହ ପାଇଁ ଏହା ଯେତିକି ପରିଚିତ ପାଖରେ ଥିବା ମା' କାଳୀଙ୍କ ମନ୍ଦିର ମଧ୍ୟ ସେତିକି ବିଖ୍ୟାତ। ହେଲେ ଦୀର୍ଘଦିନ ଧରି ଅବହେଳିତ ଏବଂ ପରିତ୍ୟକ୍ତ ଅବସ୍ଥାରେ ଏହି ସ୍ମଶାନ। ପ୍ରଶାସନିକ ଅବହେଳା ତଥା ବେପରୁଆ ମନୋଭାବ ଯୋଗୁଁ ଏହି ସ୍ମଶାନ ବର୍ତ୍ତମାନ ଏଭଳି ବିକଟାଳ ରୂପ ନେଇଛି ଯେଉଁଥିପାଇଁ ଭଗବାନଙ୍କ ନିକଟକୁ ଆସିବା ପାଇଁ ମଧ୍ୟ ଲୋକେ ଭୟଭୀତ ହେଉଛନ୍ତି। ଏହି ଫଟୋଚିତ୍ରଟି ହେଉଛି କଟକର ସର୍ବ ପୁରାତନ ସ୍ମଶାନ କାଳିଆବୁଦାର। ଯାହା କେବଳ ଏହି ଐତିହାସିକ ସହରର ସର୍ବ ପୁରାତନ ସ୍ମଶାନ ନୁହେଁ ବରଂ ଏହି ମହାସ୍ମଶାନ ମାଳିକା ରଚିତ ବୋଲି ସ୍ଥାନୀୟ ବାସିନ୍ଦା କୁହନ୍ତି। ହେଲେ ବର୍ତ୍ତମାନ ଏହି ମହାସ୍ମଶାନ ସତେ ଯେମିତି ଚିରନିଦ୍ରା ପାଇଁ ନିଜର ଶେଷ ନିଶ୍ୱାସକୁ ଅପେକ୍ଷା କରିଛି। ଯାହାର ବାସ୍ତବ ରୂପ ବୁଧବାର ଦିନ ଏକ ଶବଦାହରୁ ସାମ୍ନାକୁ ଆସିଛି। ଗତ ବୁଧବାର ଦିନ କିଛି ଲୋକ ଶବଦାହ ପାଇଁ ଆସିଥିଲେ। ଶବଦାହ ଗୃହର ଦୟନୀୟ ଅବସ୍ଥା ପାଇଁ ଶବଦାହ ଗୃହ ପରିବର୍ତ୍ତେ ସ୍ମଶାନ ଭିତରେ ଥିବା ଖୋଲା ସ୍ଥାନରେ ଶବଦାହ କରିଥିଲେ। ହେଲେ ଠିକ ସେହି ସମୟରେ ବର୍ଷା ଆରମ୍ଭ ହୋଇଥିଲା ଏବଂ ତଳ ମାଟିରେ ମଧ୍ୟ ପୂର୍ବରୁ ପାଣି ଜମି ରହିଥିଲା। ଯାହା ଫଳରେ ଶବଟିକୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଛାଡି ସେମାନେ ଚାଲି ଯାଇଥିଲେ। ଶେଷରେ ସ୍ମଶାନରେ ନିୟୋଜିତ କିଛି ସମାଜସେବୀ ଏହି ଅର୍ଦ୍ଧଦଗ୍ଧ ଶବଟିକୁ ଦାହ କରିଥିଲେ। ବର୍ଷର ତୀବ୍ରତା ଅଧିକ ଥିବାରୁ ତଥା ଉପରେ ଛାତ ନ ଥିବାରୁ ଏକ ମଶିଣା ସାହାଯ୍ୟରେ ଖୁବ କଷ୍ଟରେ ଶବ ପୋଡା ଯାଇଥିଲା। କଟକର ସର୍ବ ପୁରାତନ ସ୍ମଶାନରେ ଏଭଳି ପ୍ରଶାସନିକ ଅବହେଳା ପାଇଁ ବିଗତ ଦିନରେ ଅର୍ଦ୍ଧଦଗ୍ଧ ମୁଣ୍ଡ କୁକୁର ଖାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସିଏମସି ପକ୍ଷରୁ ଉକ୍ତ ସ୍ମଶାନରେ ନାମକୁ ମାତ୍ର ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ସହରର ସର୍ବ ପୁରାତନ ତଥା ମାଳିକା ରଚିତ ସ୍ମଶାନ ର ଏଭଳି ଚିତ୍ର ବାରମ୍ବାର ଲୋକ ଲୋଚନକୁ ଆସିବା ଦ୍ୱାରା ସହର ସମ୍ମାନ ଉପରେ ପ୍ରଶ୍ନ ଉଠିବା ସହ ସ୍ଥାନୀୟ ପ୍ରଶାସନ ଓ ସିଏମସି ପାଇଁ ଲଜ୍ଜାର ବିଷୟ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

# ଦରବୃଦ୍ଧି ରୋକିବାରେ ସରକାର ବିଫଳ



ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ): ଆଜି ଶଙ୍ଖ ଭବନ ଠାରେ ନୂଆପଡା ଜିଲ୍ଲା ର ନିର୍ବାଚିତ ପ୍ରତିନିଧି ଓ ପଦାଧିକାରୀ ମାନଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନ କୁ ମଜବୂତ କରିବା ସମ୍ପର୍କ ରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ଉଦବୋଧନ ଦେଇ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାର ର ୨୪ବର୍ଷ ଶାସନରେ ରାଜ୍ୟ ର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା। ନୂଆପଡା ର ବିକାଶ ପାଇଁ ବିଜେଡି ସରକାର ସମୟ ରେ ଅନେକ କାମ ହୋଇଛି।

ଦରଦାମ ବୃଦ୍ଧି ଉପରେ ଆଲୋକପାତ କରି ପଟ୍ଟନାୟକ କହିଥିଲେ ଯେ ପନିପରିବା ଠାରୁ ଆରମ୍ଭ କରି ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ର ଦରବୃଦ୍ଧି ଏବେ ଚିନ୍ତାଜନକ। ଏହାକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି ବୋଲି ପଟ୍ଟନାୟକ କହିବା ସହ ସାଧାରଣ ଲୋକଙ୍କ ସୁଖ ଦୁଃଖ ରେ ସାମିଲ ହୋଇ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।।

ପଟ୍ଟନାୟକ କହିଥିଲେ ବିଜେଡି ସରକାର ରେ ଥିବା ବେଳେ ଲୋକଙ୍କ ପାଇଁ ଅନେକ ଭଲ କାମ କରିଥିଲା। ଲୋକଙ୍କ ଭଲ ପାଇବା ଏବେବି ଆମ ସହିତ ରହିଛି। ତେଣୁ ଲୋକଙ୍କ ସେବା ଜାରି ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ରାଜେନ୍ଦ୍ର ଢୋଲକିଆ ,ବିଧାୟକ ଅଧୀରାଜ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ପଂଚାୟତ ପ୍ରତିନିଧି ମାନେ ଉଦବୋଧନ ଦେଇ ବିଜେଡି କୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପ ବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରଥିଲେ।

## ମେଡିକାଲ୍ କଲେଜ ଟେଣ୍ଡରରେ ବିଭ୍ରାଟ !

ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ): ପୂର୍ବ ସରକାରକୁ ଅନୁକରଣ କରୁଛନ୍ତି ବର୍ତ୍ତମାନର ବିଜେପି ସରକାର। ରାଜ୍ୟର ଆଠ ମେଡିକାଲ କଲେଜ ଓ ହସ୍ପିଟାଲ ଟେଣ୍ଡରକୁ ନେଇ ଏଭଳି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡିଆ ଠିକାଦାରଙ୍କୁ ଟେଣ୍ଡର ପ୍ରକ୍ରିୟାରୁ ବାଦ ଦେଇ କିଛି ନିର୍ଦ୍ଦିଷ୍ଟ କମ୍ପାନୀଙ୍କୁ ଲକ୍ଷ୍ୟ ରଖି ଯେଉଁଭଳି ପୂର୍ବ ସରକାର ଟେଣ୍ଡର ଆହ୍ୱାନ କରୁଥିଲେ, ବର୍ତ୍ତମାନର ରାଜ୍ୟ ସରକାର ମଧ୍ୟ ସମାନ ଚାଲାକି କରୁଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଥାଉ କି ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ରାଜ୍ୟର ଆଠଟି ମେଡିକାଲ କଲେଜ ଏବଂ ହସ୍ପିଟାଲର ପରିଚାଳନା ଦାୟିତ୍ୱ ଘରୋଇ କମ୍ପାନୀଙ୍କୁ ଦେବାକୁ ଟେଣ୍ଡର ଆହ୍ୱାନ କରିଛି । ଗତବର୍ଷ ଟେଣ୍ଡରରେ ଏଭଳି ସର୍ତ୍ତ ରଖାଯାଇଥିଲା, ଯାହାଦ୍ୱାରା ଓଡ଼ିଶାର କୌଣସି ସଂସ୍ଥା ଟେଣ୍ଡରରେ ଉତ୍ତୀର୍ଣ୍ଣ ହେବାକୁ ଯୋଗ୍ୟ ବିବେଚିତ ହୋଇନଥିଲେ । ଉକ୍ତ ଟେଣ୍ଡର ଗୁଡ଼ିକ ଓଡ଼ିଶା ବାହାରର ସଂସ୍ଥା ମୁଖ୍ୟତଃ ଦକ୍ଷୀଣ ଭାରତୀୟ ସଂସ୍ଥାଙ୍କୁ ସୁହାଇଲା ଭଳି ଟେଣ୍ଡର ପ୍ରକାଶିତ ହୋଇଥିଲା । ଦୁଇଟି ଦକ୍ଷୀଣ ଭାରତୀୟ ସଂସ୍ଥା ମଧ୍ୟ ଫାଇନାନ୍ସିଆଲ୍ ବିଡରେ ଉତ୍ତୀର୍ଣ୍ଣ ହୋଇଥିଲେ । ସରକାର ବଦଳିବା ପରେ ଏହି ଟେଣ୍ଡର ଗୁଡ଼ିକୁ ରଦ୍ଧ କରିଦିଆଯାଇଥିଲା । ଏବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ମଧ୍ୟ ସମାନ ଢାଞ୍ଚାରେ ଉକ୍ତ ଟେଣ୍ଡର ଗୁଡ଼ିକୁ ଆହ୍ୱାନ କରାଯାଇଛି। ଟେଣ୍ଡରେ ଏଭଳି ସର୍ତ୍ତ ରଖାଯାଇଚି ଯାହାଦ୍ୱାରା ଓଡିଶାର କୌଣସି କମ୍ପାନୀ ଆବେଦନ କରିପାରିବେ ନାହିଁ। ଅଭିଯୋଗ ହେଉଛି କିଛି ନିର୍ଦ୍ଦିଷ୍ଟ ରାଜ୍ୟ ବାହାରର ସଂସ୍ଥାକୁ ଦୃଷ୍ଟିରେ ରଖି ଏଭଳି ସର୍ତ୍ତ ରଖାଯାଇଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ସରକାରକୁ ଆସିଥିବା ବିଜେପି ଶାସନରେ ମଧ୍ୟ ଏଭଳି କାର୍ଯ୍ୟ କରାଯାଉଥିବାରୁ ଅସନ୍ତୋଷ ସୃଷ୍ଟି ହେଉଛି। ଏସସିବି ସମେତ ଆଠଟି ମେଡିକାଲ କଲେଜ ଓ ହସ୍ପିଟାଲର ପରିଚାଳନା ଦାୟିତ୍ୱ ନେବାକୁ ଆଗ୍ରହୀ କିଛି ଘରୋଇ କମ୍ପାନୀ ସରକାରଙ୍କ ଏଭଳି ଫିକ୍ସିଂ-ଟେଣ୍ଡରକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ରାଜସ୍ୱ ବକେୟା ୨୩ ହଜାର କୋଟିରୁ ଅଧିକ




ଭୁବନେଶ୍ୱର,୨୫।୯: ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବିଭିନ୍ନ ସଂସ୍ଥା ବିରୋଧରେ ବ୍ୟବସାୟିକ ସଂସ୍ଥାଗୁଡିକର ୨୩, ୩୦୭.୯୩ କୋଟି ଟଙ୍କାର ଟିକସ ରାଜସ୍ୱ ବକେୟା ରହିଛି। ସରକାରୀ ତଥ୍ୟ ଅନୁଯାୟୀ ମୋଟ ୨୩, ୩୦୭.୯୩ କୋଟି ଟଙ୍କାର ବକେୟା ରାଜସ୍ୱ ମଧ୍ୟରୁ ୬୯୧୯ କୋଟି ଟଙ୍କା ବିଭିନ୍ନ ଅଦାଲତରେ ବିଚାରାଧୀନ ମାମଲା ଯୋଗୁଁ ଅଟକି ରହିଛି।

୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୨୪୧.୨ କୋଟି ଟଙ୍କାର ବାଣିଜ୍ୟିକ ଟିକସ, ୧୭.୩୩ କୋଟି ଟଙ୍କାର ମୋଟର ଯାନ ଟିକସ, ୧୮୫୯.୧୪ କୋଟି ଟଙ୍କାର ଖଣି ରାଜସ୍ୱ ଏବଂ ୮୦୧.୩୩ କୋଟି ଟଙ୍କାର ବିଦ୍ୟୁତ ବକେୟା ଅଦାଲତରେ ଅଟକି ରହିଛି। ଗତ ମାର୍ଚ୍ଚ ଶେଷ ସୁଦ୍ଧା ସମୁଦାୟ ୧୨, ୨୫୬.୯୦ କୋଟି ଟଙ୍କାର ନିଜସ୍ୱ ଟିକସ ରାଜସ୍ୱ ଏବଂ ୧୧,୦୫୧.୦୩ କୋଟି ଟଙ୍କାର ଅଣଟିକସ ରାଜସ୍ୱ ଆଦାୟ ହୋଇପାରିନାହିଁ। ବାଣିଜ୍ୟିକ ଟିକସ ବାବଦରେ ବକେୟା ଥିବା ରାଜସ୍ୱ ମଧ୍ୟରୁ ସର୍ବାଧିକ ୧୦, ୩୦୨.୬୪ କୋଟି ଟଙ୍କା, ବିଦ୍ୟୁତ ଶୁଳ୍କ ୧୨୧୦.୧୫ କୋଟି ଟଙ୍କା, ମୋଟରଯାନ ଟିକସ ୪୦୦.୮୬ କୋଟି ଟଙ୍କା, ଅବକାରୀ ଟିକସ ୩୨.୯୬ କୋଟି ଟଙ୍କା ଏବଂ ଜମିଜମା ରାଜସ୍ୱ ବାବଦରେ ୩୧୦.୨୯ କୋଟି ଟଙ୍କା ରହିଛି।

ସେହିପରି ୧୮୮୮.୭୦ କୋଟି ଟଙ୍କାର ଖଣି ରାଜସ୍ୱ, ୯୧୪୦.୬୭ କୋଟି ଟଙ୍କାର ଜଳ କର (ଶିଳ୍ପ) ଏବଂ ୨୧.୬୭ କୋଟି ଟଙ୍କାର ଜଳ କର (ଜଳସେଚନ) ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଗଚ୍ଛିତ। ଗତ ୪ଟି ଆର୍ଥିକ ବର୍ଷରେ ରାଜ୍ୟ ୫୦, ୧୭୫ କୋଟିରୁ ଅଧିକ ରାଜସ୍ୱ ଆଦାୟ କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ୧୦୭୩୧.୪୪ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ୨୧୮୯୮.୫୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୬୧୩୦.୮୪ କୋଟି ଟଙ୍କା ଓ ଗତ ଆର୍ଥିକ ବର୍ଷରେ ୧୪୧୪.୩୩ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବକେୟା ରାଜସ୍ୱ ପରିମାଣ ୨୨, ୫୩୫.୯୦ କୋଟି ଟଙ୍କା ଥିବା ବେଳେ ୨୦୨୧-୨୨ରେ ଏହା ୨୩, ୯୩୮.୫୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ୨୨, ୨୬୨.୯୨ କୋଟି ଟଙ୍କାର ରାଜସ୍ୱ ବକେୟା ଥିବା ବେଳେ ୨୦୨୪ ମାର୍ଚ୍ଚ ସୁଦ୍ଧା ଏହା ପୁଣି ୨୩୩୦୭.୯୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବକେୟା ରାଜସ୍ୱକୁ ଉପଲବ୍ଧି କରିବା ପାଇଁ ରାଜ୍ୟ ସରକାର ପାରସ୍ପରିକ ଆଲୋଚନା ମାଧ୍ୟମରେ ଅଦାଲତ ବାହାରେ ଏକକାଳୀନ ସମାଧାନ (ଓଟିଏସ୍) ଏବଂ ପାରସ୍ପରିକ ଆଲୋଚନା ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନଙ୍କଠାରୁ ବକେୟା ଆଦାୟ ପାଇଁ ରାଜ୍ୟ ବିବାଦ ସମାଧାନ କମିଟି ଗଠନ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ନିୟମିତ ବ୍ୟବଧାନରେ ରାଜସ୍ୱ ଆଦାୟର ସମୀକ୍ଷା ବୈଠକ କରି ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଉଛନ୍ତି। ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟରେ ବିଚାରାଧୀନ ବାଣିଜ୍ୟିକ ଟିକସ ଆଦାୟ ପାଇଁ ସରକାର ଠିକ୍ ସମୟରେ ସତ୍ୟପାଠ ଦାଖଲ କରି ମାମଲାଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। (ତଥ୍ୟ)

## ତାତିଲେ ବାଲି ମାଫିଆ ; ଖଣି ଅଧିକାରୀଙ୍କୁ ପିଟିଲେ



କୋରାପୁଟ,୨୫।୯ (ସଂଚାର ବ୍ୟୁରୋ): ବାଲି ମାଫିଆଙ୍କ ଦାଦାଗିରି। ଗାଡ଼ି ଯାଞ୍ଚ ବେଳେ ଖଣି ଅଧିକାରୀଙ୍କୁ ମାଫିଆମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି କୋରାପୁଟ ଟାଉନରେ। ଆହତ ଖଣି ଅଧିକାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାଯାଇଛି। ୬ଟି ହାଇୱା ଓ ଗୋଟିଏ ଟ୍ରାକ୍ଟରରେ ଚୋରାବାଲି ଚାଲାଣ ହେଉଥିବା ଖଣି ଅଧିକାରୀ କୌଣସି ସୂତ୍ରରୁ ଖବର ପାଇଥିଲେ। ଆଜି ସକାଳେ ଆସିଷ୍ଟାଣ୍ଡ ମାଇନିଂ ଅଫିସର ଓ ଷ୍ଟାପମାନେ ଖଣି କାର୍ଯ୍ୟାଳୟ ନିକଟ ଦେଇ ଯାଇଥିବା ରାଜପଥରେ ଚେକିଂ କରୁଥିଲେ। ଏହି ସମୟରେ ୬ଟି ହାଇୱା ଓ ଗୋଟିଏ ଟ୍ରାକ୍ଟରକୁ ଖଣି ଅଧିକାରୀ ଅଟକାଇଥିଲେ ଓ ଗାଡ଼ିର କାଗଜ ପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଆସିଷ୍ଟାଣ୍ଡ ମାଇନିଂ ଅଫିସରଙ୍କୁ ଜଣେ ବାଲି ମାଫିଆ ଆସି ଅସଭ୍ୟ ଭାଷାରେ ଗାଳି ଦେବା ସହ ଆକ୍ରମଣ କରିଥିଲେ। ଏହା ଦେଖି ଅନ୍ୟ କର୍ମଚାରୀମାନେ ପୁଲିସକୁ ଫୋନ୍ କରି ଘଟଣା ସଂପର୍କରେ ଜଣାଇଥିଲେ। କୋରାପୁଟ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୬ଟି ହାଇୱା ଓ ଗୋଟିଏ ଟ୍ରାକ୍ଟରକୁ ଅଟକ ରଖିଛି। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର